

# ଦୁଇଟି ନଗରୀର କାହାଣୀ

କଟକ

# ଦୁଇଟି ନଗରୀର କାହାଣୀ

ଚାର୍ଲସ୍ ଡିକେନ୍ସ୍

✱

ଅନୁବାଦ କରିଛନ୍ତି

ଶ୍ରୀ ଲକ୍ଷ୍ମୀ ନାରାୟଣ ମହାନ୍ତି

( ଅନ୍ତର୍ଜାତିକ ପି. ଇ. ଏନ୍.ର ସଦସ୍ୟ )

—ପ୍ରକାଶକ—

ପ୍ରଗତି ସାହିତ୍ୟ ମନ୍ଦିର

ଦେଉଳସାହି, କଟକ—୧

ପ୍ରଥମ ପ୍ରକାଶନ—୧୯୫୫

ମୂଲ୍ୟ— ଟ ୧ ୨

—ମୁଦ୍ରାକର—

ଶ୍ରୀ ଚନ୍ଦ୍ରମଣି ଦାସ,
ପ୍ରଗତି ପ୍ରେସ,
ଦେଉଳସାହି, କଟକ—୧

—ପ୍ରକାଶକ—

ଶ୍ରୀ ଉମାଚରଣ ଦାସ
ପ୍ରଗତି ସାହିତ୍ୟ ମନ୍ଦିର, କଟକ—୧

( ଚାର୍ଲସ ଡିକେନ୍ସଙ୍କର ଅମର ଲେଖନୀ ନିସୃତ ବିଶ୍ୱ-ବିଖ୍ୟାତ ଉପନ୍ୟାସ 'ଏ ଟେଲ୍ ଅଫ୍ ଟୁ ସିଟିଜ୍'ର ସଂକ୍ଷିପ୍ତ ଭାଷାନ୍ତର )

ଶ୍ରୀଯୁକ୍ତ ବଂଶୀଧର ମହାନ୍ତି,

ପୂଜନୀୟେଷୁ

# ପରିଚୟ

୧୮୧୨ ଖ୍ରୀଷ୍ଟାବ୍ଦରେ ଇଂଲଣ୍ଡର ପ୍ରସିଦ୍ଧ ବନ୍ଦର ପୋର୍ଟସମାଉଥ ଠାରେ ଚାର୍ଲସ ଡିକେନ୍ସ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ଶୈଶବାବସ୍ଥାରେହିଁ ତାଙ୍କ ପିତାଙ୍କର ବନ୍ଦରର ଚାକରୀ ଛୁଟିଗଲା ଏବଂ ସେ ଲଣ୍ଡନକୁ ଜୀବିକା ଅର୍ଜନ ପାଇଁ ଆସିଲେ । ଏଠାରେ ତାଙ୍କର ଅବସ୍ଥା ଅତ୍ୟନ୍ତ ଖରାପ ହୋଇଗଲା, ଏପରିକି ଅଧିକାଂଶ ଦିନେ ସେମାନେ ଦିବେଳା ଏ ବି ଖାଇବାକୁ ପାଇଲେ ନାହିଁ ।

ଡିକେନ୍ସ ଯେତେବେଳେ ଲେଖନୀ ଧାରଣ କଲେ, ସେତେବେଳେ ଇଂଲଣ୍ଡର କଥା ସାହିତ୍ୟରେ ରସିକତାର ସ୍ଥାନ ଖୁବ୍ ଉଚ୍ଚରେ ଥିଲା । ତେଣୁ ସେ ମଧ୍ୟ ସେହି ଚିରାଚରିତ ପଥରେ ଯିବାକୁ ଆରମ୍ଭ କଲେ । ପ୍ରଥମ ଯୌବନରେ ସେ ନିଜ ରଚନା ଧରି ଲୁଚି ଲୁଚି ଯାଇ ମାସିକ ପତ୍ରିକା ଅଫିସରେ ଦେଇ ଆସୁଥିଲେ ଏବଂ ତାର ଫଳାଫଳ ପାଇଁ ଅପେକ୍ଷା କରି ରହୁଥିଲେ । ସେତିକି ବେଳକୁ ତାଙ୍କ ପ୍ରତିଭାର ପରିଚୟ ମିଳିଥିଲା । ତାଙ୍କୁ ଚବିଶ ବର୍ଷ ବୟସରେ ତାଙ୍କର ବିଶ୍ୱ-ବିଖ୍ୟାତ ବ୍ୟଙ୍ଗ ରଚନା 'ପିକ୍‌ଉଇକ୍ ପେପରସ୍' ସମଗ୍ର ପୃଥିବୀରେ ହଲଚଲ ପକାଇ ଦେଇଥିଲା । ଏପରି ସତେଜ ନିର୍ମଳ ରସିକତା, ମାନବ ଚରିତ୍ରରେ ଅନ୍ତର୍ଦୃଷ୍ଟିର ପରିପୂର୍ଣ୍ଣ ବିକାଶ ଏବଂ ସାହିତ୍ୟ ରସ ମଧୁର ରଚନା ଇଂରେଜୀ ସାହିତ୍ୟରେ ପୂର୍ବରୁ ନ ଥିଲା । ବିରାଟ ପୁସ୍ତକ, ଅଜସ୍ର ଚରିତ୍ର । ମାତ୍ର କୌଣସିଟି ଚରିତ୍ର ପାଙ୍ଗୁ ନୁହେଁ କି କେହି ଜନ ଗହଳି ଭିତରେ ହଜି ଯାଆନ୍ତି ନାହିଁ । ବହିଟି ପଢି ସାରିଲେ ମନ ମାଧୁର୍ଯ୍ୟ ରସରେ ପରିପୂର୍ଣ୍ଣ ହୋଇଯାଏ । ବହିଟିର ପ୍ରଥମ ଖଣ୍ଡ ମାତ୍ର ଚାରି ଶହ ମୁଦ୍ରିତ ହୋଇଥିବା ସ୍ଥଳେ, ତା ର ପଞ୍ଚଦଶ ଖଣ୍ଡର ମୁଦ୍ରଣ ସଂଖ୍ୟା ଚାଳିଶ ହଜାରକୁ ଉଠି ଯାଇଥିଲା ।

ତା ପରେ ଦେଖାଦେଲା ଖଣ୍ଡିଏ ଉଦ୍ଦେଶ୍ୟମୂଳକ ସ୍ୱାଅରଙ୍ଗ ଉପନ୍ୟାସ 'ଅଲିଭର ଟୁଇଷ୍ଟ'। ସେତେବେଳେ ଇଂଲଣ୍ଡରେ ଅନାଥାଶ୍ରମ ସମ୍ବନ୍ଧରେ ଉଦ୍ଭଟ ଆଇନର ପ୍ରଚଳନ ହେତୁ ଯେଉଁସବୁ ବୀଭତ୍ସ ଘଟଣା ଘଟୁଥିଲା, ସେ ତାହା ବିରୁଦ୍ଧରେ କଲମ ଉଠାଇଲେ। ଏହି ପୁସ୍ତକଟି ଇଂରେଜମାନଙ୍କ ପ୍ରାଣରେ ଏମିତି ଆଘାତ ହାଣିଲା ଯେ ସରକାରଙ୍କୁ ବାଧ୍ୟ ହୋଇ ସେହିସବୁ ଆଇନ ବଦଳାଇବାକୁ ପଡ଼ିଲା। ଏହା ମଧ୍ୟ ଏକ ଜନପ୍ରିୟ ଛାୟାଚିତ୍ରରେ ପରିଣତ ହୋଇଛି।

'ନିକୋଲାସ ନିକେଲ୍‌ବି' ବାହାରିବା ମାତ୍ରେ, ତାହା ଦାବାନଳ ପରି ଚାରିଆଡ଼େ ଖେଳିଗଲା। ସେଥିରେ ଥିଲା ଚିର-ପରିଚିତ ଓ ଚିର ପୁରାତନ ଲଣ୍ଡନର ଚିତ୍ର। ତଥାପି ପାଠକ ମହଲରେ ଧାରଣା ଜନ୍ମିଲା ଯେ ଲଣ୍ଡନରେ ଅନେକ ବିଷୟ ଏହି ପ୍ରଥମେ ସେମାନଙ୍କର ଦୃଷ୍ଟିଗୋଚର ହେଲା।

୧୮୪୦ ଖ୍ରୀଷ୍ଟାବ୍ଦରେ ସେ 'ମାଷ୍ଟର ହାମ୍ଫ୍ରିଙ୍କ କ୍ଲକ୍' ନାମରେ ଖଣ୍ଡିଏ ପତ୍ରିକା ପ୍ରକାଶ କଲେ। ସେହି ପତ୍ରିକାରେ ଯେତେବେଳେ ତାଙ୍କର କରୁଣ କାହାଣୀ 'ଓଲ୍ଡ କ୍ୟୁରିଓସିଟୀ ଶପ୍' ବାହାରିଲା, ସେତେବେଳେ ତାଙ୍କର ଖ୍ୟାତି ଆମେରିକାକୁ ବ୍ୟାପିଗଲା। ଏହି ପତ୍ରିକାରେ 'ବାରନାବୀରଜ' ମଧ୍ୟ ବାହାରିଥିଲା। ମାତ୍ର ଏହି ରଚନାଟି ଶେଷ ହୋଇଯିବା କ୍ଷଣି ସେ ପତ୍ରିକା ବନ୍ଦ କରିଦେଲେ।

ତା ପରେ ସେ ଆମେରିକାକୁ ଯାତ୍ରା କଲେ ଏବଂ ସେଠାରେ ଅପରିମିତ ପ୍ରଶଂସା ଲାଭ କରିଥିଲେ। ଜଣେ ଯୁବକ ସାହିତ୍ୟିକଙ୍କ ପକ୍ଷରେ ଏହା କମ୍ ଗୌରବର କଥା ନୁହେଁ!

ଆମେରିକାରୁ ଫେରି ସେ 'ଆମେରିକାନ ନୋଟ୍ସ୍' ଓ 'ମାର୍ଟିନ ଚୁଜ୍‌ଲ୍‌ଉଇର୍ଟ' ପ୍ରକାଶିତ କରିଥିଲେ । କିନ୍ତୁ ଦ୍ୱିତୀୟଟି ବେଶୀ ବିକ୍ରୀ ହୋଇ ନ ଥିଲା ।

ଏହି ସମୟରେ ତାଙ୍କ ଲିଖିତ ପୁସ୍ତକ ଗୁଡିକର ଜାଲ୍-ସଂସ୍କରଣ ବାହାରିବାରୁ, ବିଚାରାଳୟରେ କେତେ ଗୁଡ଼ିଏ ମକଦ୍ଦମା କରି ତାଙ୍କୁ ଏହି କୁପ୍ରଥା ଲୋପ କରିବାକୁ ହୋଇଥିଲା ।

କିଛି ଦିନ ୟୁରୋପରେ ଭ୍ରମଣ କରି ଦେଶକୁ ଫେରି ଆସି ସେ 'ଡେଭିଡ୍ କପାରଫିଲ୍ଡ୍' ଆରମ୍ଭ କଲେ । ଜନପ୍ରିୟତାରେ ତାହା ତାଙ୍କର ସବୁ ବହିକୁ ଟପିଗଲା, କାରଣ ଏଥିରେ ତାଙ୍କ ନିଜ ଶୈଶବର ଚିତ୍ର ପ୍ରତିଫଳିତ ହୋଇଛି । ସେ ଥରେ କହିଥିଲେ—ମୋର ସବୁଠାରୁ ପ୍ରିୟ ରଚନା ହେଉଛି 'ଡେଭିଡ୍' । ମାତ୍ର 'ଏ ଟେଲ୍ ଅଫ୍ ଟୁ ସିଟିଜ୍' ନିଃସନ୍ଦେହରେ ଦ୍ୱିତୀୟ ସ୍ଥାନ ପାଇବାର ଯୋଗ୍ୟ ।

୧୮୫୨ ଖ୍ରୀଷ୍ଟାବ୍ଦରେ ତତ୍କାଳୀନ ବିଚାରାଳୟର ଅଦ୍ଭୁତ ଓ ନିଷ୍ଠୁର ବିଚାର—ପଦ୍ଧତିକୁ ଆଘାତ କରିବା ପାଇଁ ତାଙ୍କର 'ବ୍ଲିକ୍-ହାଉସ୍' ପ୍ରକାଶିତ ହେଲା ।

ଏହି ସମୟରେ ସେ ନିଜ ରଚନାରୁ ବିଶେଷ ବିଶେଷ ଅଂଶ ଆବୃତ୍ତି କରି ଅର୍ଥାଗମର ଏକ ନୂତନ ପନ୍ଥା ଆବିଷ୍କାର କଲେ । ଏହା ଦ୍ୱାରା ସେ ପ୍ରଚୁର ଅର୍ଥ ଉପାର୍ଜନ କରିବାକୁ ଲାଗିଲେ, ଏପରିକି ଗୋଟିଏ ଗୋଟିଏ ରାତିରେ ସେ ଦୁଇ ବା ଅଢ଼ାଇ ହଜାର ଟଙ୍କା ଆୟ କଲେ । ଦେଶ ଛାଡ଼ି ସେ ବିଦେଶକୁ ଗଲେ ଏବଂ କେବଳ ଆମେରିକାରେହିଁ ସେ ପ୍ରାୟ ତିନି ଲକ୍ଷ ଟଙ୍କା ଉପାର୍ଜନ କରିଥିଲେ । କିନ୍ତୁ ଏହା ଫଳରେ ତାଙ୍କ ଶରୀର ଭାଙ୍ଗି ପଡ଼ିବାକୁ ଲାଗିଲା । ପୁଅ ଝିଅଙ୍କର

ଭବିଷ୍ୟତ ପାଇଁ ସେ ଆଠ ହଜାର ପାଉଣ୍ଡର ଗୋଟିଏ ଅବୃତ-ଚୁକ୍ତି ସମ୍ପାଦନ କରିଥିଲେ, ମାତ୍ର ସେ ତାହା ରକ୍ଷି ପାରିଲେ ନାହିଁ ।

'ଅନ୍‌କମାର୍ସିୟାଲ ଟ୍ରାଭେଲର', 'ଆୱାର ମ୍ୟୁଚୁୟାଲ ଫ୍ରେଣ୍ଡ' ଓ 'ଗ୍ରେଟ୍ ଏକ୍ସପେକ୍ଟେସାନ୍ସ' ହେଉଛନ୍ତି ତାଙ୍କ ଶେଷ ଜୀବନର ରଚନା, 'ମିଷ୍ଟ୍ରି ଅଫ୍ ଏଡ୍‌ୱିନ୍ ଡ୍ରୁଡ୍' ସେ ଶେଷ କରି ପାରି ନ ଥିଲେ ।

ତାଙ୍କ ଶେଷ ଜୀବନ ସମ୍ପର୍କରେ ଗୋଟିଏ ମଜା କାହାଣୀ ଅଛି । ମୃତ୍ୟୁ ପୂର୍ବରୁ ଦିନେ ସେ ଜଣେ ଭଦ୍ରଲୋକଙ୍କ ପାଖରୁ ଖଣ୍ଡିଏ ଚିଠି ପାଇଲେ । ସେଥିରେ ସେ ସେ ଲେଖିଥିଲେ ସେ କାଳେ ପ୍ରଥମ ଜୀବନରେ ଅତି ଦରିଦ୍ର ଥିଲେ, କିନ୍ତୁ ଡିକେନ୍‌ସଙ୍କ ସାହିତ୍ୟରୁ ଯେଉଁ ଅପୂର୍ବ ପ୍ରେରଣା ଓ ଉଜ୍ଜ୍ୱଳ ଆଦର୍ଶ ସେ ଲାଭ କରିଥିଲେ ତାହାର ବଳରେ ସେ ଆଜ ଜୀବନ-ଯୁଦ୍ଧରେ ଜୟୀ ହୋଇଛନ୍ତି । ତେଣୁ ତାଙ୍କର ସକଳ ସୌଭାଗ୍ୟର ମୂଳ ଡିକେନ୍‌ସଙ୍କୁ ସେ କିଛି ଉପହାର ନ ଦେଇ ରହି ପାରୁ ନାହାନ୍ତି । ସେହି ଚିଠି ସହିତ ପାଞ୍ଚ ଶହ ପାଉଣ୍ଡର ଖଣ୍ଡିଏ ନୋଟ ଥିଲା । କିନ୍ତୁ ଡିକେନ୍‌ସ ବିଚଳିତ ହୋଇଯାଇ, ଟଙ୍କା ଫେରସ୍ତ ଦେଇ ତାଙ୍କୁ ଲେଖିଲେ—ଯଦି ସେ ନିହାତି କିଛି ଉପହାର ଦେବାକୁ ଚାହାନ୍ତି, ତାହାହେଲେ ସେ କୌଣସି ସାମାନ୍ୟ ସ୍ମାରକ ଚିହ୍ନ ପଠାଇ ପାରନ୍ତି । ସ୍ମାରକ ଉପହାର ବି ଅତି ଶୀଘ୍ର ଆସି ପହଞ୍ଚିଗଲା । ଗୋଟିଏ ଚମତ୍କାର କାରୁକାର୍ଯ୍ୟ ଖଚିତ ରୂପା ବାକ୍ସ । ତାର ଚାରି କୋଣରେ ଚାରୋଟି ଋତୁର ମୂର୍ତ୍ତି ଖୋଦିତ—ଗ୍ରୀଷ୍ମ, ଶରତ, ହେମନ୍ତ, ବସନ୍ତ, ମାତ୍ର ଶୀତ ନାହିଁ । କିନ୍ତୁ ଏହା ଦେଖି ଡିକେନ୍‌ସଙ୍କ ମନରେ କେମିତି ଗୋଟାଏ ଭୟ ଜାତ ହେଲା ଯେ ବୋଧହୁଏ ଆଉ ତାଙ୍କୁ ଶୀତ ଦେଖିବାକୁ ପଡ଼ିବ ନାହିଁ ।

ପ୍ରକୃତରେ ତାହାହିଁ ହେଲା । ୧୮୭୦ ଖ୍ରୀଷ୍ଟାବ୍ଦର ଜୁନ୍ ୯ ତାରିଖରେ ସେ ସ୍ୱର୍ଗଧାମକୁ ଚାଲିଗଲେ । ମାନ ଫୁଲମାଳ ଓ ନୟନର ନୀର ଅନବରତ ତାଙ୍କ ସମାଧି ଉପରେ ବର୍ଷିବାକୁ ଲାଗିଲା ।

ଖ୍ୟାତିର ଶିଖରରେ ଆରୋହଣ କରି ବି ଡିକେନ୍ସ ନିଜ ବାଲ୍ୟସ୍ମୃତି ପାଶୋରି ପାରି ନ ଥିଲେ । ଦରିଦ୍ର, ଦୁର୍ବଳ ଓ ନିର୍ଯ୍ୟାତିତଙ୍କ ପ୍ରତି ତାଙ୍କର ଅପରିସୀମ ଶ୍ରଦ୍ଧା ଓ ଅପରିମିତ ସହାନୁଭୂତି ସର୍ବଦା ଜାଗ୍ରତ ଥିଲା । ତାହାହିଁ ତାଙ୍କ ରଚନାରେ ବହୁଳ ଅଂଶ ପ୍ରକାଶ କରିଛି ।

ଡିକେନ୍ସଙ୍କ ପରେ ଇଂଲଣ୍ଡରେ ଅନେକ ଯଶସ୍ୱୀ ଔପନ୍ୟାସିକ ଆବିର୍ଭୂତ ହୋଇଛନ୍ତି । କିନ୍ତୁ କେହି ହେଲେ ଡିକେନ୍ସଙ୍କ ସିଂହାସନ ଅଧିକାର କରିବାକୁ ସମର୍ଥ ହୋଇ ନାହାନ୍ତି । ତାଙ୍କ ପ୍ରସଙ୍ଗରେ ଇଂଲଣ୍ଡର ବିଖ୍ୟାତ ସାହିତ୍ୟିକ ଚେଷ୍ଟାରଟନ ଥରେ କହିଥିଲେ— "ଡିକେନ୍ସଙ୍କର ଅଲୌକିକ ଗୁଣ ହେଉଛି, ତାଙ୍କ କାହାଣୀ-ଜଗତର ଚରିତ୍ରାଂଶ ଗୁଡିକ ଯନ୍ତ୍ର ନୁହନ୍ତି, ମଣିଷ ମାନ । ଆମ୍ଭେମାନେ ସେମାନଙ୍କୁ ବିଶ୍ୱାସ କରି ନ ପାରୁ, କିନ୍ତୁ ସେମାନଙ୍କୁ କଳ୍ପନା କରିବାକୁ ଆମେ ବାଧ୍ୟ । ଆମେ କଦାପି ସେମାନଙ୍କୁ ପାଶୋରି ପାରିବୁ ନାହିଁ ।"

# ଏକ

ଅଷ୍ଟାଦଶ ଶତାବ୍ଦୀର ଶେଷ ଦନ ତଳର କଥା । ସେ ସମୟରେ ସାରା ଫରାସୀ ଦେଶରେ ଏକ ପ୍ରଳୟଙ୍କର ଅଗ୍ନି ହୁ-ହୁ ହୋଇ ଜଳୁଛି ।

ଫରାସୀ ବିପ୍ଳବ ସମୟ । ଦେଶର ହୀନତମ ପ୍ରଜାଶ୍ରେଣୀ ଶାସକ ବିରୁଦ୍ଧରେ ତାତି ଉଠି ରାଜା, ରାଣୀ, ରାଜକୁମାର, ରାଜକୁମାରୀ, ରାଜ-ବଂଶର ସମସ୍ତଙ୍କୁ, ଏପରିକି ବଡ଼ ଲୋକ ମାତ୍ରେ ସମସ୍ତଙ୍କୁ ବି ଧରି ଧରି ଗିଲୋଟିନ୍‌ରେ ବଳିଦାନ ଦେଉଛନ୍ତି—ବାଳକ ବୃଦ୍ଧ ସ୍ତ୍ରୀ ପୁରୁଷ କାହାରିକୁ ଛାଡ଼ୁ ନାହାନ୍ତି, ଏବଂ ସେହି ରକ୍ତ ସ୍ରୋତ ଆମୋଦରେ ଛୁଆ ହୋଇ ବିଜୟ ଉଲ୍ଲାସରେ ଚିତ୍କାର କରୁଛନ୍ତି । ଏ ଘଟଣା କଳ୍ପନା କଲା ମାତ୍ରେ ଦେହ ଶିହରି ଉଠେ ଏବଂ ସେ ସମ୍ବନ୍ଧରେ ଆଉ କୌଣସି କିଛି ଜାଣିବାକୁ ଇଚ୍ଛା ହୁଏ ନାହିଁ । କିନ୍ତୁ କେତେ ଦୂର ଅତ୍ୟାଚାରରେ ଜର୍ଜରିତ ହୋଇ ମଣିଷ ମଣିଷ ଉପରେ ଏଭଳି ବର୍ବର ଭାବରେ ଚଢ଼ାଉ ସବାର ହୋଇପାରେ, ତାହା ଭାବି ଦେଖିଲେ ସେମାନଙ୍କ ଉପରୁ ରାଗ କୁଆଡ଼େ ଆପେ ଆପେ ଦୂର ହୋଇଯାଏ । ଏହା ଅବଶ୍ୟ ସତ, ଅନେକ ନିରପରାଧ ଲୋକଙ୍କୁ ବି ସେମାନେ ହତ୍ୟା କରୁଛନ୍ତି, କିନ୍ତୁ ଅନ୍ୟ ଉପାୟ କଣ ଥାଇପାରେ ? ଗୋଟାଏ ସମଗ୍ର ଜାତିର କୋପାଗ୍ନି ଯେତେବେଳେ ଜଳି ଉଠିଲା, ସେତେବେଳେ ନିରପରାଧ ଲୋକେ ବି ସେଥିରେ ଜଳିପୋଡ଼ି ମରିବାକୁ ବାଧ୍ୟ । ଦାବାନଳ କଣ କେବେ ନିରୀହ ପକ୍ଷୀଙ୍କ କଥା ବିବେଚନା କରି ବନ ପୋଡ଼ିବାରୁ କ୍ଷାନ୍ତ ହୁଏ ? ଏହି ଆଗ ଦିନ ଠିକ ସେହିଭଳି ଜଣେ ନିରପରାଧ ଲୋକଙ୍କୁ ନେଇ ଭାରି ଗୁଣ୍ଡା ହୋଇଛି । ଏହା ଶୁଣିବା ପରେ ଯେ କୌଣସି ଲୋକ ଅଭିମତ

ଦେବ ଯେ ପ୍ରଚଣ୍ଡ ହିଂସା ଓ ଅଜସ୍ର ରକ୍ତପାତ ଜରିଆରେ ଜାତିର ସ୍ୱାର୍ଥ ଲୁଣ୍ଠା ଅର୍ଜନ କରିବାର ଚେଷ୍ଟା ନ କରିବା ବରଂ ଶ୍ରେୟ । ତଦ୍ଦ୍ୱାରା ଦୀର୍ଘସ୍ଥାୟୀ ଶୁଭ ଫଳ ଫଳେ ନାହିଁ । କିନ୍ତୁ ତା ପୂର୍ବରୁ ସେତେବେଳକା ଫ୍ରାନ୍‌ସର ରାଜନୈତିକ ଅବସ୍ଥା ସହେଁ ସମ୍ୟକ ପରିଚୟ ଲାଭ କରିବା ଆବଶ୍ୟ ପ୍ରୟୋଜନ ।

ବୁର୍ବୋଁ ବଂଶର ଚତୁର୍ଦ୍ଦଶ ଲୁଇ ଓ ପଞ୍ଚଦଶ ଲୁଇ ଦୀର୍ଘ କାଳ ରାଜତ୍ୱ କରିଥିଲେ । ଦୁଇ ଜଣ କ୍ରମାଗତ ପ୍ରାୟ ଦେଢ଼ ଶହ ବର୍ଷ ଯାଏ ଫ୍ରାନ୍‌ସ ଦେଶର ସିଂହାସନ ଅଧିକାର କରି ବସିଥିଲେ । କିନ୍ତୁ ଏହି ଦୀର୍ଘ ସମୟ ଭିତରେ ସେମାନେ ଦେଶର ଉନ୍ନତି ବିଧାନ ପାଇଁ କୌଣସି ଚେଷ୍ଟା କରି ନ ଥିଲେ । ବାହାରେ ଯେତେବେଳେ ଯୁଦ୍ଧ ବିଗ୍ରହରେ ଦେଶ ଜର୍ଜରିତ ଓ ରାଜକୋଷ ଶୂନ୍ୟ, ସେହି ସମୟରେ ସେମାନେ ଅପାର ବିଳାସ ଓ ବ୍ୟସନରେ କୋଟି କୋଟି ଟଙ୍କା ଅପବ୍ୟୟ କରୁଥିଲେ । ଦରିଦ୍ର ପ୍ରଜାଙ୍କ ପାଟିରୁ କ୍ଷୁଧାର ଅନ୍ନ କାଢି ନେଇ ଏବଂ ସେମାନଙ୍କ ମଥା ଉପରେ କର ଉପରେ କରର ଭାର ଲଦି ଦେଇ, ସେମାନଙ୍କର ଅକର୍ମଣ୍ୟ ମନ୍ତ୍ରୀମାନେ ତାଙ୍କୁ ସେହି ଟଙ୍କା ଯୋଗାଇ ଦେଉଥିଲେ । ରାଜାଙ୍କ ଚତୁଃପାର୍ଶ୍ୱରେ ଯେଉଁ ସଭାସଦ-ଗଣ ଥିଲେ, ସେମାନେ ଅନ୍ତଃସାର ଶୂନ୍ୟ ଗୁଣ୍ଡୁକାର ମାତ୍ର । ସେମାନେ ସୁଯୋଗ ଉଣ୍ଡି ନିଜର ବ୍ୟକ୍ତିଗତ ଐଶ୍ୱର୍ଯ୍ୟର ଅଙ୍କ ବଢ଼ାଇବାରେ ବ୍ୟସ୍ତ । ରାଜ୍ୟର ହିତ ବୃଦ୍ଧି ପାଇଁ ଭାବିବାର ସମୟ ବା ଇଚ୍ଛା ସେମାନଙ୍କର କାହାରି ନ ଥିଲା । ପ୍ରଜାଗଣ ଦୁଇ ଶହ ବର୍ଷ ହେଲା ତଳ ତଳ କରି ନିଷ୍ପେଷିତ ହେଉଥାନ୍ତି ଏବଂ ଭଗବାନଙ୍କୁ ନିଜର ଦୁଃଖ ଜଣାଉଥାନ୍ତି—ଏମିତି ଭାବରେ ତାଙ୍କର ଦିନ ବିତୁଥିଲା । ପ୍ରତିବାଦ ଜଣାଇବାର ଟିକିଏ ମାତ୍ର ଉପାୟ ନ ଥିଲା । ସାମାନ୍ୟ ଇଙ୍ଗିତରେ,

କେବେବି ସମ୍ପୂର୍ଣ୍ଣ ନିରପରାଧ ହୋଇ ସୁଦ୍ଧା ସନ୍ଦେହର ତାଡ଼ନାରେ, ରାଜ୍ୟର ସବୁ ଠାରୁ ବଡ଼ ଭୟଙ୍କର କାରାଗାର ବ୍ୟାସ୍ଟିଲର ସୁକଠିନ ପାଷାଣ ପ୍ରାଚୀର ମଧ୍ୟରେ ଦୀର୍ଘ ଦିନ ଲାଗି ଅଥବା ହୁଏତ ସାରା ଜୀବନ ପାଇଁ ଆବଦ୍ଧ ରହିବାକୁ ହୁଏ । ସେଠାରେ ଗୋଟିଏ ଦିନ ବି ବଞ୍ଚି ରହିବା ଅର୍ଥ ସହସ୍ର ମୃତ୍ୟୁ ଠାରୁ ଭୟାନକ ।

କିନ୍ତୁ ଶେଷରେ ଏପରି ଦିନ ଆସିଲା, ଯେତେବେଳେ ଏହି ବ୍ୟାସ୍ଟିଲ୍‌ର ଭୟ ବି ଆଉ ସେମାନଙ୍କୁ ଚୁପ୍ କରି ରଖି ପାରିଲା ନାହିଁ । ଦୁର୍ଦ୍ଦାନ୍ତ ଓ ପ୍ରଚଣ୍ଡ ଶୀତରେ, ଝୁରିଆଡ଼ ତୁଷାର-ବୃଷ୍ଟି ମଧ୍ୟରେ ଯେଉଁମାନଙ୍କୁ ନଗ୍ନ ଦେହରେ ଦିନ ଯାପିବାକୁ ପଡ଼େ, ଯେଉଁମାନଙ୍କ ଆଖି ଆଗରେ ପୁଅ ଝିଅ ସବୁ ଅଖିଆ ଅପିଆ ରହି ରହି ଛଟେଲି ଛଟେଲି ଶୁଖି ଶୁଖି ମରନ୍ତି, ଯେଉଁମାନଙ୍କ ନିକଟରେ ସାମାନ୍ୟ ଗୋଟିଏ ପୁରୁଣା ଜାମା, ପୋଡ଼ା ରୁଟି ବା ଖଣ୍ଡେ ଶୁଖିଲା କାଠ କୁବେରର ଐଶ୍ୱର୍ଯ୍ୟ ଭଳି ମୂଲ୍ୟବାନ—କେତେ ଦିନ ସେମାନଙ୍କୁ ବ୍ୟାସ୍ଟିଲର ଭୟ ଦେଖାଇ ରଖାଯାଇ ପାରେ ? ସେମାନେ ମରିଆ ଭଳି ହୋଇଗଲେ । ଦଳ ଦଳ ହୋଇ ରାଜାଙ୍କ ପାଖକୁ ଯାଇ ଜଣାଇଲେ ଯେ ସେମାନଙ୍କର କ୍ଷୁଧାର ଅନ୍ନ ସେମାନେ ଗୃହାନ୍ତ । ସେମାନଙ୍କର ଦାବି କେବଳ ଖଣ୍ଡେ ପୋଡ଼ା ରୁଟି । ଏହା ସେମାନଙ୍କର ଦରକାର ! ଏହି ପ୍ରାର୍ଥନା ଜଣାଇବା ପାଇଁ ବି ସେମାନଙ୍କୁ ବହୁ ନିର୍ଯାତନା ଓ ଲାଞ୍ଛନା ଭୋଗିବାକୁ ପଡ଼ିଲା । ଅନେକ ଲୋକଙ୍କୁ କମାଣ ମୁହଁରେ ପ୍ରାଣ ହରାଇବାକୁ ହେଲା । କିନ୍ତୁ ତେବେ ବି ଫଳ ହେଲା ନାହିଁ । ସେତେବେଳକାର ରାଜା ଷୋଡ଼ଶ ଲୁଇ ଥିଲେ ଦୁର୍ବଳ, ଭଲ ଲୋକ, କିନ୍ତୁ ମହାରାଣୀ ଓ ସଭାସଦ ଗଣଙ୍କ ହାତରେ ଖେଳନା ମାତ୍ର । ତେଣୁ ଦୁଇ ତିନି ଶହ ବର୍ଷର ପୁଞ୍ଜୀଭୂତ ଅନ୍ୟାୟର ସାମାନ୍ୟ ପ୍ରତିକାର ବି ତାଙ୍କ ଦ୍ୱାରା ସମ୍ଭବ ହେଲା ନାହିଁ ।

ଏହି ଥର ଗଭୀର ନିସ୍ୱାଦ ବେଗଂ ବା ଗର୍ଜ୍ଜନ କରି ଉଠିଲା । ବୁଭୁକ୍ଷୁ ପ୍ରଜାର ଦାବୀ ଅନୁନୟରୁ ଆରମ୍ଭ କରି ଅଗ୍ନି ଶିଖାରେ ରୂପାନ୍ତରିତ ହେଲା ଏବଂ ସେହି ଲେଲିହାନ ଅଗ୍ନି ଶିଖା ରାଜା, ରାଜବଂଶୀୟ ଅଭିଜାତ ମାନବଙ୍କ ସମସ୍ତଙ୍କୁ ଶେଷରେ ଗ୍ରାସ କରିବାକୁ ଲାଗିଲା । ସେହି ଅଗ୍ନି କୁଣ୍ଡରେ ଯେଉଁମାନେ ପୋଡ଼ି ଜଳି ଭସ୍ମିଭୂତ ହୋଇଗଲେ ସେମାନେ ସମସ୍ତେ ହୁଏତ ଅପରାଧୀ ନୁହଁନ୍ତି, କିନ୍ତୁ ପିତୃ ପିତାମହଙ୍କର ପାପର ପ୍ରାୟଶ୍ଚିତ ଅନେକ ସମୟରେ ବଂଶଧରମାନଙ୍କୁ କରିବାକୁ ହୁଏ—ଏହି ନିୟମହିଁ ସବୁ ଦେଶରେ ସତ୍ୟ ହୋଇ ଆସୁଛି ।

ଉତ୍ପୀଡ଼ିତମାନେ ଯେତେବେଳେ ଉତ୍ପୀଡ଼କ ହୁଅନ୍ତି; ସେତେ-ବେଳେ ତାଙ୍କର ଅତ୍ୟାଚାର ଯେ ଭୀଷଣ ହୋଇ ଉଠିବ ସେଥିରେ ଆଉ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ? ଫ୍ରାନ୍ସ ଦେଶର ବି ଏହାର ଅନ୍ୟଥା ହୋଇ ନାହିଁ । ତହିଁ ନିରପରାଧ ଲୋକେ ବିପ୍ଳବର ସେହି ବିଭତ୍ସ ଘୂର୍ଣ୍ଣାବର୍ତ୍ତରେ ପ୍ରାଣ ହରାଇଲେ ।

ଯେଉଁମାନେ ଅତ୍ୟାଚାରୀ ଜମିଦାର ଓ ରାଜକର୍ମଚାରୀମାନେ ଫରାସୀ ବିପ୍ଳବର ମୂଳ କାରଣ, ସେମାନଙ୍କ ଭିତରେ ମାର୍କୁଇସ୍ ସେଣ୍ଟ ଏଭ୍ରେମଣ୍ଡ କ୍ଷମତା ଓ ପଦ-ମର୍ଯ୍ୟାଦାରେ ଅଗ୍ରଗଣ୍ୟ ଥିଲେ। ସେହି ସମୟରେ ୟୁରୋପର ଅନ୍ୟାନ୍ୟ ଦେଶ ପରି ଫ୍ରାନ୍ସରେ ବି ଜମିଦାରମାନଙ୍କ ହାତରେ ବହୁତ କ୍ଷମତା ଥିଲା, ଇଚ୍ଛା କଲେ ସେମାନେ ପ୍ରଜାମାନଙ୍କ ଉପରେ ଯଥେଷ୍ଟ ଅତ୍ୟାଚାର କରି ପାରନ୍ତି— ଏବଂ ଅଧିକାଂଶହିଁ ତାହା କରନ୍ତି। ଅତିରିକ୍ତ କର ଭାରି ସେମାନଙ୍କ ମଥାରେ ଲଦି ଦିଅନ୍ତି ଏବଂ ଯେତେବେଳ ଯାଏ ସେମାନଙ୍କର କ୍ଷୁଧାର ସମ୍ବଳ ଖଣ୍ଡେ ରୁଟି ବି ତାଙ୍କ ପାଖରେ ଅବଶିଷ୍ଟ ଥାଏ, ସେତେବେଳେ ତାହାବି କାଢ଼ି ନେଇ ସେହି କର ସେମାନେ ଆଦାୟ କରି ନିଅନ୍ତି। ସେମାନେ ପ୍ରଜାମାନଙ୍କୁ କୁକୁର ବିରାଡ଼ି ପରି ଦେଖନ୍ତି। ବିନା ଦରମାରେ ଖଟାଇବା, ସେମାନଙ୍କ ଭିତରୁ କାହାରିକୁ ମାରି ପକାଇବା ବା ଏପରିକି ସେମାନଙ୍କର ସ୍ତ୍ରୀମାନଙ୍କୁ ବେଇଜ୍ଜତ କରିବା ଭିତରେ ବି ସେମାନେ କୌଣସି ସଙ୍କୋଚର କାରଣ ଦେଖିବାକୁ ପାଆନ୍ତି ନାହିଁ। ମାର୍କୁଇସ ଏଭ୍ରେମଣ୍ଡ ଥିଲେ ଏହି ପ୍ରକୃତିର ଲୋକ—ଆହୁରି ଭୀଷଣ।

ମାର୍କୁଇସ ଏଭ୍ରେମଣ୍ଡ ଥରେ ତାଙ୍କର କୌଣସି ରୁଗ୍ଣ ପ୍ରଜାର ସ୍ତ୍ରୀକୁ ନିଜ ଘରେ ଆଣି ରଖିବାକୁ ଚାହୁଁଥିଲେ। ସେ କିନ୍ତୁ ତାର ଅସୁସ୍ଥ ସ୍ୱାମୀକୁ ଛାଡ଼ି ଯିବାକୁ ଚାହିଁଲା ନାହିଁ। ତାର ଶାସ୍ତି ସ୍ୱରୂପ ମାର୍କୁଇସ ଆଦେଶ ଦେଲେ ଯେ ଏହି ରୁଗ୍ଣ ଲୋକଟିକୁ ସାରା ଦିନ ଘୋଡ଼ା ବଦଳରେ ଗାଡ଼ିରେ ଜୁଟି ଗାଡ଼ି ଟାଣିବାକୁ ହେବ ଏବଂ

ସାରା ରାତ ଅନ୍ଧାରେ ଠିଆ ହୋଇ ବେଙ୍ଗ ଅଡ଼ାଇବାକୁ ପଡ଼ିବ, ଯେମିତିକି ବେଙ୍ଗର ଶବ୍ଦରେ ନିଦ ନ ଭାଙ୍ଗି ଯାଏ । ଏହି ଅମାନୁଷିକ ଅତ୍ୟାଚାରର ଫଳରେ ସେ ଦିନେ ଦି ଦିନ ଭିତରେ ମରି ପଡ଼ିଲା । ମାର୍କୁଇସ ତାର ସ୍ତ୍ରୀକୁ ଜୋର କରି ନିଜ ଘରକୁ ଧରି ନେଇଗଲେ । ସେହି ମହିଳାଟିର ବାପ ଏହି ଦୁର୍ଘଟଣାର ଧକ୍କା ସମ୍ଭାଳି ପାରିଲେ ନାହିଁ, ସେ ବି ମରି ପଡ଼ିଲେ । ତାର ସାନ ଭାଇ ରାଗରେ ଜର ଜର ହୋଇ ଝଗଡ଼ା କରିବାକୁ ଗଲା । ମାର୍କୁଇସ ଏ ଧୃଷ୍ଟତା ସହ୍ୟ କରି ନ ପାରି ତରବାରିର ଏକ ପ୍ରହାରରେ ପିଲାଟିକୁ ଅଧା କରିଦେଲେ ।

ପିଲାଟି କିନ୍ତୁ ସେତେବେଳେ ମରିଗଲା ନାହିଁ, ଗୁରୁତର ଭାବରେ ଜଖମ ହେଲା । ଏଣେ ଆଉ ଏକ ବିପଦ ଘଟିଲା । ମହିଳାଟି ଶୋକରେ ଏକାବେଳେ ପାଗଳ ହୋଇଗଲା । ଏ ଅବସ୍ଥାରେ ଡାକ୍ତର ନ ହେଲେ ନ ଚଳେ, ଅଥଚ ଏସବୁ କଥା ଜଣା ପଡ଼ିବା ବି ବାଞ୍ଛନୀୟ ନୁହେଁ । ଅନେକ ଭାବିଚିନ୍ତି ସେମାନେ ସ୍ଥିର କଲେ ଯେ ସହରର ନାମଜାଦା ତରୁଣ ଡାକ୍ତର ମ୍ୟାନେଟଙ୍କୁ ଡାକି ଆଣି ଚିକିତ୍ସା କରାଇବେ । ଭାବିଲେ ଯେ ପ୍ରଚୁର ଟଙ୍କା ଦେଲେ ମ୍ୟାନେଟ ନିଶ୍ଚୟ କଥାଟି ବାହାରେ ପ୍ରକାଶ କରିବ ନାହିଁ ।

ମ୍ୟାନେଟ କିନ୍ତୁ ପିଲାଟିକୁ ଚିକିତ୍ସା କରିବାକୁ ଯାଇ ତା ମୁହଁରୁ ସବୁ କଥା ଶୁଣି ଶିହରି ଉଠିଲେ । ପିଲାଟି ସାଂଘାତିକ ଭାବେ ଆହତ ହୋଇଥିଲା, ତେଣୁ ସେ ସେହି ଦିନହିଁ ମରିଗଲା । ତା ଭଉଣୀ ପ୍ରାୟ ସାତଟା ଦିନ ସମ୍ପୂର୍ଣ୍ଣ ବିକାରଗ୍ରସ୍ତ ରହିବା ପରେ ଯନ୍ତ୍ରଣା ହାତରୁ ପରିତ୍ରାଣ ପାଇଲା । ମାର୍କୁଇସ ଯେତେବେଳେ ମ୍ୟାନେଟଙ୍କୁ ଟଙ୍କା ଦେବାକୁ ଗଲେ, ମ୍ୟାନେଟ ତାହା ଗ୍ରହଣ କଲେ ନାହିଁ । ଘରକୁ ଫେରିଆସି ପ୍ରଧାନ ମନ୍ତ୍ରୀଙ୍କୁ ସବୁ କଥା ଖୋଲି ଗୋପନରେ ଗୋଟିଏ

ଡାକ୍ତର ମ୍ୟାନେଟ୍ ଅବାକ ହୋଇଗଲେ । ପ୍ରଥମ ଆଘାତରେ ଝଙ୍କଟା କାଟିବାକୁ ତାଙ୍କୁ ସମୟ ଲଗିଲା । ତା'ପରେ ସେ ଅଧୀର ହୋଇ ଉଠିଲେ । ଅନୁନୟ, ବିନୟ, କ୍ଷମା, ପ୍ରାର୍ଥନା ସବୁ କିଛି କଲେ, କିନ୍ତୁ ମୁକ୍ତିର ଆଦେଶ ଆଉ ତାଙ୍କର କୌଣସି ପ୍ରକାରେ ଆସିଲା ନାହିଁ । ଦିନ ପରେ ଦିନ, ରାତି ପରେ ରାତି, ମାସ ପରେ ମାସ ସେହି ଅନ୍ଧକାର କାରାଗାରରେ କଟିଗଲା—ନା ପାଇଲେ ସ୍ତ୍ରୀର ଖବର, ନା ପଠାଇ ପାରିଲେ ତାଙ୍କ ନିକଟକୁ ନିଜର କୌଣସି ହେଲେ ସମ୍ବାଦ ! ବାହାରର ସମସ୍ତ ଜଗତ୍‌ଠାରୁ ଅଲଗା ହୋଇ ବିଭୀଷିକାମୟ ଜମାଟ କଠିନ ଶୀତଳ କାରାଗାରର ଏକ ନିଭୃତ କକ୍ଷରେ ଏପରି ଭାବରେ ଆତ୍ମୀୟ ସ୍ୱଜନଙ୍କ ନିକଟରୁ ବିନା ଦୋଷରେ ବିଚ୍ଛିନ୍ନ ହୋଇ ଦିନ ପରେ ଦିନ କଟାଇବା କଥା କେହି ଭାବିପାରେ ? କୌଣସି ଆଶା ନାହିଁ, ଭରସା ନାହିଁ, ଦ୍ୱିତୀୟ ପ୍ରାଣୀର ମୁହଁ ଦେଖିବାର ବା କାହାରି ସାଙ୍ଗରେ କଥା କହିବାର ଉପାୟ ନାହିଁ, ଏପରିକି ଏହି ନିଦାରୁଣ ଦୁଃଖର ସୀମା ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ନାହିଁ—ଅନିର୍ଦ୍ଦିଷ୍ଟ କାଳ ପାଇଁ ଏହି ଜୀବନ୍ତ ସମାଧି ।

କ୍ଷମତାର ଏହିପରି ଅପ-ବ୍ୟବହାରରେ ରାଜଶକ୍ତିର ଅବିଶ୍ୱାସୀ ବ୍ୟକ୍ତିଙ୍କରେ ମ୍ୟାନେଟର ସମସ୍ତ ରକ୍ତ ବିନ୍ଦୁ ମଝିରେ ମଝିରେ ବିଦ୍ରୋହ ହୋଇ ଉଠେ, କିନ୍ତୁ ବୃଥା, ବୃଥା ସବୁ । କିଏ ଗୋଟିଏ ଲୋକର କ୍ଷମତା ଯେ ସେ ପାଷାଣ ପ୍ରାଚୀର ଭାଙ୍ଗି ପକାଇବ ? ଶେଷରେ ତାଙ୍କର ମନେ ହେଲା ଯେ କୌଣସି ଗୋଟିଏ କାମ ପାଇଲେ ହୁଏତ ସେ ଠିକ୍‌ ଭଲ ରହିପାରିବେ—ଅନେକ ଅନୁନୟ-ବିନୟ ପରେ ଅନ୍ତତ ସେ ବ୍ୟବସ୍ଥା ହେଲା—କର୍ତ୍ତୃପକ୍ଷ ମୋଚୀର ଯନ୍ତ୍ରପାତି ପଠାଇ ଦେଲେ । ମ୍ୟାନେଟ୍ ଘୋର କଷ୍ଟ ସ୍ୱୀକାର କରି ନିଜେ ନିଜେ ମୋଚୀ କାମ ଶିଖିଲେ । କିନ୍ତୁ ସେଥିରେ ବି ତାଙ୍କର ମନେ ହେଲା ଯେ,

ତାଙ୍କର ମାନସିକ, ବୃତ୍ତି ଯେପରି କ୍ରମଶଃ ଅଚ୍ଛନ୍ନ ହୋଇ ଆସୁଅଛି, ପାଗଳ ହେବାକୁ ଆଉ ବେଶୀ ଡେରି ନାହିଁ । ସେତେବେଳେ ସେ ପ୍ରାଣପଣେ ଚେଷ୍ଟା କରି କାଗଜ କଲମ ସଂଗ୍ରହ କରି ଆପଣା ଜୀବନର ଏହି ମର୍ମସ୍ପର୍ଶୀ କାହାଣୀ ଲିପିବଦ୍ଧ କଲେ । ପୂର୍ବାପର ସମସ୍ତ ଇତିହାସ ପ୍ରତ୍ୟେକଟି ଟିକିନିଖି ଘଟଣା ସୁଦ୍ଧା ଲେଖିସାରି ଶେଷକୁ ତାଙ୍କର ଏହି ଦୁର୍ଦ୍ଦଶାର ଏକମାତ୍ର କାରଣ ମାର୍କୁଇସ ଏଭ୍ରେମଣ୍ଡର ବଂଶ ସାରାକୁ ଜ୍ୱଳନ୍ତ ଭାଷାରେ ଅଭିଶାପ ଦେଇ ସେ ରଚନା ସମାପନ କଲେ ଏବଂ କାଗଜଗୁଡ଼ାକ ଗୁଡ଼ାଇ ଦେଇ ଘରର ଗୋଟିଏ କଣରେ ପଥର ହଟାଇ ଦେଇ ତା ଭିତରେ ଲୁଚାଇ ରଖିଲେ । ତା'ପରେ ନିଜକୁ ଭସାଇ ଦେଲେ ଆପଣାର ଦୁର୍ଭାଗ୍ୟ ସ୍ରୋତରେ ।

ସତରେ, କିଛି ଦିନ ପରେ ତାଙ୍କର ଚୈତନ୍ୟ ଅଚ୍ଛନ୍ନ ହୋଇଗଲା । ମନର ସମସ୍ତ ଚିନ୍ତା ଓ ଧାରଣା ଶକ୍ତି ଉପରେ ଆସିଲା ପୂର୍ଣ୍ଣ ଜଡ଼ତା । ସେ କିଏ ଏବଂ କାହିଁକି ସେଠାକୁ ଆସିଛନ୍ତି କିଛି-ହେଲେ ଆଉ ତାଙ୍କର ମନେ ରହିଲା ନାହିଁ । କେବଳ ତାଙ୍କର ବନ୍ଦୀ-ଶାଳାର ନମ୍ବରଟିହିଁ ରହିଲା ଅଦ୍ୱିତୀୟ ପରିଚୟ ହୋଇ—ନର୍ଥ ଟାୱାରର ଏକଶହ ପାଞ୍ଚ ନମ୍ବର ।

# ତିନି

ଡାକ୍ତର ମ୍ୟାନେଟଙ୍କ ସ୍ତ୍ରୀ ଥିଲେ ଜଣେ ଇଂରେଜ ମହିଳା । ସେ ବହୁ ଦିନ ଧରି ସ୍ୱାମୀଙ୍କୁ ଖୋଜି ଖୋଜି ଯେତେବେଳେ ଜାଣି ପାରିଲେ ସ୍ୱାମୀ କେଉଁଠି ଏବଂ ତାଙ୍କର କ'ଣ ହେଲା, ସେତେବେଳେ ସେ ବିଶ୍ୱାସ କରିବାକୁ ବାଧ୍ୟ ହେଲେ ଯେ ତାଙ୍କ ସ୍ୱାମୀ ମରି ଯାଇଛନ୍ତି । ସେ ବିଦେଶରେ ଏକା ଆଉ କାହା ଭରସାରେ ରହିଥିବେ ? ଅଗତ୍ୟା ସେ ଆଖିରୁ ଲୁହ ଗଡ଼ାଇ ଗଡ଼ାଇ ସ୍ୱାମୀଙ୍କ ଜନ୍ମଭୂମି ଇଂଲଣ୍ଡକୁ ଫେରି ଆସିଲେ । ସେଠାକୁ ଯାଇ ବି ସେ ବେଶୀ ଦିନ ବଞ୍ଚିଲେ ନାହିଁ, ମ୍ୟାନେଟଙ୍କ ସ୍ମୃତି ଚିହ୍ନ ତାଙ୍କ ଶିଶୁ କନ୍ୟାଟିକୁ ଛାଡ଼ି ଦେଇ ସେ ସ୍ୱର୍ଗକୁ ଚାଲିଗଲେ । ଝିଅଟି ତା ମା'ର ଓ ମାମୁଁ ଘରୁ ଯାହା କିଛି ସମ୍ପତ୍ତି ବାଣ୍ଟି ପାଇଥିଲା, ତାର ତତ୍ତ୍ୱାବଧାନ କରୁଥିଲା ଇଂଲଣ୍ଡର ପ୍ରାଚୀନ ଓ ସମ୍ଭ୍ରାନ୍ତ ଟେଲସନ ବ୍ୟାଙ୍କ । ମିସ୍ ପ୍ରସ ବୋଲି ଗୋଟିଏ ଧାଇ ତାକୁ ମଣିଷ କରିଥିଲା, ତା ସଙ୍ଗରେ ଲୁସୀ ରହୁଥାଏ ଏବଂ ପଢ଼ାଶୁଣା କରେ । ତା ବାପର ଅସ୍ତିତ୍ୱ ବା ଇତିହାସ କିଛି ହେଲେ ସେ ଜାଣେ ନାହିଁ ।

ଲୁସୀର ବୟସ ଯେତେବେଳେ ଅଠର, ମ୍ୟାନେଟଙ୍କ ବନ୍ଦୀ ଦଶାର ଅଠର ବର୍ଷ ପରେ ଦିନେ ଲୁସୀ ସମ୍ବାଦ ପାଇଲା ଯେ ଟେଲସନ ବ୍ୟାଙ୍କର ମିଷ୍ଟର ଲରି ନାମକ ଜଣେ କର୍ମଚାରୀ ସଙ୍ଗେ ଡୋଭରରେ ଥରେ ତାର ଦେଖା ହେବା ପ୍ରୟୋଜନ ଏବଂ ତା ସାଙ୍ଗରେ ତାକୁ ଥରେ ପ୍ୟାରିସ୍ ଯିବାକୁ ହେବ । ଅତ୍ୟନ୍ତ ଗୁରୁତର ବ୍ୟାପାର, ଲୁସୀ ଯେପରି ବିସ୍ମୟ ଯାଏ ।

ଲୁସୀ ଖବର ପାଇବା ମାତ୍ରେ ମିସ୍ ପ୍ରସ୍‌କୁ ସାଙ୍ଗରେ ନେଇ ଡାକ୍ତରଖାନାରେ ଆସି ପହଞ୍ଚିଲା, ସେଠାରେ ହୋଟେଲ୍‌ରେ ପହଞ୍ଚି ଶୁଣିଲା ମିଷ୍ଟର ଲଂଗ୍ ତା ଆଗରୁ ଆସି ପହଞ୍ଚିଛନ୍ତି । ମିଷ୍ଟର ଲଙ୍ଗ୍ ତାକୁ ନିର୍ଜନ ଘରକୁ ନେଇ ଯାଇ ବସାଇ ତାକୁ କଣ କହିଲେ ଜାଣ ? ତାର ବାପର ଜୀବନର ଶୋଚନୀୟ ଇତିହାସ । କପରି ଭାବରେ ନିଶୀଥ ସମୟରେ ତାଙ୍କୁ ଗୁଳି ଯିବାକୁ ହୋଇଥିଲା—ତା ପର ଠାରୁ ସହସ୍ର ଚେଷ୍ଟାରେ ବି ଲୁସୀର ମାଆ ଆଉ ତାଙ୍କ ଖବର ପାଇ ନାହିଁ । ସବୁ କଥା ଖୋଲି କହି ସାର କହିଲେ—ଆମେ ବ୍ୟାଙ୍କର ଲୋକ, ଆମର କାହାରି ନାମ ଧରିବା ଉଚିତ ନୁହେଁ, ଖାଲି ଏତିକି କହୁ ରଖୁଛୁ ଯେ, ତାଙ୍କ ନିକଟରେ ଫ୍ରାନ୍ସର ପ୍ରାୟ ସବୁ ବଡ଼ ବଡ଼ କାରାଗାରରେ ବନ୍ଦୀ କରି ରଖିବାର ଆଦେଶ-ପତ୍ର ଥାଏ, ଖାଲି ନାମଟି ଲେଖି ଯେ କୌଣସି ଲୋକକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସେ କାରାଗାରକୁ ପଠାଇ ପାରନ୍ତି । ଏତେ ବଡ଼ ତାର କ୍ଷମତା ଯେ ତୁମର ମାଆ ବହୁ ଉଚ୍ଚପଦସ୍ଥ ଲୋକଙ୍କୁ, ଏପରିକି ସ୍ୱୟଂ ମହାରାଜାଙ୍କୁ ଧରି ବି ଠିକ୍ ଏ ଖବର ପାଆନ୍ତି ନାହିଁ । ନିଜେ ସେହି ନିଦାରୁଣ ସଂଶୟ ଭିତରେ ଦିନ କଟାଇଛନ୍ତି, ପଛରେ ସେହି ସଂଶୟ ତୁମ ବାଲ୍ୟ ଜୀବନକୁ କାଳେ ବିଷାକ୍ତ କରି ଦେଇ ପାରେ, ଏଇଥି ପାଇଁ ସେ ତୁମକୁ ତୁମ ବାପାଙ୍କ ମୃତ୍ୟୁର ଖବର ଜଣାଇ ଥିଲେ । କିନ୍ତୁ—

ମିଷ୍ଟର ଲଙ୍ଗ୍ ଏହି ପର୍ଯ୍ୟନ୍ତ କହି ଟିକିଏ ଇତସ୍ତତ ହେବାକୁ ଲାଗିଲେ । କିନ୍ତୁ ବଟର୍ ଲୁସୀର ସେତେବେଳେ ଶୋଚନୀୟ ଅବସ୍ଥା, ସନ୍ଦେହରେ ଓ ଭୟରେ ତାର ଛାତି ଦୁରୁ ଦୁରୁ କମ୍ପୁଛି । ସେ ଦୁଇ ହାତ ଯୋଡ଼ି କହିଲା—ଜୁହାର ଆପଣଙ୍କୁ, କି କଥା ଆଉ କହିବାର ଅଛି କୁହନ୍ତୁ ।

ମିଷ୍ଟର ଲରି କହୁଥିଲେ, ବର୍ତ୍ତମାନ ଜଣା ଯାଉଛି ଯେ ତୁମ ବାବା ବଞ୍ଚିଛନ୍ତି, ତାଙ୍କୁ ବାଷ୍ଟିଲର କାରାଗାରରୁ ମୁକ୍ତ ଦିଆ ଯାଇଛି । ଏକ୍ଷଣି ସେ ତାଙ୍କର ପୁରୁଣା ଚାକରର ଘରେ ଆସି ଅଛନ୍ତି । ଅବଶ୍ୟ ତାଙ୍କର ଅନେକ ପରିବର୍ତ୍ତନ ହୋଇଛି । ଯେଉଁ ମଣିଷ ଅଠର ବରଷ ଆଗେ କାରାଗାରରେ ପ୍ରବେଶ କରିଥିଲା, ସେହି ମଣିଷଟି ଆଉ ଆଉ ବାହାରି ଆସି ନାହିଁ । ନା ଦିହରେ, ନା ମନରେ କୌଣସି [illegible] ଖୋଜିଲେ ମିଳେ ନାହିଁ । ତେବେ ବି ସେ ତୁମର ବାପା ! ତାଙ୍କର ଏ ଶୋଚନୀୟ ଅବସ୍ଥାରେ ତୁମକୁ ହିଁ ତାଙ୍କ ପାଖରେ ଠିଆ ହେବାକୁ ପଡ଼ିବ । ସେବାରେ, ସହାନୁଭୂତିରେ, ଭଲ ପାଇବାରେ, ପୁଣି ତାଙ୍କୁ ସୁସ୍ଥ କରିବାରେ ଚେଷ୍ଟା କରିବାକୁ ହେବ—

କିନ୍ତୁ ମିଷ୍ଟର ଲରିର ସବୁ କଥା ଲୁସୀର କାନକୁ ଗଲା ନାହିଁ । ସେ ଅସ୍ଫୁଟ ସ୍ୱରରେ ଥରେ ଦି ଥର 'ମୋ ବାବା ! ତାଙ୍କ ପ୍ରେତାତ୍ମା କଅଣ ଉଠି ଆସିଲା ? କହୁ ଅଜ୍ଞାନ ହୋଇ ତଳେ ପଡ଼ିଲା । ବିଚାରା ଲରି ! ସେ ବ୍ୟସ୍ତ ହୋଇ ଡକା ହକା ଆରମ୍ଭ କରି ଦେଲେ । ତାହା ଶୁଣି ହୋଟେଲର ଚାକର ଚାକରାଣୀ ଦଳ ଏବଂ ତାଙ୍କ ପଛରେ ଲୁସୀର ଧାଇ ମିସ ପ୍ରସ ଦୌଡ଼ି ଆସିଲେ ।

ମିସ୍ ପ୍ରସର ଚେହେରାଟା ଥିଲା ଯେପରି ଲମ୍ବା ଚୌଡ଼ା ପୁରୁଷ ପରି, ମିଜାଜଟା ବି ଥିଲା ସେପରି ରୁକ୍ଷ, ଅତ୍ୟନ୍ତ କର୍କଶ ଭାଷିଣୀ ବଡ଼ ରାଗି ମାଇକିନା ବୋଲି ସମସ୍ତେ ତାଙ୍କୁ ଭୟ କରନ୍ତି, କିନ୍ତୁ ଏହି ଭଳି ସ୍ତ୍ରୀ ମଣିଷଟି ବି ଲୁସୀ ନିକଟକୁ ଆସିଲେ ନରମ ହୋଇଯାଏ । ତାହାର ଯାହା କିଛି ସ୍ନେହ ଶ୍ରଦ୍ଧା ସବୁ ଏଇ ଝିଅଟି ଉପରେ ଥିଲା । ଆଜି ବି ଘରେ ପ୍ରବେଶ କରି ସେ ଏପରି ଏକ ଧକ୍କା ମିଷ୍ଟର ଲରିଙ୍କୁ ମାରିଲା ଯେ, ସେ ଛିଟିକି ଯାଇ ସେପଟେ କାନ୍ଥରେ ପଡ଼ିଲେ । ତାପରେ ଚାକର

ଗୃହବାସୀ ଦଳକୁ ପ୍ରଚଣ୍ଡ ଏକ ଧମକ, । ଅଁ କଣ୍ ସମସ୍ତେ ବୋକାଙ୍କ ପରି ଠିଆ ହୋଇଛ କାହିଁକି ? ଯାଅ, ଜଲଦି ଦୌଡ଼ି ଯାଇ ପାଣି ଓ ପଙ୍ଖା ନେଇ ଆସ । ମିନିଟିଏ ଯଦି ଡେରି ହୁଏ ତାହାହେଲେ ମଜା ଦେଖାଇ ଦେବି ।

ତତ୍‌କ୍ଷଣାତ୍ ସେମାନେ ଡର ଭୟରେ ସବୁ ଆଣିବାକୁ ଗଲେ । ମିସ୍ ପ୍ରସ ଯାଇ ତତ୍‌କ୍ଷଣ ଭୂଇଁରେ ବସି ପଡ଼ି ଲୁସୀର ମଥାଟି ନିଜ କୋଳରେ ରଖିଲା, ଏବଂ ତାପରେ ଆରମ୍ଭ କଲା ଥରେ ମିଷ୍ଟର ଲରିଙ୍କୁ ଗାଳି ଦେବାକୁ ଆଉ ଥରେ ଲୁସୀକୁ ଆଦର କରିବାକୁ—ବେଅକଲିଆ ମଣିଷ ! ଏଇ ଟିକିଏ ନାକୁ ଦୁଧଖିଆ ଝିଅଟାକୁ ଏପରି ଭାବରେ ଭୟ ନ ଦେଖାଇ କାମର କଥା କୁହାଯାଏ ନାହିଁ ନା ? ପାଜି ଲୋକ କେଉଁଠିକାର ! 'ଆହା ଝିଅ ମୋର, ସୁନା ମୋର, ମାଣିକ ମୋର, କେତେ ଭୟ ପାଇଛୁ ! ବ୍ୟାଙ୍କର ଲୋକ ନା ହାତୀ ! ଲକ୍ଷ୍ମୀଛଡ଼ା, ହତଭାଗା ଲୋକ ।

ମିଷ୍ଟର ଲରି ଆଉ ଅନ୍ୟ ଉପାୟ ନ ଦେଖି ଧୀରେ ଧୀରେ ଖସିଗଲେ । ସେତେବେଳେ ତାଙ୍କର ସବୁ ଭାବନା ଯାଇ ଏକମାତ୍ର ଆଶଙ୍କା ହେଲା ଯେ ଏହି ମାଇକିନାଟା ସଙ୍ଗରେ ଯିବ ନା କଅଣ ?

ଯାହା ହେଉ ପର ଦିନ ସେମାନେ ନିରାପଦରେ ପାରିସରେ ପହଞ୍ଚିଲେ । ଆଲେକଜାଣ୍ଡାର ମ୍ୟାନେଟଙ୍କର ପୁରୁଣା ଗୃହର ଡେଫର୍ଜ ସେଣ୍ଟ ଆଣ୍ଟୋଏନରେ ମଦ ଦୋକାନ କରିଥିଲା । ସେଣ୍ଟ ଆଣ୍ଟୋଏନ ପଡ଼ାଟା ହେଲା ଖୁବ୍ ଦରିଦ୍ର ମାନଙ୍କର । ସର୍ବଦା ଅଭାବ ଅନାଟନରେ ସେମାନଙ୍କର ମନୁଷ୍ୟତ୍ୱ ଏକ ପ୍ରକାର ଲୋପ ପାଇବାକୁ ବସିଥିଲା । ସୁତରାଂ ସେଠାକାର ରାସ୍ତାଗୁଡ଼ାକ ଯେପରି ଅପରିଷ୍କାର ସେହିପରି ଅପରିଚ୍ଛନ୍ନ ହୋଇ ସେଠାକାର ଅଧିବାସୀମାନେ ବି ଥାଆନ୍ତି । ଅଧି

ଗୋଳମାଳ ଓ କଳି ଝଗଡ଼ା କରିବା ଥିଲା ସେଠାରେ ନିତ୍ୟ ନୈମିତ୍ତିକ ଘଟଣା । ଏହିପରି ସେଣ୍ଟ ଆଣ୍ଟୋଏନରେ ଗୋଟିଏ ପୁରୁଣା ଗୃହ ତାଲା କୋଠା ତଳେ ଥିଲା ଡେଫାର୍ଜର ମଦ ଦୋକାନ । ଡେଫାର୍ଜ ଆଉ ତା ସ୍ତ୍ରୀ ଦୋକାନ ଚଳାନ୍ତି ଏବଂ ତଳ ତାଲାରେ ବାସ କରନ୍ତି । ତାଙ୍କ ଉପରର ଘରଗୁଡ଼ାକ ଖୁଚୁରା ହିସାବରେ ଭଡ଼ା ଦିଅନ୍ତି ।

ଫ୍ରାନ୍ସରେ ବିଦ୍ରୋହର ନିଆଁ ଅନେକ ଦିନରୁ କୁହୁଳୁ ଥିଲା ଏବଂ ସେହି ନିଆଁରେ ଯେଉଁମାନେ ଗୋପନରେ ଇନ୍ଧନ ଯୋଗାଉ ଥିଲେ ତାଙ୍କ ମଧ୍ୟରେ ଡେଫାର୍ଜ ଓ ତାର ସ୍ତ୍ରୀ ହେଉଛନ୍ତି ପ୍ରଧାନ । ଡେଫାର୍ଜର ସ୍ତ୍ରୀ ମଦ ଦୋକାନର ଏକ ପାର୍ଶ୍ୱରେ ଚୁପ କରି ବସି ଜାଲ ବୁଣୁଥାଏ, କିନ୍ତୁ ତାର ଭିତରେ ସେ ରାଜ୍ୟର ସବୁ ଖବର ରଖୁଥାଏ । ନିଶବ୍ଦ ଓ ନୀରବରେ ସେ ଷଡ଼ଯନ୍ତ୍ରର ଜାଲ ବୁଣେ ଏବଂ ଫ୍ରାନ୍ସର ରାଜଶକ୍ତିର ପ୍ରତ୍ୟେକ ଅପକୀର୍ତ୍ତି ଗୁନ୍ଥି ରଖେ, ନିଜ ମଥାରେ । ବାଲ୍ୟକାଳର ସହସ୍ର ଅତ୍ୟାଚାର, ଯାହା ସେ ନିଜେ ଭୋଗ କରିଛି ଏବଂ ନିଜ ଗୃହ ପାଖରେ ଭୋଗ କରିବାକୁ ଦେଖିଛି, ତା ମନକୁ ପାଷାଣ କଠିନ କରି ପକାଇ ଥିଲା । ସେହି ଏହି ଅସାମାନ୍ୟ ସ୍ତ୍ରୀ ଲୋକଟି ତାର ସମସ୍ତ କ୍ଷମତା ପ୍ରୟୋଗ କରି ନିର୍ମମ ଭାବରେ ଖାଲି ପ୍ରତିହିଂସାର ନିଆଁ ଜଳାଉଥିଲା । ତାହା ନିକଟରେ କାହାର ମାର୍ଜନା ନ ଥିଲା । ଅମୋଘ, ନିଷ୍ଠୁର ପ୍ରତିଶୋଧହିଁ ଥିଲା ତାର ସାଧନା, କାମନା ।

ଡେଫାର୍ଜ ବି ତାର ପିଲାବେଳୁ ତା ଗୃହ ପଛେ ଖାଲି ଉତ୍ପୀଡ଼ନର ଛବିହିଁ ଦେଖିଛି । କିନ୍ତୁ ତେବେ ବି ତାର ମନ ତା ସ୍ତ୍ରୀ ପରି କଠିନ ହୋଇ ପାରି ନାହିଁ । ତାଙ୍କ ଦଳର ଗୁପ୍ତଚରମାନେ ଯେତେବେଳେ ମ୍ୟାନେଟର ମୁକ୍ତି ସମ୍ବାଦ ଆଣି ଦେଲେ, ଡେଫାର୍ଜହିଁ ତାଙ୍କୁ ନେଇ ଆସି ନିଜ ଘରେ ରଖିଲା ଏବଂ ଲୋକ ଖବର ଦେଇ

ଟେଲିଫୋନରେ ଭଣ୍ଡାଙ୍କୁ ଖବର ପଠାଇଲା । ସୁତରାଂ ମିଷ୍ଟର ଲଙ୍ଗ ଲୁସିଙ୍କୁ ସାଙ୍ଗରେ ଧରି ଖୋଜି ଖୋଜି ଏହି ଡ଼େଫାର୍ଜଙ୍କର ମଦ ଦୋକାନରେ ଆସି ଉପସ୍ଥିତ ହେଲେ ।

ସେମାନେ ଯେତେବେଳେ ସେଣ୍ଟ-ଆଣ୍ଟୋଏନରେ, ସେତେବେଳେ ସେଠାରେ ଗୋଳମାଳ ଚାଲିଛି । ଗୋଟିଏ ଗାଡ଼ିରେ ବୋଝାଇ ହୋଇ କେତେ ଗୁଡ଼ା ମଦର ପିପା ଯାଉଥିଲା, ତା ଭିତରୁ ଗୋଟିଏ ପିପା ରାସ୍ତାରେ ଖସି ପଡ଼ି ଭାଙ୍ଗି ଗଲା । ଉଚ୍ଚା ନୀଚ୍ଚ ପଥର ବସା ରାସ୍ତା, କାଦୁଅ ଓ ଜଞ୍ଜାଳରେ ବୋଝାଇ ହୋଇ ଥିଲା । ତା ଭିତରେ ମଦ ଛେଚିଯାଇ ଏକାଠାରେ କାଦୁଅ ସାଙ୍ଗରେ ମିଶିଗଲା । କିନ୍ତୁ ହେଉ କାଦୁଅ, ମଦ ତ ? ଚାରିଆଡ଼ୁ ହୈଚୈ କରି ବୁଭୁକ୍ଷୁଙ୍କ ଦଳ ଆସି ପହଞ୍ଚିଗଲେ ଏବଂ ଧ ହାତରେ ସେହି କାଦ ଗୋଟେଇ ଖାଇବାକୁ ଲାଗିଲେ । ସେଥିପାଇଁ ତାଙ୍କ ଭିତରେ ଚାଲିଲା ଧରାଧରି, ମରାମରି । କେତେ ଅଭାବରେ ପଡ଼ିଲେ ମଣିଷ ଏପରି ତଳକୁ ଖସି ଆସିପାରେ, ତାହା ବୋଧହୁଏ ସମସ୍ତଙ୍କୁ ଅଜଣା ନ ଥିବ ।

କିଏ ଆଉ କରିବେ ? ଏହି ଗୋଳମାଳ ଭିତରେ ମିଷ୍ଟର ଲରୀ ମଦ ଦୋକାନରେ ପହଞ୍ଚି ଡ଼େଫାର୍ଜଙ୍କୁ ଚୁପକରି ଗୋଟେ ପାଖକୁ ଡାକି ନେଇ ଗଲେ ଏବଂ ନିଜର ପରିଚୟ ଦେଇ ତାଙ୍କର ଆସିବାର କାରଣଟା ବି ଜଣାଇଲେ । ଡ଼େଫାର୍ଜ ତାଙ୍କ ସ୍ତ୍ରୀକୁ ଦୋକାନ ଉପରେ ପହରା ଦେବାକୁ କହି ଲୁସି ଓ ମିଷ୍ଟର ଲରୀଙ୍କୁ ନେଇ ପଛରେ ଥିବା ଗୋଟେ ଭଙ୍ଗାରୁଜା ଜରାଜୀର୍ଣ୍ଣ ସିଡ଼ିରେ ଉପରକୁ ଉଠିଲେ, ତା ପରେ ଗୋଟେ ତାଲା ଦିଆ ଯାଇଥିବା ଘର ସାମନାକୁ ଯାଇ ସେ ପକେଟରୁ ଗୋଟେ ଚାବି ନେଇଗା ବାହାର କଲେ । ମିଷ୍ଟର ଲରୀ ଆଶ୍ଚର୍ଯ୍ୟ ହୋଇ କହିଲେ—ଏବେ ବି ତାଙ୍କୁ ତାଲା ଦେଇ ରଖିଛ ନା କିଅଣ ?

ଢ଼େଙ୍ଗଫାଙ୍ଗ ଥରେ ମିଷ୍ଟର ଲିଷ୍ଟଙ୍କ ମୁହଁ ଆଡକୁ ଚାହିଁ କହିଲା— ଏତେ ଦୀର୍ଘ କାଳ ଅନ୍ଧକାର ଘରେ ତାଲା ଭିତରେ ସେ ବାସ କରିଛନ୍ତି ଯେ ଆଜି ଯଦି ତାଲା ନ ଦେଇ ଚାଲିଯାଏ, ତାହାହେଲେ ସେ ଭୟ ପାଇ ପାଟି କରି କି ଯେ ଅନର୍ଥ କରି ବସିବେ ତାର ଠିକ ନାହିଁ ।

ଦୁଆର ଖୋଲି ଟିକିଏ ଫାଙ୍କ କରି ଢ଼େଙ୍ଗଫାଙ୍ଗ କୌଣସି ପ୍ରକାରେ ପଶିଗଲା, ଏବଂ ତା ପରେ ସେମାନଙ୍କୁ ଇଙ୍ଗିତ ଦେଲା ଭିତରକୁ ଆସିବା ଲାଗି । ମାନସିକ ଉତ୍ତେଜନାରେ ଲୁଇସ ର ହାତ ଗୋଡ଼ ସେତେବେଳେ ଯେପରି ଅବଶ ହୋଇ ଆସୁଛି । ସେ ଚାଲି ପାରୁ ନାହାନ୍ତି ଦେଖି ମିଷ୍ଟର ଲିଷ୍ଟ ତାଙ୍କୁ ଏକ ପ୍ରକାର କୋଳରେ ଧରି ଭିତରକୁ ଆଣିଲେ । ସେମାନେ ଆସିବା ସଙ୍ଗେ ସଙ୍ଗେ ଢ଼େଙ୍ଗଫାଙ୍ଗ ଦୁଆର ବନ୍ଦ କରି ଦେଇ ଭିତରଟା ମହା ଆଡ଼ମ୍ବର କରି ତାଲା ଲଗାଇ ଦେଲା ।

ଯେଉଁଠି ସେମାନେ ପ୍ରବେଶ କଲେ ତାକୁ ଘର କହିବା ଆଦୌ ଉଚିତ ନୁହେଁ । କାଠ କୁଟା ରଖିବାର ଗୋଟିଏ ଅନ୍ଧକାର କୋଠରି । ଗୋଟିଏ ମାତ୍ର ଛୋଟ ଝରକା ଅଛି ଏକ ପାଖରେ । ସେଠା ବି ସବୁ ଖୋଲା ନୁହେଁ । ସେହି ସାମାନ୍ୟ ଟିକିଏ ଫାଙ୍କ ଭିତରେ ଅତି ସାମାନ୍ୟ ଯେଉଁ ଆଲୁଅ ଟିକକ ଘରେ ଆସି ପଡୁଛି; ସେଥିରେ କୌଣସି ଜିନିଷ ଦେଖିବାକୁ ଗଲେ କଷ୍ଟ କରି ଦେଖିବାକୁ ହୁଏ । ଘରର କୋଣରେ ଗୋଟିଏ ଭଙ୍ଗା ବେଞ୍ଚ ଉପରେ ଏକ ଶୁଭ୍ର କେଶ ବୃଦ୍ଧ ବସିଥିଲେ । ଅତ୍ୟନ୍ତ ଶୀର୍ଣ୍ଣ, ହାଡ଼ ଜର ଜର କଙ୍କାଳସାର ଦେହ, ଅତି ପୁରାତନ ବିବର୍ଣ୍ଣ ଛିଣ୍ଡା କାମିଜ ଓ ପାଇଜାମା ପିନ୍ଧିଛନ୍ତି, ମୁହଁରେ ନିଶ ଦାଢ଼ି, ଲମ୍ବା ଲମ୍ବା ବାଳ ଯେପରି ପ୍ରେତାତ୍ମାର ମୂର୍ତ୍ତି । ବୃଦ୍ଧ ସାମନାକୁ ଝୁଙ୍କି ପଡ଼ି ଏକ ମନରେ ଗୋଟେ ଜୋତା ତିଆରି କରୁଥିଲେ, ବେଞ୍ଚ ଉପରେ, ତଳେ, ଗୋଡ଼ କଡ଼ରେ, କେତେ ଗୁଡ଼ାଏ ଚମଡ଼ାର

ଖଣ୍ଡ ବିଶେଷ ଓ ଯନ୍ତ୍ରପାତି ଇତସ୍ତତ ହୋଇ ପଡିଥିଲା । ଏକ ମନରେ ଦେହ ନୁଆଁଇ ସେ କାମ କରିବାରେ ଲାଗିଥିଲେ । ଏତେ ଗୁଡ଼ାଏ ଲୋକ କୁଢ ଘରେ ପଶିଲେଣି ତାହା ସେ ଶୁଣିବାକୁ ବି ପାଇଲେ ନାହିଁ ।

ଡେଫାର୍ଜ ତାଙ୍କୁ ଟିକିଏ ଦୂରରେ ରଖି ନିକଟକୁ ଆଗେଇ ଗଲା, ଏବଂ କହିଲା—ଶୁଣୁଛନ୍ତି ? ଝରକାଟା ଟିକିଏ ବେଶୀ ଖୋଲି ଦେବି ?

ବୃଦ୍ଧ ହାତ ବନ୍ଦ କରି ଅତ୍ୟନ୍ତ ଅସହାୟ ଭାବରେ ଥରେ ସ୍ବର ଆଡ଼କୁ ଚାହିଁଲେ । ଶବ୍ଦଟା କେଉଁଠୁ ଆସୁଛି, ଯେପରି ସେତିକି ବୁଝିବାକୁ ବି ତାଙ୍କୁ ଟିକିଏ ସମୟ ଲାଗିଲା, ତା ପରେ ପ୍ରଶ୍ନକର୍ତ୍ତାଙ୍କ ମୁହଁ ଆଡ଼କୁ ଶୂନ୍ୟ ଦୃଷ୍ଟିରେ ଅନାଇ ସେ କହିଲେ—ଖୋଲି ଦେବ ? ଦିଅ ।

ଡେଫାର୍ଜ ପଚାରିଲା—ଆଖିକୁ ଲାଗିବ ନାହିଁ ? ଆଲୁଅ ସହ୍ୟ ହେବ ତ ? ଗୋଟେ କ୍ଷୀଣ, ଅତି କ୍ଷୀଣ, ଯେପରି ଅସ୍ପୃଷ୍ଟ ଆର୍ତ୍ତନାଦ ପରି ଦୀର୍ଘଶ୍ବାସ ପକାଇ ବୃଦ୍ଧ ଜବାବ ଦେଲେ—ଖୋଲି ଦେଲେ ସହ୍ୟ କରିବାକୁହିଁ ହେବ ! କଅଣ କରିବ—

ତା ପରେ ସେ ପୁଣି ଝୁଙ୍କି ପଡିଲେ ନିଜ କାମରେ । ବୃଦ୍ଧଙ୍କ କଣ୍ଠ ସ୍ବରର କ୍ଷୀଣ । ଯେଉଁ ଲୋକ ବହୁ ଦିନ ପୃଥିବୀର ଆଲୋକ, ପୃଥିବୀର କୋଳାହଳ, ମନୁଷ୍ୟର କଣ୍ଠ-ସ୍ବରରୁ ବଞ୍ଚିତ ଥିଲା, ସେ ଲୋକ ନିକଟରେ ଅତି କ୍ଷୀଣ ଶବ୍ଦବି କୋଳାହଳ ବୋଲି ମନେ ହେଲା । ମନୁଷ୍ୟର ଗଳାର ଆବାଜ ପାଇ ବି ଯେ ସେ ଚମକି ଉଠିଲେ, ତାର ବି ବୋଧ ହୁଏ ଏହାହିଁ କାରଣ ।

ଆଉ କେତେ ମିନିଟ ପରେ ଡେଫାର୍ଜ କହିଲା—ଶୁଣୁଛନ୍ତି, ଏମାନେ ସମସ୍ତେ ଆପଣଙ୍କ ସାଙ୍ଗରେ ଦେଖା କରିବାକୁ ଆସିଛନ୍ତି ଯେ !

ପୁଣି କିଛି କ୍ଷଣ ଇତସ୍ତତ କରି ବୃଦ୍ଧ ମୁହଁ ଟେକି ଅସହାୟ ଭାବରେ ଚାହିଁଲେ । ତା ପରେ ଅସ୍ଫୁଟ ସ୍ୱରରେ ସେ କହିଲେ— ମୋତେ କଅଣ କିଛି କହିଲ ?

ହଁ, ଏମାନେ ଆପଣଙ୍କ କାମ ଦେଖିବାକୁ ଚାହାନ୍ତି । କି କୋତା ଅଛି ଦେଖାନ୍ତୁ ନା ।

ମନୁଷ୍ୟତ୍ୱର ଏହି ଶୋଚନୀୟ ଦୁର୍ଦ୍ଦଶାରେ ମିଷ୍ଟର ଲସିଙ୍କ ଚକ୍ଷୁରେ ଜଳ ଭରି ଆସିଥିଲା । ତେବେ ସେ ବ୍ୟାଙ୍କର ଲୋକ-କି ନା, କାମ ତାଙ୍କର ସମସ୍ତଙ୍କ ଉପରେ । ସେ ଆଗେଇ ଆସି ଯୋଡ଼ିଏ ଜୋତା ହାତରେ ଉଠାଇ ନେଲେ ।

ଡେପାର୍ଜ କହିଲା—କି ରକମ ଜୋତା ଏହାକୁ ଟିକିଏ ବୁଝାଇ ଦିଅ ।

ଅନେକ କ୍ଷଣ ଚୁପ ରହି ଆପେ ଆପେ ଉଠିଲା ଭଳି ବୃଦ୍ଧ କହିଲେ— କଅଣ କହିଲ ମୋର ମନେ ନାହିଁ,—କଅଣ କରିବାକୁ ହେବ ?

ଡେଫାର୍ଜ କହିଲା—ଜୋତାଟା ଭଲ କି ମନ୍ଦ ଟିକିଏ ବୁଝାଇ ଦେବେ ନାହିଁ ?

ବୃଦ୍ଧ ସେତେବେଳେ କେତେକ ପରିମାଣରେ ଅଭ୍ୟାସ ବଶତଃ କହି ଗଲେ—ମହିଳାଙ୍କ ଜୋତା, ଏ ହେଲା ଅଜି କାଲିକା ଫେସନ । ମୁଁ ଅବଶ୍ୟ ନିଜେ ଦେଖି ନାହିଁ, ତେବେ ନମୁନା ଧରି କରିଛି । ଖୁବ୍ ମଜଭୁତ ।

କଥା କହିବା ସମୟରେ ଯେପରି ଟିକିଏ କ୍ଷୀଣ ଗର୍ବର ଭାବ ବୃଦ୍ଧଙ୍କ ଶୀର୍ଣ୍ଣ ବିବର୍ଣ୍ଣ ମୁହଁରେ ଫୁଟି ଉଠିଲା । ତାପରେ ପୁଣି ସେ ମଥା ତଳକୁ କଲେ । ମିଷ୍ଟର ଲସି ପ୍ରଶ୍ନ କଲେ—ଆପଣ କଅଣ ବରାବର ଜୋତା ତିଆରି କରନ୍ତି ?

ମୁଁ ? ନା । ମୁଁ ଏଠାକୁ ଆସି ଶିଖିଛି । ନିଜେ ନିଜେ ଶିଖିଛି ।

କହୁଁ କହୁଁ ରହିଯାଇ ମଥା ତଳକୁ କରି ସେ କହିଲେ । ତାପରେ କିଛି କ୍ଷଣ ପରେ ନିଜେ ମଥା ଟେକି ମିଷ୍ଟର ଲର୍ଟଙ୍କ ଆଡ଼କୁ ଅନାଇଁ ଯେପରି ଚମକି ଉଠିଲେ ଏବଂ ତା ପରେ ଆଗ କଥାର ଖିଅ ଧରି କହିଲେ—ସେମାନଙ୍କୁ ଢେର କହି ବୋଲି ଏ କାମ କରିବାର ଅନୁମତି ପାଇଥିଲି ।

ମିଷ୍ଟର ଲର୍ସ ଜୋତାଂ ପକାଇ ଦେଇ କହିଲେ—ଆଚ୍ଛା ଡାକ୍ତର ମ୍ୟାନେଟ, ମୋତେ କଅଣ ଆପଣଙ୍କର ଟିକିଏ ବି ମନେ ପଡୁନାହିଁ ?

ମ୍ୟାନେଟ ଅନେକ ସମୟ ଶୂନ୍ୟ ଦୃଷ୍ଟିରେ ତାଙ୍କ ମୁହଁକୁ ଚାହିଁ କହିଲେ—ମନେ ? କେଜାଣି ! ସେ ଅନେକ ଦିନର କଥା । କାହିଁ, କିଛି ତ ମନେ ପଡୁ ନାହିଁ ।

ଆପଣଙ୍କ ନାମ କଅଣ ମନେ ଅଛି ?

ମୋ ନାମ ? ନାମ ଜାଣିବାକୁ ଚାହୁଁଛନ୍ତି ?

ହଁ, ଆପଣଙ୍କ ନାମ ।

ମୁଁ ନର୍ଥ ଟାୱାରର ୧୦୫ ନମ୍ବର କଏଦୀ

ମିଷ୍ଟର ଲର୍ସ ତତ୍‌କ୍ଷଣାତ୍ ଡେଫାର୍ଜଙ୍କର ଗୋଟିଏ ହାତ ଧରି କହିଲେ, ଏହା ଆଡ଼କୁ ଅନାଇ ଦେଖନ୍ତୁ ତ । ଏହାଙ୍କୁ କଅଣ ଆପଣଙ୍କର ମନେ ପଡୁ ନାହିଁ ? ସେହି ପୁରୁଣା ଚାକର, ଆପଣଙ୍କ ବ୍ୟାଙ୍କର କର୍ମଚାରୀ, ପୁରୁଣା ଦିନର କୌଣସି କଥା କଅଣ ମନେ ପଡ଼ୁ ନାହିଁ ? ଭଲ କରି ଚାହାନ୍ତୁ, ଚାହିଁ ଦେଖନ୍ତୁ ତ ।

ବହୁ ବହୁ ଯୁଗର ଆର ପାରିରୁ ଯେପରି ଗୋଟିଏ ତୀକ୍ଷ୍ଣ ଦୃଷ୍ଟି, ଚିନ୍ତା ଶକ୍ତିର ଛାୟା ଧୀରେ ଧୀରେ ସେହି ବିହ୍ୱଳ ମୁଖ ଉପରେ

ଫୁଟି ଉଠିଲା । କିନ୍ତୁ କ୍ଷଣ ଯେପରି ମନ ଭିତରେ ଗୋଟାଏ କ୍ଷ ସ୍ପୃହା ଧାରଣାର ଚେଷ୍ଟା ଚାଲିଲା । ପୁଣି ପର କ୍ଷଣରେ ଟିକିଏ ଟିକିଏ କରି ସେ ଭାବନା ମିଳାଇ ଗଲା । କିନ୍ତୁ ସେହି ଅଳ୍ପ ସମୟ ଟିକକ ମଧ୍ୟରେ ମିଷ୍ଟର ଲରିଙ୍କର ଅନେକ ଦିନ ଆଗର ଡ଼ାକ୍ତର ମ୍ୟାନେଟଙ୍କୁ ଚିହ୍ନି ନେବାକୁ ଡେରି ହେଲା ନାହିଁ । ଯେପରି ବୃଦ୍ଧଙ୍କର ଏହି ଶୀର୍ଣ୍ଣ କଙ୍କାଳ ମଧ୍ୟରେ କ୍ଷଣ କାଳ ପାଇଁ ମ୍ୟାନେଟଙ୍କର ଆତ୍ମାର ସଞ୍ଚାର ହେଲା ।

ଲୁସୀ ଏତେ ବେଳ ଯାଏଁ ଗୋଟିଏ କୋଣରେ ଠିଆ ହୋଇ ନୀରବରେ ଅଶ୍ରୁ ପାତ କରୁଥିଲା । ସେ ଏଥର ଡ଼ାକ୍ତର ମ୍ୟାନେଟଙ୍କର ଖୁବ୍ ନିକଟରେ ଆସି ଠିଆ ହେଲା ।

ଡେଫାର୍ଜ ବୁଝିଲା ଯେ ଏଥର ଆଉ ସେମାନଙ୍କର କିଛି କରିବାର ନାହିଁ । ଉପଯୁକ୍ତ ଚିକିତ୍ସକ ଆସିଛନ୍ତି । ସେ ମିଷ୍ଟର ଲରିଙ୍କୁ ନେଇ ଦୁଆରକୁ ଘୁଞ୍ଚିଗଲା । ଡ଼ାକ୍ତର ମ୍ୟାନେଟ ମୁଣ୍ଡ ତଳକୁ ପୋତି କାମ କରି ଯାଉଥିଲେ । ସହସା ଚମଡ଼ା କାଟା ଗୋଟେ ଛୁରୀର ଦରକାର ହେବାରୁ ତଳୁ ଉଠାଇ ନେବାକୁ ଯାଇ ତାଙ୍କ ଚକ୍ଷୁ ପଡ଼ିଲା ଲୁସୀ ଆଡେ । ସେ ଟିକିଏ ରହିଯାଇ ଆସ୍ତେ ଆସ୍ତେ ଚକ୍ଷୁ ଉଠାଇ ଲୁସୀର ମୁହଁ ଆଡ଼େ ଚାହିଁ ଚମକି ଉଠିଲେ । ଶିଶିର ସିକ୍ତ ଶତଦଳ ପରି ସୁନ୍ଦର ଝିଅଟି ସଜଳ ଚକ୍ଷୁରେ ତାଙ୍କ ଆଡ଼କୁ ଚାହିଁ ଠିଆ ହୋଇଛନ୍ତି । ଏ ଦୃଶ୍ୟ ବୃଦ୍ଧଙ୍କ ନିକଟରେ ଏତେ ଅସ୍ୱାଭାବିକ ଯେ ସେ ଯେପରି କ୍ରମଶ ଭୀତ ହୋଇ ପଡ଼ିଲେ । ଅର୍ଦ୍ଧ ସ୍ଫୁଟ ଅଥଚ ଆର୍ତ୍ତ ସ୍ୱରରେ ପ୍ରଶ୍ନ କଲେ ସେ—ଏ,ଏସବୁ କଅଣ ?

ଲୁସୀ ସେ କଥାର ଜବାବ ନ ଦେଇ ଅସ୍ଥିର କଷ୍ଟରେ, ତା ପରେ ଏକବାରେ ତାଙ୍କ ପାଖରେ ଆସି ବସି ପଡ଼ିଲା । ଡ଼ାକ୍ତର ମ୍ୟାନେଟ ଯେତେବେଳେ ସଭୟରେ ଟିକିଏ ଘୁଞ୍ଚିଗଲେ, ସେତେବେଳେ ଲୁସୀ

ଆସ୍ତେ ଆସ୍ତେ ତାଙ୍କ କାନ୍ଧ ଉପରେ ହାତ ରଖିଲା । ସେ କୌତୁହଳ ପରିମାଣରେ ହତଭମ୍ବ ହୋଇ ତା ମୁହଁ ଆଡ଼କୁ ଚାହିଁ ବସି ରହି ଲୁସୀର ହାତଟା କାନ୍ଧ ଉପରୁ ଖସାଇ ଦେଲେ । ତା ପରେ କମ୍ପିତ ହାତରେ ବୁକୁ ଭିତରୁ ଟିକିଏ ମଇଳା କନାରେ ବନ୍ଧା ହୋଇଥିବା ଗୋଟିଏ ଛୋଟ ପୁଟୁଳି ସେ ବାହାର କଲେ । ଶୀଘ୍ର ଶୀଘ୍ର ସେହି ପୁଟୁଳିଟି ଖୋଲନ୍ତେ ତା ଭିତରୁ ବାହାରିଲା ପ୍ରାୟ ଦୁଇ ତିନିଟା କାହା ମୁଣ୍ଡର କେଶ । ସେହି କେଶ ଅତି ସନ୍ତର୍ପଣରେ ହାତରେ ଉଠାଇ ନେଇ ଲୁସୀର କେଶ ସହିତ କିଛି କ୍ଷଣ ମିଳାଇ ଦେଖି ସେ ଲୁସୀର ମୁହଁ ଆଡ଼କୁ ଚାହିଁ କହିଲେ—ସେହି କେଶ ଏକାବେଳେ ଏକ । କିନ୍ତୁ ଏହା କିପରି ହେଲା ? —ତୁ କଅଣ ସେହି ? —ନା—ତାହା ବା କିପରି ହେବ ? ସେ ଯେ ଅନେକ ଦିନ ତଳର କଥା ।

ତା ପରେ କେତେକ ପରିମାଣରେ ଯେପରି ଆପଣା ମନେ ମନେ କହି ଚାଲିଲେ ସେ, ସେ ଦିନ ରାତିରେ ଯେତେବେଳେ ବାହାର ଆସେ, ସେତେବେଳେ ସେ ଡରର ସମୟ ମୋ କାନ୍ଧ ଉପରେ ମଥା ରଖି ଠିଆ ହୋଇ ଥିଲା । ମୋତେ ଆସିବାକୁ ନିଷେଧ କରିଥିଲା । କିନ୍ତୁ ମୁଁ ଶୁଣିଲି ନାହିଁ । ତା ପରେ ଯେତେବେଳେ ନର୍ଥ ଟାୱାରରୁ ଆସିଲି, ସେତେବେଳେ ଦେଖିଲି ଏହି କେତୋଟି ତାର ମଥାର କେଶ ମୋ ଜାମା ହାତରେ ଲାଗି ଯାଇଛି । ଏହି କେତୋଟି କେଶ ତାର ସ୍ମୃତି ଚିହ୍ନ ରୂପେ ମୁଁ ତା ଠାରୁ ଚାହିଁ ନେଇଥିଲି ଭିକ୍ଷା ସ୍ୱରୂପ । କିନ୍ତୁ ତୁ କଅଣ ସେହି ଲୋକ ? ନା, ନା, ତୁ ଯେ ପିଲା ଲୋକ, ଆଉ ସେ ହେଲା ଅନେକ ଦିନର କଥା । ସେ ମୋର ବନ୍ଦୀ ଦଶା ଆଗର କଥା । ବହୁ ଦିନ, ବହୁ ବର୍ଷ ଆଗର କଥା । ସେତେବେଳେ ମୁଁ ବୃଦ୍ଧ ହୋଇ ନାହିଁ । ସେତେବେଳେ ମୋର ବି ଯୌବନ ଥିଲା ।

ଲୁସୀ ଆଉ ରହି ପାରିଲା ନାହିଁ । ସେ ଦୁଇ ହାତ ବଢ଼ାଇ ଅସହାୟ ଦୁର୍ବଳ ବୃଦ୍ଧର ମଥାଟା ନିଜ ଛାତି ଆଡ଼କୁ ଟାଣି ନେଲା । ତାର ରେଶମ ଭଳି ସୁନେଲି କେଶ ସହିତ ବୃଦ୍ଧର ପକ୍ୱ କେଶ ମିଶି-ଗଲା, ଯେପରି ଆଶାହୀନ ଆନନ୍ଦହୀନ ଜୀବନ ମଧ୍ୟରେ ସ୍ୱାଧୀନତାର ସୂର୍ଯ୍ୟାଲୋକ ଆସି ପଡ଼ିଗଲା । ଲୁସୀ ତାଙ୍କୁ ଗୋଟିଏ ପିଲାଟି ଭଳି ବୁକୁ ମଧ୍ୟରେ ଚାପି ଧରି ତାଙ୍କ କାନରେ କେତେ କଅଣ ସାନ୍ତ୍ୱନାର କଥା ଶୁଣାଇବାକୁ ଲାଗିଲା । ସେହି ମଧୁର ଅଥଚ କରୁଣ କଣ୍ଠ ସ୍ୱରରେ ସେହି ନିର୍ଜନ କୁଟୀର ବୁକୁଫଟା ସାନ୍ତ୍ୱନାର ବାଣୀରେ ଅର୍ଦ୍ଧାନ୍ଧ ବୃଦ୍ଧଙ୍କର ଅ ର ମିଳାଇ ଯାଇ ତାଙ୍କର ବହୁ ଦିନର ଶୁଷ୍କ ଚକ୍ଷୁରୁ ଦୁଇ କୂଳ ବହି ଜଳ ଝରି ପଡ଼ିବାକୁ ଲାଗିଲା । ବହୁ ଦିନ ପରେ ବାପ ଓ ଝିଅର ଏହି ସକରୁଣ ମିଳନର ମର୍ମନ୍ତୁଦ ଦୃଶ୍ୟରେ ଘରେ ଉପସ୍ଥିତ ଆଉ ଦୁଇ ଜଣଙ୍କ ଚକ୍ଷୁ ବି ସଜଳ ହୋଇ ଉଠିଲା ।

ବହୁ କ୍ଷଣ କାନ୍ଦି କାନ୍ଦି ଶାନ୍ତ ହୋଇ ବୃଦ୍ଧ ଘୁମାଇ ପଡ଼ିଲେ । ତାଙ୍କ ମଥା ମାଟି ତଳେ ଝୁଙ୍କି ପଡ଼ିଲା, ଆଉ କ୍ରମେ ସେ ଚଟାଣରେ ଶୋଇ ପଡ଼ିଲେ । ଲୁସୀ ବି ତାଙ୍କ ସାଙ୍ଗରେ ମାଟିରେ ଶୋଇଲା । ତା ହାତ ଉପରେ ବୃଦ୍ଧଙ୍କର ମଥାଟା ରଖି ଆଉ ଗୋଟିଏ ହାତରେ ତାଙ୍କ ମଥାରେ ହାତ ବୁଲାଇ ବୁଲାଇ ଲୁସୀ କହିଲା—ଯଦି ସମ୍ଭବ ହୁଏ, ଆପଣମାନେ ଏକ୍ଷଣି ଯିବାର ଆୟୋଜନ କରନ୍ତୁ । ମୁଁ ଏକବାରେ ଏଠାରୁ ଏହାଙ୍କୁ ନେଇ ଯିବାକୁ ଚାହେଁ ।

ମିଷ୍ଟର ଲରି କହିଲେ କିନ୍ତୁ ଏହି ଅବସ୍ଥାରେ କଅଣ ଯାଙ୍କୁ ନେଇ ଯାଇ ହେବ ?

ଲୁସୀ କହିଲା—ଖୁବ ହେବ । ମୁଁ ଠିକ୍ ଯାଙ୍କୁ ନେଇଯିବି । କିନ୍ତୁ

ଯେଉଁଠି ସେ ଏତେ ଦୁଃଖ, ଏତେ ବେଦନା ପାଇଛନ୍ତି, ସେଠାରେ ମୁଁ ଧନଙ୍କ ପାଇଁ ବି ତାଙ୍କୁ ଆଉ ରଖିବାକୁ ଚାହେଁ ନା ।

ଡେଫାର୍ଜ କହିଲା—ତାଙ୍କ ପକ୍ଷରେ ଏଠାରେ ରହିବା ବି ଖୁବ୍ ନିରାପଦ ନୁହେଁ । ଯେତେ ଶୀଘ୍ର ଯାଇ ପାରନ୍ତି, ସେତେ ମଙ୍ଗଳ ।

ମିଷ୍ଟର ଲରୀ ସେତେବେଳେ ଡେଫାର୍ଜ ସାଙ୍ଗରେ ଘୋଡ଼ା ଗାଡ଼ି ବ୍ୟବସ୍ଥା କରିବାକୁ ବାହାରି ଗଲେ । ସବୁ ସଜାଡ଼ି କରି ଯେତେବେଳେ ସେମାନେ ଫେରି ଆସିଲେ, ସେତେବେଳକୁ ଡାକ୍ତର ମ୍ୟାନେଟଙ୍କର ନିଦ ଭାଙ୍ଗି ଗଲାଣି । ଲୁସୀ ଆସ୍ତେ ଆସ୍ତେ ତାଙ୍କୁ ନେଇ ବାହାରି ଆସିଲା । ସେ ପଦଏ କଥା ବି କହିଲେ ନାହିଁ । କେଉଁଠାକୁ ଯାଉଛନ୍ତି ସେ ବିଷୟରେ କୌଣସି ପ୍ରଶ୍ନ ବି ସେ ପଚାରିଲେ ନାହିଁ । ସ୍ୱପ୍ନାବିଷ୍ଟ ଭଳି ଏକାନ୍ତ ନିର୍ଭୟରେ ଲୁସୀର କାନ୍ଧରେ ଭର ଦେଇ ବାହାରି ଆସି ସେ ଗାଡ଼ିରେ ବସିଲେ ।

ଡେଫାର୍ଜ ସହରର ଶେଷ ମୁଣ୍ଡ ଯାଏ ସେମାନଙ୍କ ସାଙ୍ଗରେ ଗଲା । ଯେତେବେଳେ ବୁଝିଲା ଯେ ଆଉ ବିଶେଷ ଆଶଙ୍କାର କାରଣ ନାହିଁ, ସେତେବେଳେ ସେ ତାଙ୍କ ନିକଟରୁ ବିଦାୟ ନେଇ ଫେରିଗଲା ।

ଗାଡ଼ିରେ ବସି ଲୁସୀ ପଚାରିଲା—ଏଠାକୁ ଆସିବା କଥା କଣ ଏଥର ଆପଣଙ୍କର ମନେ ପଡ଼ୁଛି ?

ବୃଦ୍ଧ ଅସହାୟ ଭାବରେ ଚାରିଆଡ଼କୁ ଚାହିଁ ନିଜ ମନକୁ କହିଲେ—ଅନେକ ଦିନର କଥା, ବହୁ ଦିନ ହେଲା । ତା' ପରେ କିଛି କିଛି କରି ଆହୁରି କେତେ ଥର ନର୍ଥ ଟାଓ୍ୱାରର ଏକ ଶହ ପାଞ୍ଚ ନମ୍ବର କହି ସେ ଚୁପ୍ ରହିଲେ ।

ମ୍ୟାଡ଼ାମ୍ ଡେଫାର୍ଜ ସେମାନଙ୍କ ଯାତ୍ରା ସମୟ ଯାଏ ଠିଆ ହୋଇ ରାସ୍ତା ପାଖରେ ପହରା ଦେଉଥିଲା । ସେ ଥରେ ହେଲେ ବି ମୁହଁ

ଉଠାଇଲା ନାହିଁ କି କେଉଁଆଡ଼େ ବି ଗୁହାଁଲା ନାହିଁ । ସେହି ସମୟରେ କେବଳ ଶାରଦରେ ଠିଆ ହୋଇ ସେ ଜାଲ ବୁଣି ବାକୁ ଲାଗିଲା । ସେହି ଜାଲର ପ୍ରତି ଗଣ୍ଠିରେ ଏହିପର କେତେ ଯେ ମର୍ମନ୍ତୁଦ ଘଟଣାର ଇତିହାସ ଗୁପ୍ତ ରହିଛି, ତାହା ଏକ ମାତ୍ର ସେହିଁ ଜାଣେ ।

# ଚାରି

ଡାକ୍ତର ମ୍ୟାନେଟ ଯେଉଁଦିନ ବନ୍ଦୀ ହେଲେ, ତା ଆଗଦିନ ମାର୍କୁଇସ ଏଭ୍ରେମଣ୍ଡଙ୍କ ସ୍ତ୍ରୀ ତାଙ୍କ ସାଙ୍ଗରେ ଦେଖା କରିବାକୁ ଆସିଥିଲେ । ଏଭ୍ରେମଣ୍ଡ ଓ ତାଙ୍କ ଭାଇ ଯଦିଓ ଭାରି ବଦ ପ୍ରକୃତିର ଲୋକ ଥିଲେ, ତାଙ୍କ ସ୍ତ୍ରୀ କିନ୍ତୁ ପ୍ରକୃତରେ ଖୁବ୍ ଭଲ ଲୋକ । ତାଙ୍କର ଗୋଟିଏ ମାତ୍ର ପୁଅ ଯେପରି ବାପ ଦାଦଙ୍କର ସ୍ୱଭାବ ନ ପାଏ, ଏଥିପାଇଁ ସେ ସର୍ବଦା ଶଙ୍କିତ ଥିଲେ । ତାଙ୍କର ଐକାନ୍ତିକ ଚେଷ୍ଟା ଶେଷ ପର୍ଯ୍ୟନ୍ତ ସଫଳ ହୋଇଥିଲା । ଏଭ୍ରେମଣ୍ଡ ପ୍ରଭୃତିଙ୍କର ଦୂଷିତ ବାୟୁମଣ୍ଡଳ ଭିତରେ ମଣିଷ ହେଲେ ବି ତାଙ୍କ ପୁଅ ଚାର୍ଲସ ପ୍ରକୃତରେ ମଣିଷ ହୋଇଥିଲା ।

ଏଭ୍ରେମଣ୍ଡଙ୍କ ସ୍ତ୍ରୀ ଅଳ୍ପ ବୟସରେ ମରି ଗଲେ । ସେତେବେଳେ ଚାର୍ଲସର ବୟସ ବେଶୀ ନୁହେଁ । ଏଭ୍ରେମଣ୍ଡଙ୍କ ଭାଇ ଥିଲେ ଯମଜ । ସେ ଚାର୍ଲସର ବାବାଙ୍କ ଅବର୍ତ୍ତମାନରେ ମାର୍କୁଇସଙ୍କ ଗାଦିରେ ବସିଲେ । ସେ ଥିଲେ ଆହୁରି ଖରାପ । ସହସ୍ର ଉପାୟରେ ପ୍ରଜାଙ୍କୁ ପୀଡ଼ନ କରି ସେ ଟଙ୍କା ଆଦାୟ କରନ୍ତି ଏବଂ ସେହି ଟଙ୍କା ଅପରିମିତ ବିଳାସରେ ଓ ନାନା ପ୍ରକାର ଦୁଷ୍କାର୍ଯ୍ୟରେ ଅପବ୍ୟୟ କରନ୍ତି । ଚାର୍ଲସ-ଙ୍କ ବିବେକ ଏ ବ୍ୟବହାର ସ୍ୱୀକାର କରିବାକୁ ଚାହିଁଲା ନାହିଁ । ସେ ପୈତୃକ ବିଷୟର ଆଶା, ତାଙ୍କ ଦେଶ ଓ ପିତୃ-ପିତାମହଙ୍କ ବାସଭବନ ସବୁଙ୍କ ସଙ୍ଗେ ତ୍ୟାଗ କରି ଲଣ୍ଡନ ଚାଲିଗଲେ ଏବଂ ସେଠାକୁ ଯାଇ ନିଜ

ପରିଶ୍ରମରେ ଜୀବିକା ଉପାର୍ଜନ ପାଇଁ ଚେଷ୍ଟା କରିବାକୁ ଲାଗିଲେ । ଘୃଣାରେ ଓ ଲଜ୍ୟାରେ ସେ ପୈତୃକ ନାମଟା ବି ତ୍ୟାଗ କଲେ ଏବଂ ଲଣ୍ଡନକୁ ଆସି ଚାର୍ଲସ ଡ଼ାର୍ଣ୍ଣେ ନାମ ଗ୍ରହଣ କଲେ ।

କିନ୍ତୁ ସମୁଦ୍ର ପାର ହୋଇ ବି ତାଙ୍କ କାନରେ ବର୍ତ୍ତମାନ ମାର୍କୁଇସଙ୍କ କୁ-କୀର୍ତ୍ତିର କାହାଣୀ ଆସି ପହଞ୍ଚିଲା ଏବଂ ସମୟ ସମୟରେ ଅମାନୁଷିକ ଅତ୍ୟାଚାରରୁ ଅସହାୟ ପ୍ରଜାମାନଙ୍କୁ ବଞ୍ଚାଇବା ପାଇଁ ଚେଷ୍ଟା ନ କରି ମଧ୍ୟ ରହି ପାରିଲେ ନାହିଁ । ସୁତରାଂ ଲୁଚି କରି ତାଙ୍କୁ ଦୁଇ ଚାରି ଦିନ ଫ୍ରାନସକୁ ଫେରି ଆସିବାକୁ ପଡ଼ିଲା । ଡାକ୍ତର ମ୍ୟାନେଟଙ୍କୁ ନେଇ ଲୁସୀ ଯେଉଁଦିନ ଲଣ୍ଡନ ଫେରୁଛନ୍ତି· ସେହି ଦିନ ଚାର୍ଲସ ବି ଏପରି ଗୋଟିଏ ବ୍ୟାପାରରେ ପ୍ୟାରିସକୁ ଆସିଥିଲେ ଏବଂ ଏହି ଏକା ଜାହାଜରେ ସେ ଲଣ୍ଡନ ଫେରୁଥିଲେ ।

ଦୁର୍ଯୋଗର ରାତି । ତା ପରେ ଜାହାଜଟି ଛୋଟ କହିଲେ ଜୀର୍ଣ୍ଣ । ଏ ଅବସ୍ଥାରେ ଲୁସୀ ତାର ଅର୍ଦ୍ଧ-ଅଚେତନ୍ୟ ବାପାକୁ ନେଇ ଜାହାଜରେ ଚଢି ବଡ଼ ବିପଦରେ ପଡ଼ିଥିଲା । ତାର ଅବସ୍ଥା ଦେଖି ଡ଼ାର୍ଣ୍ଣେ ଆସି ବାହାର ଡ଼େକରେ ଗୋଟେ ବେଞ୍ଚ ଉପରେ ବୃଦ୍ଧଙ୍କୁ ଶୁଆଇବାର ବ୍ୟବସ୍ଥା କରି ଦେଲେ । ଏବଂ ନାନା ପ୍ରକାର ଗପ ସପ କରି ଲୁସୀକୁ ଆଶ୍ୱାସନା ଦେଲେ ।

ତା ପରେ ଆଉ ଦୁଇ ଚାରି ଥର ଏମାନଙ୍କର ଦେଖା ଶୁଣା ହେଲା । କିନ୍ତୁ ଘନିଷ୍ଠ ପରିଚୟ ହେଲା ବେଳକୁ ଜନ୍ ବାର୍ସାଦ ବୋଲି ଜଣେ ଗୁପ୍ତଚରର ଚକ୍ରାନ୍ତରେ ଚାର୍ଲସ ଡ଼ାର୍ଣ୍ଣେଙ୍କ ନାମରେ ରାଜବିଦ୍ରୋହର ଅଭିଯୋଗ ଅଣା ହେଲା ଏବଂ ଲୁସୀ, ତାର ବାପା ଓ ମିଷ୍ଟର ଲରୀଙ୍କୁ ସାକ୍ଷୀ ମଣା ହେଲା ।

ସେତେବେଳେ ଆମେରିକାର ବିଦେଶୀ ପ୍ରଜାମାନେ ଇଂଲଣ୍ଡ ବିରୁଦ୍ଧରେ ବିଦ୍ରୋହ କରିଛନ୍ତି ଏବଂ ଫ୍ରାନ୍ସର ରାଜ ଶକ୍ତି ବିଦ୍ରୋହୀମାନଙ୍କୁ ସାହାଯ୍ୟ କରୁଛି । ଯେଉଁ ଦେଶର ପ୍ରଜାମାନେ ଚରମ ଦୁର୍ଦ୍ଦଶାଗ୍ରସ୍ତ, ସେ ଦେଶର ରାଜା ଅପର ଦେଶର ପ୍ରଜାଙ୍କୁ ସ୍ୱାଧୀନତା ଯୁଦ୍ଧରେ ସାହାଯ୍ୟ କରୁଛନ୍ତି । ଯାହା ହେଉ ଡାର୍ଣ୍ଣେଙ୍କ ବିରୁଦ୍ଧରେ ଅଭିଯୋଗ ହେଲା ଯେ ସେ ପ୍ରକୃତରେ ଫରାସୀ ଲୋକ, ଫରାସୀ ଦେଶର ରାଜା ଲୁଇଙ୍କ ଆଦେଶରେ ସେ ଇଂଲଣ୍ଡରେ ଅଛନ୍ତି । ବାର୍ସାଦ ଏଠାରୁ ଏ ପକ୍ଷର ଗୁପ୍ତ ସମ୍ବାଦ ସଂଗ୍ରହ କରି ନେଇ ଯାଇ ଫରାସୀ ସରକାରକୁ ଜଣାଇ ଆସେ । ବାର୍ସାଦର ସମ୍ବାଦ ବିକ୍ରୟ କରିବା ପେଷା, ବିକ୍ରୟ କରିବା ଭଳି ସମ୍ବାଦ ନ ପାଇଲେ ପେଟ ପାଇଁ ମଧ୍ୟ ସେ ସମ୍ବାଦ ସୃଷ୍ଟି କରି ପାରେ । ଏ କ୍ଷେତ୍ରରେ—ଚାର୍ଲ୍‌ସଙ୍କ ଗୋପନ ଯାତାୟତକୁ ଭିତ୍ତି କରି ସେ ଅଭିଯୋଗଟି ଗଢିଥିଲେ—

ଅଭିଯୋଗ ଗୁରୁତର । ସାକ୍ଷୀ ଅନେକ ଆସିଲେ । ତା ଭିତରେ ବାପର ହାତ ଧରି ବିଚାରୀ ଲୁସୀ ବି ଆସିଲା ସାକ୍ଷ୍ୟ ଦେବାକୁ । ବାର୍ସାଦର ଦଳର ଜଣେ ଲୋକ ନିଜର କଳ୍ପିତ ଦୁଃଖ କଷ୍ଟର ଫର୍ଦ୍ଦ ପେଶ୍ କରି କହିଲା ଚାର୍ଲ୍‌ସ ପାଖରେ ସେ ଚାକିରୀ କରିଥିଲା । ଚାରି ମାସ ଚାକିରୀ କରି, ଅଦାଲତରେ ହଲପ ନେଇ ସେ କହିଲା ଯେ ଚାର୍ଲ୍‌ସ ଡାର୍ଣ୍ଣେଙ୍କ ପରି ପାଷାଣ୍ଡ ରାଜଦ୍ରୋହୀ ଆଉ କେହି ନାହାଁନ୍ତି । ବାର୍ସାଦ ବି ଶପଥ କରି ଜଣାଇଲା ଯେ ଚାର୍ଲ୍‌ସଙ୍କ ପ୍ରତି ତାର ବ୍ୟକ୍ତିଗତ କ୍ରୋଧର କୌଣସି କାରଣ ନାହିଁ ଏବଂ ମିଥ୍ୟା ସାକ୍ଷ୍ୟ ଦେଇ କୌଣସି ଲାଭ ବି ନାହିଁ, କେବଳ ମାତ୍ର ଦେଶଦ୍ରୋହୀତାର ଶାସ୍ତି ଦେବା ଲାଗି ତାର ଏତେ ପରିଶ୍ରମ । ଏମାନଙ୍କ ପରେ ପାଳି ପଡିଲା ଲୁସୀର, ସେ ସଜଳ ଚକ୍ଷୁରେ ଉଠି ଆସି କାଠଗଡ଼ାରେ ଠିଆ ହେଲା । ଚାର୍ଲ୍‌ସଙ୍କ ବିରୁଦ୍ଧରେ କହିବାର କିଛି ନ ଥିଲା । କିନ୍ତୁ ତେବେ ବି ମିଛ କଥା କିପରି

କହନ୍ତା ? ପାଞ୍ଚ ବର୍ଷ ପୂର୍ବେ ଏକ ନିଶୀଥ ଘଟନରେ ଗ୍ରୁର୍ଲସ ଯେ ସେମାନଙ୍କ ସଙ୍ଗେ ଏକ ଜାହାଜରେ ଇଂଲଣ୍ଡକୁ ଫେରଥିଲେ ଏବଂ ତାଙ୍କ ସଙ୍ଗେ ଦୁଇ ଜଣ ଲୋକ ଥିଲେ, ସେହି ଦୁଇ ଜଣଙ୍କ ସାଙ୍ଗରେ ସେ ଗୋପନରେ କଥା କହୁଥିଲେ ଏ ସବୁ କଥା ତାକୁ ଖୋଲି କହିବାକୁ ପଡ଼ିଥିଲା ।

ଲୁସୀ ପରେ ଡାକ୍ତର ମ୍ୟାନେଟ । ସେ ଏଥଣି ପ୍ରକୃତିସ୍ଥ, କିନ୍ତୁ ତାଙ୍କର ସେ ଅତୋନ୍ମତ୍ତ ଅବସ୍ଥାର କଥା କିଛି ହେଲେ ମନେ ନାହିଁ । ସେ କଥା ସେ ବ୍ୟକ୍ତ କଲେ । ଯାହାହେଉ ଯେତିକି ସାକ୍ଷ୍ୟ ନିଆଗଲା ଡାର୍ଣ୍ଣେଙ୍କୁ ଫାଶି ଖୁଣ୍ଟରେ ଝୁଲାଇବା ଲାଗି ତାହା ଯଥେଷ୍ଟ । ଇତି ମଧ୍ୟରେ ଗୋଟିଏ ଅଘଟଣ ନ ଘଟିଥିଲେ, ସେ ନିଶ୍ଚୟ ଝୁଲି ଥାଆନ୍ତେ ।

ଗ୍ରୁର୍ଲସଙ୍କ ପକ୍ଷରୁ ଯେଉଁ ଓକିଲ ନିଯୁକ୍ତ ହୋଇଥିଲେ, ସେ ହେଉଛନ୍ତି ମିଷ୍ଟର ଷ୍ଟ୍ରାଇଭରଙ୍କର ସିଡନି କାର୍ଟନ ନାମକ ଜଣେ ସହକାରୀ । ସିଡନି ଓକିଲାତି କରୁଥିଲେ ସତ, କିନ୍ତୁ ତାହା ନାମକୁ ମାତ୍ର । ସେ ନିଜେ ବ୍ୟବସାୟ କରୁ ନ ଥିଲେ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଅଦାଲତକୁ ଆସି ଷ୍ଟ୍ରାଇଭରଙ୍କ ନିକଟରେ ଚୁପ ହୋଇ ବସି ସେ ଅଦାଲତ ଘରର ଛାତ କଡ଼କୁ ଚାହିଁ ବସିଥାନ୍ତି, ଆଉ ଯେତିକି ସମୟ ଅଦାଲତରେ ବାହାରେ ଥାଆନ୍ତି କେବଳ ମଦ ଖାଆନ୍ତି । ଷ୍ଟ୍ରାଇଭର ପ୍ରବୀଣ ଓକିଲ ଥିଲେ, ଯେପରି ତାର୍କିକ ସେହିପରି ଦୁଃସାହାସୀ ମଧ୍ୟ, କିନ୍ତୁ ତାଙ୍କର ଜଣେ ବଡ଼ ଓକିଲ ହେବା ଭଳି କିଛି ଗୁଣ ନ ଥିଲା । ଆଇନର ଜଟିଳ ମୀମାଂସା, ସୂକ୍ଷ୍ମାତିସୂକ୍ଷ୍ମ ଆଇନର ଫାଙ୍କ ଏହି ସବୁ ଷ୍ଟ୍ରାଇଭର ଜାଣି ନ ଥିଲେ । କିନ୍ତୁ ସିଡନିଙ୍କ ସହିତ ତାଙ୍କର ଆଳାପ ହେବା ଦିନଠାରୁ ସମସ୍ତେ ଅବାକ ହୋଇ ଦେଖିଲେ ଯେ,

ଷ୍ଟ୍ରାଇଭରଙ୍କର ଖ୍ୟାତି ଏବଂ ପ୍ରସାର କ୍ରମଶଃ ହୁ-ହୁ ହୋଇ ବଢ଼ିଯାଉଛି । ଷ୍ଟ୍ରାଇଭର ଯେଉଁ କେସ ହାତକୁ ନିଅନ୍ତି; ସେଥିସହିତ ସିଡ଼ନି କାର୍ଟନ ମଧ୍ୟ ଥାଆନ୍ତି । ସନ୍ଧ୍ୟା ପର୍ଯ୍ୟନ୍ତ ଯେଉଁ କେସର ମୀମାଂସା ଷ୍ଟ୍ରାଇଭରଙ୍କ ମଥାରେ ପଶେ ନାହିଁ, ରାତି ନ ପାହୁଣୁ ତାହା ତାଙ୍କ ନିକଟରେ ଜଳ ପରି ନିର୍ମଳ ହୋଇଯାଏ । ଆଉ ତାଙ୍କର ଏହି ବିପୁଳ ଖ୍ୟାତିର ଖୋରାକ ଯୋଗାଉ ଥିଲେ ସମସ୍ତଙ୍କର ଉପେକ୍ଷିତ, ସମସ୍ତଙ୍କ ଠାରୁ ଅକର୍ମଣ୍ୟ ଆଇନଜୀବୀ ସିଡ଼ନି । ଦୁଇଜଣ ପ୍ରଚୁର ମଦ ଖାଆନ୍ତି । ପ୍ରତ୍ୟହ ରାତିରେ ଷ୍ଟ୍ରାଇଭରଙ୍କ ଘରକୁ ଯାଇ ସିଡ଼ନି ତାଙ୍କର କାଗଜ ପତ୍ର ଦେଖି କେସ ସଜାଡ଼ି ଦିଅନ୍ତି, ଜବାବ ଲେଖି ଦିଅନ୍ତି, ଆଉ ଷ୍ଟ୍ରାଇଭର କେବଳ ତାଙ୍କ କଥାରେ ବସି ରାତି ସାରା ତାଙ୍କୁ ମଦ ଯୋଗାଇ ଦିଅନ୍ତି । ପ୍ରଥମେ ପ୍ରଥମେ ସମସ୍ତେ ଅବାକ୍ ହୋଇ ଭାବିଲେ ଯେ, କିପରି ଷ୍ଟ୍ରାଇଭର ଏହି ଜଟିଳ ବ୍ୟାପାର ଗୁଡ଼ିକର ମୀମାଂସା କରନ୍ତି ଏବଂ ସିଡ଼ନିଙ୍କ ଭଳି ଅକର୍ମଣ୍ୟ ଲୋକ ସହିତ ତାଙ୍କର ବା ଏତେ ଘନିଷ୍ଠତା କାହିଁକି ? କିନ୍ତୁ କ୍ରମେ ଯେତେବେଳେ ସେମାନେ ବ୍ୟାପାରଟି ବୁଝି ପାରିଲେ ସେତେବେଳେ ସେମାନେ ଏହି ଦୁଇଜଣଙ୍କର ନାମ କରଣ କରିଲେ ।

ମଣିଷ ପରିଶ୍ରମ କରେ ଅର୍ଥ ପାଇଁ, ଖ୍ୟାତି ପାଇଁ । କିନ୍ତୁ ଅର୍ଥ କୁହ ବା ଖ୍ୟାତି କୁହ, ସେଥିରେ ମଣିଷର ପ୍ରୟୋଜନ କେତେ ଟିକିଏ ? ଯେଉଁମାନଙ୍କୁ ଆମେ ଭଲ ପାଉ, ବା ଯେଉଁ ଆତ୍ମୀୟ ସ୍ୱଜନମାନେ ଆମମାନଙ୍କୁ ଭଲ ପାଆନ୍ତି, ସେମାନଙ୍କର ମୁଖ ଚାହିଁ ଆମ୍ଭମାନଙ୍କର ଯେତେ କିଛି ପରିଶ୍ରମ, ଯେତେ କିଛି ବଡ଼ ହେବାର ଚେଷ୍ଟା ତ ? ଏହି ସଂସାରରେ ସିଡ଼ନିଙ୍କର ଆପଣାର ବୋଲି କେହି ନ ଥିଲେ । ବାପ-ମାଆ ଭାଇ ଭଉଣୀ ସ୍ତ୍ରୀ ପୁତ୍ର କେହି ନ ଥିଲେ ।

ଶାସନ କରିବା, ଭଲ ପାଇବା କିମ୍ବା ଉତ୍ସାହ ଦେବା ଭଲ ଲୋକ ମଧ୍ୟ କେହି ତାଙ୍କର ନଥିଲା । କିଏ ତାଙ୍କୁ ଉତ୍ସାହ ଦେବ ? ଜୀବନର କଠିନ ଯୁଦ୍ଧରେ ସେ କାହାର ମୁଖ ଚାହିଁ, କା ଆଶାରେ ଲଢ଼ାଇ କରିବେ ?

କେବଳ ଏହି କାରଣରୁ ସେ ଜାଣି ଜାଣି ନିଜର ଜୀବନକୁ ନଷ୍ଟ କରି ଦେଇଥିଲେ ଏବଂ ସେହି ବ୍ୟର୍ଥ ଜୀବନର ବେଦନାକୁ ଭୁଲି ଯିବା ପାଇଁ ସେ ଦିନ ରାତି ମଦ ଭିତରେ ବୁଡ଼ି ରହୁଥିଲେ । କିନ୍ତୁ ତଥାପି ପ୍ରକୃତରେ ଯେ ମହତ ସେ ଯେତେ ତଳେ ପଡ଼ି ଥାଉନା କାହିଁକି ତାର ମହତ୍ ଗୁଣ କଦାପି ଆଦୌ ନଷ୍ଟ ହୋଇ ଯାଏ ନାହିଁ । ସିଡ୍‌ନି କଅଣ କେବେ ହେଲେ ଉଚ୍ଚ ଆଶାର ସ୍ୱପ୍ନ ଦେଖୁ ନ ଥିଲେ ? ହୁଏତ ସେହି ଆଶା ସୁନାର ଡେଣା ମେଲାଇ ତାଙ୍କ ଆଗରେ ଆସି ମଝିରେ ମଝିରେ ଠିଆ ହୁଏ, କିନ୍ତୁ କିଏ ତାଙ୍କର ସେ ସ୍ୱପ୍ନ ସାର୍ଥକ କରିବ ? ଏପରି ଲୋକ, ଯେ ପ୍ରକୃତରେ ତାଙ୍କୁ ଭଲ ପାଏ, ତାଙ୍କୁ ବଡ଼ ହୋଇ ଦେଖିବାକୁ ଚାହେଁ ଏବଂ ତାଙ୍କୁ ବଡ଼ ମଧ୍ୟ କରିପାରେ, ତାଙ୍କ ଜୀବନରେ କେହି କେବେ ଆସିଲେ ନାହିଁ । ସିଡ୍‌ନିଙ୍କ ଭିତରେ କେତେ ବଡ଼ ମହତ୍ତ୍ୱର ବୀଜ ଛପି ରହିଥିଲା ତାହା ସମସ୍ତେ ବୁଝି ପାରିବେ, ଯେତେବେଳେ ଦେଖିବେ ଯେ କେତେ ପରିମାଣରେ ଭଲପାଇବା ଓ ଆତ୍ମ ତ୍ୟାଗ ଏହି ଅକର୍ମଣ୍ୟ ବ୍ୟର୍ଥ ଜୀବନ ଲୋକଟି ଦ୍ୱାରାହିଁ ସମ୍ଭବ ହୋଇଥିଲା ।

ଚାର୍ଲସ ଡାର୍ଣ୍ଣେଙ୍କର କଥା ! ଷ୍ଟ୍ରାଇଭର ଯେତେବେଳେ କୌଣସି ମତେ ଅନୁକୂଳ ପାଉ ନଥିଲେ, ଚାର୍ଲସଙ୍କ ଅଦୃଷ୍ଟରେ ଫାଶିହିଁ ଅବସମ୍ଭାବୀ ବୋଲି ମନେ ହେଉଥିଲା, ସେତେବେଳେ ସିଡ୍‌ନି ସହସା କଅଣ ଭାବି ଖଣ୍ଡିଏ କାଗଜରେ କଅଣ ଲେଖି ଷ୍ଟ୍ରାଇଭରଙ୍କ

ଆଡ଼କୁ ବଢ଼ାଇ ଦେଲେ । ସେତେବେଳେ ଜଣେ ସରକାର ପକ୍ଷର ସାକ୍ଷୀର ଜେରା ହେଉଥିଲା । ତାକୁ ଜେରା କରୁ କରୁ ଷ୍ଟ୍ରାଇଭର କାଗଜ ଫର୍ଦ୍ଦିକ ଦେଖି ପାରିଲେ ଏବଂ ତାଙ୍କର ମୁଖମଣ୍ଡଳ ହଠାତ୍ ଉଜ୍ଜ୍ୱଳ ହୋଇଗଲା । ସହସା ସେ ସାକ୍ଷୀ ଆଡ଼କୁ ଢଳିପଡ଼ି ପଚାରିଲେ, ଆଚ୍ଛା ତୁମେ ଠିକ୍ ଚିହ୍ନି ପାରୁଛ ଯେ ଏହି ଲୋକଟି ସେଦିନ ରାତିରେ ଜାହାଜରେ ଫ୍ରାନସକୁ ଫେରୁଥିଲା ।

ଦେଖ, ଭଲ କରି ଚାହିଁ ଦେଖ ?

ସାକ୍ଷୀ ଥରେ ସେ ଆଡ଼କୁ ଚାହିଁ କହିଲା—ମୁଁ ଭଲ କରି ଦେଖିଛି ।

ଭୁଲ ହେବାର କୌଣସି ସମ୍ଭାବନା ନାହିଁ ?

ନା ।

ଆଚ୍ଛା ଏକ୍ଷଣି ମୋର ଏହି ବନ୍ଧୁଟିଙ୍କ ଆଡ଼କୁ ଥରେ ଚାହିଁ ଦେଖନ୍ତି । ଏହାଙ୍କୁ ଦେଖିଥିଲ ନା ଆସାମୀକୁ ଦେଖିଥିଲ, ହଲପ କରି କହିପାରିବ ?

ଷ୍ଟ୍ରାଇଭର ଅଙ୍ଗୁଳି ବଢ଼ାଇ ସିଡନିଙ୍କୁ ଦେଖାଇ ଦେଲେ । ସାକ୍ଷୀ ଏତେବେଳ ଯାଏ ଯେଉଁ ଭଳି ନିଶ୍ଚିନ୍ତ ଭାବରେ ଜେରାର ଜବାବ ଦେଉଥିଲା, ସିଡନିଙ୍କ ଆଡ଼କୁ ଥରେ ଚାହିଁ ଦେବା ମାତ୍ରେ ତାହା କୁଆଡ଼େ ଉଭେଇ ଗଲା । ସେ ବିସ୍ମୟରେ ସ୍ତବ୍ଧ ହୋଇ ଚାହିଁ ରହିଲା । ସେତେବେଳେ ଅଦାଲତ ଘରେ ସବୁ ଲୋକେ ପ୍ରଥମ ଥର ପାଇଁ ଲକ୍ଷ୍ୟ କଲେ ଆସାମୀ ସହିତ ଓକିଲଙ୍କର ଅଦ୍ଭୁତ ସାଦୃଶ୍ୟ ଏବଂ ଚମକି ପଡ଼ିଲେ ।

ଷ୍ଟ୍ରାଇଭର ଟିକିଏ ମୁରୁକି ହସି ମହାମାନ୍ୟ ଅଦାଲତଙ୍କ ନିକଟରେ ସିଡ଼ନିଙ୍କୁ ତାଙ୍କର ପଗଡ଼ି ଖୋଲି ପକାଇବା ପାଇଁ

କହିବାକୁ ଅନୁମତି ଚାହିଁଲେ । ବିଚାରପତି ଭ୍ରୂକୁଞ୍ଚିତ କରି କହିଲେ, ତାହାହେଲେ ଆପଣ କଣ କହିବାକୁ ଚାହାନ୍ତି ଯେ ଆପଣଙ୍କର ବନ୍ଦୀ ହିଁ ଆସାମୀ ?

ନା ତାହା ଅବଶ୍ୟ ମୁଁ କହିବାକୁ ଚାହେଁନା । ମୁଁ କେବଳ ଏତିକି କହିବାକୁ ଚାହେଁ ଯେ, ଯେଉଁ ଭୁଲ ଜଣକ ପକ୍ଷରେ ହୋଇ ପାରେ, ତାହା ପୁଣି ଆଉ ଜଣକ ପକ୍ଷରେ ହୋଇ ପାରେ କି ? ଏହି ପରି ସାଦୃଶ୍ୟ ଯେ ଆଉ କାହା ସହିତ ଯେ ନ ଥାଇ ପାରେ ତାର [illegible] ପ୍ରମାଣ କଣ ?

ଅଗତ୍ୟା ବିଚାରପତି ଅତ୍ୟନ୍ତ ଅପ୍ରସନ୍ନ ମୁଖରେ ସିଡନୀଙ୍କୁ ପରଚୁଲା ଖୋଲି ପକାଇବା ପାଇଁ ଅନୁମତି ଦେଲେ । ସିଡ଼ନୀ ପ୍ରଶାନ୍ତ ମୁଖରେ ଠିଆ ହୋଇ ପରଚୁଲା ଖୋଲି ପକାଇ ଅଦାଲତ ଉପରକୁ ଚାହିଁ ରହିଲେ । ସାଦୃଶ୍ୟ ଯେ କିପରି ଅଦ୍ଭୁତ, ତାହା ଏଥର ସମସ୍ତେ ଆହୁରି ବେଶି ବୁଝି ପାରିଲେ । ବଡ଼ବଡ଼ ବାସାଦଙ୍କର ଏମିତି ସଜା ହୋଇଥିବା ମାମଲା ଏକା ଚୋଟରେ ଭୂମିସାତ୍ ହୋଇଗଲା । ଜୁରୀମାନେ ସମସ୍ତେ ଏକମତ ହୋଇ ଚାର୍ଲସ ଡାର୍ଣ୍ଣେଙ୍କୁ ନିର୍ଦ୍ଦୋଷ ବୋଲି ସାବ୍ୟସ୍ତ କଲେ ।

ଚାର୍ଲସ ମୁକ୍ତ ହୋଇ ଓଲ୍ଡ ବେଲିର ଅନ୍ଧକାର ବିଚାର ଗୃହରୁ ବାହାରି ଆସି ମୁକ୍ତ ପ୍ରାଙ୍ଗଣରେ ଠିଆ ହେଲେ । ସେଠାରେ ଡାକ୍ତର ମାନେଟ, ଲୁସୀ, ମିଷ୍ଟର ଲରି, ଷ୍ଟ୍ରାଇଭର ଏବଂ ସିଡ଼ନୀ ସମସ୍ତେ ତାଙ୍କୁ ଘେରି ଚାରିପଟେ ଠିଆ ହେଲେ । ଲୁସୀରହିଁ ଆନନ୍ଦ ସବୁଠାରୁ ବେଶୀ, କାରଣ ବିଚାରେ ଚାର୍ଲସଙ୍କ ପାଇଁ ତାର ଏତେ ଭୟ ହୋଇଥିଲା ଯେ ବିଚାର ଭିତରେ ଥରେ ସେ ମୂର୍ଚ୍ଛିତ ହୋଇ ପଡ଼ିଥିଲା । ଷ୍ଟ୍ରାଇଭର ତାଙ୍କ ସ୍ୱଭାବ ଅନୁସାରେ ପାଟିକରି ଯାଉଥିଲେ, ଆଉ ଡାକ୍ତର ମ୍ୟାନେଟ୍, ଚାର୍ଲସ ଡାର୍ଣ୍ଣେଙ୍କ ମୁଖ ଆଡକୁ ନିର୍ନିମେଷ ନୟନରେ ଅନାଇ

ଉପରେ ଠିଆ ହୋଇ କଳରୋଳ କରୁଥିଲେ, ମାର୍କୁଇସଙ୍କ ଗାଡ଼ିଆଳ ଗାଡ଼ିଟାକୁ ଟିକିଏ ନ ରୋକି ବା ସେମାନଙ୍କୁ ବଞ୍ଚାଇବା ପାଇଁ ଆଦୌ ଚେଷ୍ଟା ନ କରି ପୂର୍ଣ୍ଣ ବେଗରେ ଗାଡ଼ି ଚଳାଇ ଦେଲା । ସେମାନଙ୍କର ବୋଧହୁଏ ବିଶ୍ୱାସ ଥିଲା ଯେ ମାର୍କୁଇସଙ୍କ ଗାଡ଼ି ଚଳିବା ପାଇଁ ରାସ୍ତାର ସୃଷ୍ଟି ଏବଂ ଯେଉଁ ଲୋକମାନେ ନିର୍ବୋଧ ଭାବରେ ଭିଡ଼ କରି ଅନର୍ଥକ ସେହି ରାସ୍ତା ବନ୍ଦ କରି ଦିଅନ୍ତି, ସେମାନଙ୍କର ମରିବାହିଁ ଉଚିତ ! ଫଳରେ, ଯେଉଁମାନେ ବଡ଼ ଥିଲେ ସେମାନେ କୌଣସି ପ୍ରକାରେ ସେମାନଙ୍କର ଜୀବନ ରକ୍ଷା କରି ପାରିଲେ, କିନ୍ତୁ ଗୋଟିଏ ବାଳକ ଯାଇ ଏକବାରେ ଚକ ତଳେ ପଡ଼ିଗଲା ।

ଗାଡ଼ି ଠିଆ ହୋଇଗଲା । ସମସ୍ତ ଜନତା ହାହାକାର ରବ କରିବାକୁ ଲାଗିଲା । ପିଲାଟିର ବାପ ସେଠାରେ ଥିଲା । ସେ ବିଚରା ଛାତିଫଟା ଚିତ୍କାର କରୁ କରୁ ପାଗଳ ହୋଇ ତଳେ ପଡ଼ିଗଲା ।

ଅତି ସନ୍ତର୍ପଣରେ ମାର୍କୁଇସ ଗାଡ଼ିର ଝରକା ବାଟେ ମୁହଁ ବଢ଼ାଇ, ଭ୍ରୂକୁଞ୍ଚିତ କରି ପଚାରିଲେ—କଣ ହୋଇଛି ? ଏତେ ଗୋଳ-ମାଳ କାହିଁକି ?

ମାର୍କୁଇସ ମୁହଁ ବଢ଼ାଇବା ଦେଖି, ବହୁ ଦିନର ଅଭ୍ୟାସ ହେତୁ ଜନତା ସ୍ଥିର ହୋଇଯାଇ ଥିଲା । ସେମାନଙ୍କ ଭିତରୁ ଜଣେ ଅଭି-ବାଦନ ଜଣାଇ ଉତ୍ତରରେ ତାଙ୍କୁ ଜବାବ ଦେଲା—ଗୋଟିଏ ପିଲା ହଜୁର, ଗୋଟିଏ ପିଲା, ହଜୁରଙ୍କ ଗାଡ଼ି ତଳେ ଚାପା ପଡ଼ି ଯାଇଛି ।

ମରି ଯାଇଛି ?

ହଁ, ହଜୁର !

ହେଲେ, ଲୋକଟା ଏତେ ପାଟି କରୁଛି କାହିଁକି ? ତାରି ପିଲା ବୋଧହୁଏ ?

ସେହି ଲୋକଟି ପ୍ରଥମେ ମନେ କରିଥିଲା ଯେ ତା ପୁଅର ପ୍ରାଣ ବୋଧହୁଏ ଏଯାଏଁ ଅଛି । କିନ୍ତୁ ହଲାହଲ କରି ସେ ଯେତେବେଳେ ବୁଝିଲା ଯେ ସେ ଏକବାରେ ମରି ଯାଇଛି, ସେତେବେଳେ ସେ ଦୌଡ଼ି ଆସି ଗାଡ଼ି ଆଗରେ ଠିଆ ହୋଇ ଆର୍ତ୍ତନାଦ କରିବାକୁ ଲାଗିଲା—ମରି ଯାଇଛି, ପୁଅ ମୋର ମରି ଯାଇଛି !

ଅତି ଅପ୍ରସନ୍ନ ବଦନରେ ମାର୍କୁଇସ କହିଲେ—କ୍ଷତ ଏଁ ହୋଇଛି ! ପିଲାଛୁଆ ଗୁଡ଼ାକୁ ଟିକିଏ ସମାଲି ରଖି ପାରୁ ନାହଁ ? ଯଦି ମୋର ମୂଲ୍ୟବାନ୍ ଘୋଡ଼ା ଆଜି ଜଖମ ହୋଇ ଯାଇଥାନ୍ତା ? ହେଲା କି ନାହିଁ, ତାହା ବା କିଏ ଜାଣେ ?

ତା ପରେ ତାଙ୍କ ପାଖରେ ଥୁଆ ହୋଇଥିବା ଗୋଟିଏ ଟଙ୍କାର ଥଳି ଉଠାଇ ନେଇ, ତାହା ଭିତରୁ ଗୋଟିଏ ମୋହର ବାହାର କରି, ସେ ସେହି ଲୋକଟି ଆଡ଼କୁ ଲକ୍ଷ୍ୟ କରି ଫିଙ୍ଗି ଦେଲେ । ତା ପରେ ଗାଡ଼ି ଚଳାଇବା ପାଇଁ ସେ ଗାଡ଼ିଆଳକୁ ଆଦେଶ ଦେଲେ । କିନ୍ତୁ ସେହି ଲୋକଟି କିଛି ବିହ୍ୱଳ ଭାବରେ ତାଙ୍କ ଆଡ଼କୁ ଚାହିଁ ରହି, ପୁଣି ଯାଇ ପିଲାଟିର ମୃତ ଦେହ ଉପରେ କରୁଣ ହୋଇ ପଡ଼ିଗଲା ।

କିନ୍ତୁ ଚାରିଆଡ଼େ ଜନତା ଏତେବେଳେ ଯାଏ ନୀରବରେ ଠିଆ ହୋଇ ରହିଥିଲା । ଏତେବଡ଼ ଅମାନୁଷିକ ବ୍ୟାପାରର କୌଣସି ପ୍ରତିବାଦ ବି ସେମାନଙ୍କ ଭିତରୁ ବାହାରୁ ନ ଥିଲା, ଏ ପରିକି ଗୋଟିଏ ମୋହର ଦ୍ୱାରା ମାର୍କୁଇସ ସେହି ପୁତ୍ର—ଶୋକାକୁଳ ଲୋକଟିକୁ କେତେ ଦୂର ଅପମାନ ଦେଲେ, ତାହା ବି ସେମାନେ ବୁଝି ପାରୁ ନ ଥିଲେ । ଏଥର ସେମାନଙ୍କ ଭିତରୁ କିଏ ଜଣେ ବାହାରି ଆସି ଲୋକଟି ପାଖରେ ଠିଆ ହୋଇ ତାକୁ ସାନ୍ତ୍ୱନା ଦେଇ କହିଲେ ଭାଇ, କାନ୍ଦିଲେ ଆଉ କଣ ହେବ, ଏହା ଦ୍ୱାରା ବରଂ ତାର କଷ୍ଟ

ଭଲ ହେଲା । ବଞ୍ଚି ରହିଲେ ସେ ତଳେ ତଳେ ଶୁଖି ଶୁଖି ତୋ ଆଖି ଆଗରେ ମରିଥାନ୍ତା, ତାହାତ ତୋତେ ସହ୍ୟ କରିବାକୁ ହୋଇଥାନ୍ତା ? ତାହା ଅପେକ୍ଷା ଏହି ଏକ ମୁହୂର୍ତ୍ତରେ ସବୁ ଶେଷ ହୋଇଗଲା, କିନ୍ତୁ ଜାଣି ପାରିଲୁ ନାହିଁ, ଏତ ବରଂ ଖୁବ ଭଲ ହୋଇଛି । ବଞ୍ଚି ରହିଥିଲେ, ତୁ ତାକୁ ଖାଇବାକୁ ଦେଇ ପାରିଥାନ୍ତୁ ?

ମାକୁ'ଇସଙ୍କର ଦୃଷ୍ଟି ଏଥର ପ୍ରସନ୍ନ ହୋଇଗଲା । ସେ ବକ୍ତାକୁ ଡାକି କହିଲେ—ବାଃ, ତୁ-ର ତ ଚମତ୍କାର ବୁଦ୍ଧି ଅଛି, ମୁଁ ଦେଖି ପାରୁଛି । ଦର୍ଶନରେ ଖୁବ ଭଲ ଦଖଲ ଅଛି, ସ୍ୱୀକାର କରିବାକୁ ହେବ ନିଶ୍ଚୟ । ହେ ଦର୍ଶନିକ ମହାଶୟ, ତୁମ ନାମ କଣ ଜାଣି ପାରେକି ? ତୁମେ କଣ କର ?

ଲୋକଟି ପ୍ରଶାନ୍ତ ଦୃଷ୍ଟିରେ ମାକୁ'ଇସଙ୍କ ମୁହଁ ଆଡ଼କୁ ଅନାଇ କହିଲା—ମୋ ନାମ ଡ଼େଫାର୍ଜ. ସେଣ୍ଟ-ଆଣ୍ଟୋନୟରେ ମୋର ଗୋଟିଏ ମଦ ଦୋକାନ ଅଛି ।

ତା ଆଡ଼କୁ ଆଉ ଗୋଟିଏ ମୋହର ଫିଙ୍ଗି ଦେଇ ମର୍କୁ'ଇସ କହିଲେ—ଭଲ, ଭଲ । ଚାଲ, ଗାଡ଼ି ଛାଡ଼ ।

ସମସ୍ତେ ଦୁଇ ପାଖକୁ ଘୁଞ୍ଚି ଯାଇ ଗାଡ଼ି ପାଇଁ ବାଟ ଛାଡ଼ି-ଦେଲେ । ଗାଡ଼ି ଛାଡ଼ିବାକୁ ବସିଛି, ଠିକ୍ ସେହି ସମୟରେ କିଏ ଗୋଟାଏ ଗାଡ଼ିର ଝରକା ବାଟେ ଆସି ମାକୁ'ଇସଙ୍କର ଦେହ ଉପରେ ଠକ୍ କରି ପଡ଼ିଗଲା । ତତ୍‌କ୍ଷଣାତ୍ ମାକୁ'ଇସ ଜିନିସଟା ଉଠାଇ ନେଇ ଦେଖିଲେ, ସେଟା ତାଙ୍କର ମୋହର । ଝରକା ବାଟେ ମୁହଁ ଗଳାଇ ସେ ଦେଖିଲେ ଯେ ଭିଡ଼ ମଧ୍ୟରେ ଡେଫାର୍ଜ ଅଦୃଶ୍ୟ ହୋଇ ଯାଇଛି । କ୍ରୋଧରେ ତାଙ୍କ ମୁହଁ ଓ ଆଖି ଲାଲ ହୋଇଗଲା, ଏବଂ ସେ କହିଲେ,

ବଦମ ସନ୍ଥାଙ୍କୁ ପାଇଲେ ଏଇଟି ମାଣି କାଠରେ ଝୁଲାଇ ଦିଅନ୍ତି । ମୋ ସାଙ୍ଗରେ ଚାଲାକି କରିବାର ମଜାଟା ସାଙ୍ଗେ ସାଙ୍ଗେ ପାଇ ଯାଆନ୍ତି ।

ଯାହା ହେଉ ବନ୍ଦୀ ଯେତେବେଳେ ନ ମିଳିଲା, ସେତେବେଳେ ବାଧ ହୋଇ ଗାଡ଼ି ଛାଡ଼ିବାକୁ ପଡ଼ିଲା । ସନ୍ଧ୍ୟା ବେଳକୁ ଗାଡ଼ି ଯାଇ ମାର୍କୁଇସଙ୍କ ଘରେ ପହଞ୍ଚି ଗଲା । ତାଙ୍କ ଘରେ ଗୋଡ଼ ଦେବା କ୍ଷଣି ମାର୍କୁଇସ ଅନୁସନ୍ଧାନ କରିବାକୁ ଲାଗିଲେ ଯେ ତାଙ୍କର ଭାଇର ପୁଅ ଚାର୍ଲସ ଆସିଛନ୍ତି କି ନାହିଁ । ଯେତେବେଳେ ସେ ଶୁଣିଲେ ଯେ ସେ ଆସି ନାହିଁ, ସେତେବେଳେ ନିର୍ଦ୍ଦେଶ ଦେଲେ—ଆସିବା ମାତ୍ରେ ଯେମିତି ତାଙ୍କୁ ଖବର ଦିଆଯାଏ । ତା ପରେ ଲୁଗାପଟା ବଦଳାଇ ବିଶ୍ରାମ କରିବା ପାଇଁ ସେ ନିଜ ଘରକୁ ଚାଲିଗଲେ ।

ମାର୍କୁଇସଙ୍କର ଅନେକ ଗୁଡ଼ିଏ ଚାକର ଥିଲେ । କୋକୋ ଖାଇବା, ଚାହା ପିଇବା, ଲୁଗା ପଟା ବଦଳାଇବା ପ୍ରଭୃତି ପ୍ରତ୍ୟେକ କାମ ପାଇଁ ତାଙ୍କର ଚାରି ପାଞ୍ଚ ଜଣ ଲେଖାଏଁ ଚାକର ଦରକାର ହୁଅନ୍ତି ଏବଂ ଦଲେ ଚାକର କଦାପି ଦୁଇ ପ୍ରକାର କାମ କରନ୍ତି ନାହିଁ ।

ଲୁଗାପଟା ବଦଳାଇବା ସମୟରେ ସେହି ଅସଂଖ୍ୟ ଚାକରଙ୍କ ଭିତରୁ ଜଣେ ଆସି ତାଙ୍କୁ ଜଣାଇଲା ଯେ ସନ୍ଧ୍ୟାବେଳେ ଜଣେ ଲୋକକୁ ବଗିଚା ଭିତରେ ସନ୍ଦେହ ଜନକ ଭାବରେ ଘୁରି ବୁଲୁଥିବାର ଦେଖାଗଲା, କିନ୍ତୁ ତାକୁ ଧରି ପାରିବା ଆଗରୁ ସେ ପଳାଇ ଗଲା । ଏହା ଶୁଣି ସେମାନଙ୍କର କାର୍ଯ୍ୟରେ ଅବହେଳା ପାଇଁ ମାର୍କୁଇସ ସେମାନଙ୍କୁ ଖୁବ ଗାଳି ଫଜିତ୍ ଦେଲେ ଏବଂ ହୁକୁମ ଦେଲେ ଯେ ଏଥର ଦେଖିବା ମାତ୍ରେ ଯେମିତି ତାକୁ ଧରି ଶୂଳୀରେ ବସାଇ ଦିଆଯାଏ । କିନ୍ତୁ ସେଥିରେ ବି ତାଙ୍କର ଭୟ ଦୂର ହେଲା ନାହିଁ । ତେଣୁ ଚାକରମାନଙ୍କ ଦ୍ୱାରା ସେ ନିଜର ଶୋଇବା ଘର, ଲାଇବ୍ରେରୀ

ପ୍ରଭୃତି ଉଲ୍ଟ ଭାବରେ ତଲାସ କରାଇଲେ, ଏବେ ସୁଦ୍ଧା କେହି ସେଠାରେ ଲୁଚି ରହିଛନ୍ତି କି ନା ଜାଣିବା ପାଇଁ ।

ଟେବୁଲରେ ଖାଇବା ଆଗରୁ ଗ୍ରୁଲ୍‌ସ ଆସି ପହଞ୍ଚିଲେ । ଗ୍ରୁଲ୍‌ସଙ୍କୁ ଆସିବା ପାଇଁ ସେ ଲେଖିଥିଲେ । ସେ ଆସିଲେ, ତାଙ୍କୁ ଆଉ ଥରେ ତାର ବର୍ତ୍ତମାନ ଜୀବନଯାତ୍ରାର ପ୍ରଣାଳୀ ପରିବର୍ତ୍ତନ କରିବା ପାଇଁ ସେ ଅନୁରୋଧ କରିବେ, ଅର୍ଥାତ ତାଙ୍କର ଇଚ୍ଛା ସେ ଆସି ତାଙ୍କ କାଛରେ ରହୁ । କିନ୍ତୁ ମନ ଭିତରେ ତାଙ୍କର ଆଉ ଗୋଟିଏ ଉଦ୍ଦେଶ୍ୟ ଥିଲା, ଯଦି ରାଜସଭାରେ ତାଙ୍କର ପୂର୍ବ ପ୍ରତିପତ୍ତି ପୁଣି ଫେରିଆସେ, ତାହା ହେଲେ ସେ ଗ୍ରୁଲ୍‌ସଙ୍କୁ ଅନୁରୋଧ ପରିବର୍ତ୍ତେ ଆଦେଶ କରିବେ, ନାତେଡ଼ ବାଂସ୍ଥିଲ !

ଗ୍ରୁଲ୍‌ସଙ୍କୁ ରାଜି କରା ଯାଇ ପାରିଲା ନାହିଁ । ବରଂ ସେ ମଧ୍ୟ ମାକୁଇସଙ୍କୁ ତାଙ୍କର ବର୍ତ୍ତମାନ ଜୀବନ-ଯାତ୍ରାର ଧରଣ ବଦଳାଇ ଭଲ ହେବା ପାଇଁ ଆଉ ଥରେ ତାଙ୍କୁ ଅନୁରୋଧ ଜଣାଇଲା । ତା ମାଆ ମୃତ୍ୟୁ ସମୟରେ ତାଙ୍କୁ ସଜଳ ନୟନରେ ଅନୁରୋଧ କରି ଯାଇଥିଲା, ସେ ଯେମିତି ଭଲ ହୁଏ । ଆଉ ସେ ଯେମିତି ତା ବଂଶ ଦ୍ୱାରା କୃତ ଦୁଷ୍କାର୍ଯ୍ୟର ପ୍ରତିକାର କରେ । କିନ୍ତୁ ବିଚରା, ସେ କଣ କରି ପାରିବ ? ତା ଦାଦାଙ୍କୁ ସେ ବହୁବାର ଅନୁରୋଧ କରିଛନ୍ତି । ମାଏ ନୟନର ନୀରରେ ସିକ୍ତ ଅନୁନୟରେ ବିଚଳିତ ହେବା ଭଳି ମନ ତା ଦାଦାର ନାହିଁ । କୌଣସି ମତେ ତାଙ୍କୁ ନିଜ ପଥରୁ ବିଚଳିତ କରି ହେବ ନାହିଁ ।

ସେହିଦିନ ରାତିରେ ଗ୍ରୁଲ୍‌ସ ବହୁ ଯୁକ୍ତି ଦେଖାଇ ତାଙ୍କୁ ବୁଝାଇବାକୁ ଲାଗିଲା । ଶେଷରେ ସେ କହିଲା—ଏକ୍ଷଣି ବି ସମୟ ଅଛି, ବର୍ତ୍ତମାନ ଫେରି ଆସନ୍ତୁ, ନ ହେଲେ ଏହି ବଂଶର ଆଉ ରକ୍ଷା ନାହିଁ ।

କିନ୍ତୁ ମାର୍କୁଇସଙ୍କର ସେହି ଏକ କଥା—ଯେଉଁ ଭାବରେ ଜୀବନ କଟାଇ ଆସିଛନ୍ତି, ସେହି ଭାବରେ ଅବଶିଷ୍ଟ ଜୀବନଟା ବି କଟାଇବ, ଏବଂ ଏକ୍ଷଣି ଅନ୍ୟ ଭାବରେ ଜୀବନ ଆରମ୍ଭ କରିବାର ମଧ୍ୟ ଆଉ ସମୟ ନାହିଁ ।

ଗ୍ୟାର୍ଲସ ଦୀର୍ଘଶ୍ୱାସ ପକାଇ ବିଦାୟ ନେଲା ।

ମାର୍କୁଇସ ମଧ୍ୟ ନାନା ପ୍ରକାର ପ୍ରସାଧନ ଶେଷ କରି ଶୋଇବାକୁ ଗଲେ । କିନ୍ତୁ ସେହି ନିଦ୍ରାହିଁ ତାଙ୍କର ଶେଷ ନିଦ୍ରା ।

ତାର ପରଦିନ ସକାଳେ ସମସ୍ତେ ଉଠି ଦେଖିଲେ, ମାର୍କୁଇସ ମରି ପଡ଼ିଛନ୍ତି । କେହି ତାଙ୍କ ବକ୍ଷରେ ଅମୂଳ ଗୋଟାଏ ଛୁରୀ ବସାଇ ଦେଇ ଯାଇଛନ୍ତି । ଛୁରୀ ସାଙ୍ଗରେ ଖଣ୍ଡିଏ କାଗଜ ଲଗିଥିଲା । ସେଥିରେ ଲେଖା ଥିଲା—"ଯାଅ, ତୁରନ୍ତ ନରକ ପଥରେ ଆଗେଇ ଯାଅ ।"

ଜଣାଗଲା, ଆଜି ନରକ ପୁରୀରେ ଉତ୍ସବ ଆରମ୍ଭ ହୋଇ ଯାଇଛି । ସେମାନଙ୍କର ବହୁ ଦିନର ଆକାଂକ୍ଷିତ ଅତିଥି ଆଜି ସେଠାରେ ଉପସ୍ଥିତ !

—:o:—

# ଛଅ

ଯେତେ ଦିନ ଗଡ଼ି ଯିବାକୁ ଲାଗିଲା, ଲୁସୀ ସହିତ ଚାର୍ଲସ୍‌ର ପରିଚୟ ବି ସେତେ ଘନିଷ୍ଠ ହେବାକୁ ବସିଲା । ଏହା ଏତେ ଅଧିକ ପରିମାଣରେ ହେଲା ଯେ ଚାର୍ଲସ୍‌କୁ ଦେଖିଲା କ୍ଷଣି ମିସ୍ ପ୍ରସ୍ ରାଗରେ ଜଳି ଯାଉଥିଲା । ତା ଝିଅକୁ କାଢ଼ିଲା କେହି ନେଇଯିବେ, ଏହା ତାର ଦୁଶ୍ଚିନ୍ତାର କାରଣ ଥିଲା । ଦିନେ ସେ ମିଷ୍ଟାର ଲରିଙ୍କୁ ଖୋଲା ଖୋଲି ଭାବରେ ଜଣାଇ ଦେଲା ଯେ ଯଦି ଏହିପରି ଦଳେ ଦଳେ ଲୋକ ନିତି ତାଙ୍କ ଘରକୁ ଆସନ୍ତି, ତାହାହେଲେ ସେ ଦିନେ କିଛି ଅନର୍ଥ ଭିଆଇବ ।

ଦଳେ ଦଳେ ଲୋକଙ୍କର ଅର୍ଥ ମୋଟେ ଚାରି ଜଣ—ଚାର୍ଲସ୍, ସିଡ଼ନି, ଷ୍ଟ୍ରାଇଭର ଓ ବୃଦ୍ଧ ମିଷ୍ଟାର ଲରି । କିନ୍ତୁ ସେଥିରେ ବି ମିସ୍ ପ୍ରସ୍‌ର ମନରେ ତା ଝିଅ ପାଇଁ ଦୁର୍ଭାବନାର ସୀମା ନ ଥିଲା ।

ଦିନେ ସନ୍ଧ୍ୟା ବେଳେ ଚାର୍ଲସ ଡାକ୍ତର ମ୍ୟାନେଟଙ୍କ ଘରକୁ ଯାଇ ଦେଖିଲା, ଲୁସୀ ଓ ମିସ୍ ପ୍ରସ୍ କେଉଁଠାକୁ ଯାଇଛନ୍ତି, କୌଣସି ଅତିଥି ଉପସ୍ଥିତ ନାହାନ୍ତି, ଏବଂ ଡାକ୍ତର ଏକା ବସି କଣ ଖଣ୍ଡିଏ ବହି ପଢ଼ୁଛନ୍ତି । ପ୍ରାଥମିକ କୁଶଳ ସମ୍ଭାଷଣ ପରେ ଚାର୍ଲସ କଥାଟା ପକାଇଲା । ସେ ଆରମ୍ଭ କଲା—ଦେଖନ୍ତୁ, ଗୋଟିଏ କଥା ଆପଣଙ୍କୁ ଜଣାଇବାକୁ ଚାହେଁ । କଥାଟା ବହୁ ଦିନ ହେଲା କହିବି କହିବି ବୋଲି ମନରେ ଆଣୁଛି, କିନ୍ତୁ ମୋର ଭରସା ଆଦୌ କୁଳାଉ ନାହିଁ ।

ଡାକ୍ତର ମ୍ୟାନେଟ ଟିକିଏ ନୀରବ ରହି ପ୍ରଶାନ୍ତ ଭାବରେ ପ୍ରଶ୍ନ

କଲେ—କଥାଟା କଣ ଲୁସୀ ବିଷୟରେ ?

ଚାର୍ଲସ ମଥା ହଲାଇ କହିଲା—ହଁ ।

ତାହାହେଲେ ସେହି କଥା ନ କହିଲେ ହିଁ ଭଲ ହେବ ।

ଚାର୍ଲସ ଆବେଗମୟ କଣ୍ଠରେ କହିଲା କିନ୍ତୁ କହିବା ଯେ ମୋର ନିହାତ ପ୍ରୟୋଜନ । ମୁଁ ଯେ ତାକୁ ପ୍ରକୃତରେ ଭଲ ପାଏ, ତାକୁ ବିବାହ କରିବାକୁ ଚାହେଁ । ମୋର ସମସ୍ତ ଜୀବନ ପ୍ରାଣ ଦ୍ୱାରା ଯେ ମୁଁ ତାକୁ ସୁଖୀ କରିବାକୁ ଚାହେଁ । ଆପଣ ମୋ କଥା ଅବିଶ୍ୱାସ କରିବେ ନାହିଁ । ବିଶ୍ୱାସ କରନ୍ତୁ, ପ୍ରକୃତରେ ମୁଁ ତାକୁ ମୋ ପ୍ରାଣ ଠାରୁ ବଳି ଭଲ ପାଏ । ତାର କୌଣସି ଅସମ୍ମାନ ମୋ ଦ୍ୱାରା ହେବ-ନାହିଁ ।

କିଛି କ୍ଷଣ ନିଶବ୍ଦରେ ବସି ରହି ମ୍ୟାନେଟ କହିଲେ—ମୁଁ ତୁମକୁ ବିଶ୍ୱାସ କରେ ।

ଚାର୍ଲସ ସେହି ସ୍ୱରରେ କହିବାକୁ ଲାଗିଲା—ଦେଖନ୍ତୁ, ଆପଣ ଆପଣଙ୍କ ସ୍ତ୍ରୀଙ୍କୁ ଭଲ ପାଆନ୍ତି, ସେହି କଥା ମନେ କର—

ସହସା ଆର୍ତ୍ତ କଣ୍ଠରେ ଡାକ୍ତର କହି ପକାଇଲେ—ଚୁପ୍ କର, ଚୁପ କର, ସେ କଥା କୁହ ନାହିଁ, ସେ କଥା ମୋତେ ମନେ କରାଇ ଦିଅ ନାହିଁ ।

ଟିକିଏ ଅପ୍ରସ୍ତୁତ ହୋଇ ଚାର୍ଲସ ଆରମ୍ଭ କଲା—ଲୁସୀ ଯେ ଆପଣଙ୍କ ନିକଟରେ କେତେ ପ୍ରିୟ ମୁ ତାହା ଜାଣେ । ଆପଣଙ୍କ ଜୀବନରେ ସେ ଯେ ଏକାନ୍ତ ପ୍ରୟୋଜନୀୟ, ମୁଁ ତାହା ବି ଜାଣେ । ସେ ଏକା ଧାରରେ ଆପଣଙ୍କର କନ୍ୟା, ଆପଣଙ୍କର ଜନନୀ । କିନ୍ତୁ ଏ କଥା ଆଦୌ ଭାବନ୍ତୁ ନାହିଁ ଯେ ବିବାହ ପରେ ତାକୁ ଆପଣଙ୍କ ନିକଟରୁ ଦୂରକୁ ନେଇ ଚାଲିଯିବି । ମୋର ବାପ ନାହିଁ, ଆପଣ ମୋର ବାପା ହେବେ । ଆମେ ତିନି ଜଣ ମିଳି ସ୍ନେହର ଏକ ନୀଡ଼

ରଚନା କରିବା, ସେଥିରେ ଆପଣମାନଙ୍କର ବନ୍ଧନ ଆହୁରି ଦୃଢ଼ ହେବ ।

ଆଉ କିଛି କ୍ଷଣ ନୀରବ ରହି ଡାକ୍ତର ମ୍ୟାନେଟ୍ ଅର୍ଦ୍ଧସ୍ଫୁଟ ସ୍ୱରରେ କହିଲେ—ମୁଁ ସେ କଥା ବିଶ୍ୱାସ କରେ, ଚାର୍ଲସ । କିନ୍ତୁ ଲୁସୀକୁ କିଣ ଏ କଥା କହିଛ ?

ନା ।

ଏହି ବିଷୟରେ ତାକୁ କେବେ କୌଣସି ଚିଠି ପତ୍ର ଦେଇଛ ?

ନା ।

ଧନ୍ୟବାଦ । ଯଦି ଲୁସୀ ପ୍ରକୃତରେ ତୁମକୁ ବିବାହ କରିବାକୁ ଚାହେଁ, ମୁଁ ତା ସୁଖର ପଥରେ ଆଦୌ ଅନ୍ତରାୟ ହେବି ନାହିଁ, ଏହା ତୁମେ ଜାଣି ରଖ ।

ତାହାହେଲେ ଏଥିରେ ଆପଣଙ୍କର ମତ ଅଛି ତ ? ମୁଁ ଏଥର ତା ମତ ଜାଣି ପାରେ ?

ପାର ।

ଠିଆ ହୋଇପଡ଼ି ଚାର୍ଲସ ଟିକିଏ ଇତସ୍ତତ ହୋଇ କହିଲା, ଦେଖନ୍ତୁ, ଗୋଟିଏ କଥା ଆପଣଙ୍କୁ ଜଣାଇବା ମୋର ନିହାତ ଦରକାର, ତାହା ଆଉ କିଛି ନୁହେଁ, ମୋର ପରିଚୟ ମାତ୍ର । ମୁଁ ବି ଆପଣଙ୍କ ପରି ଫରାସୀ ଦେଶର ଲୋକ । ଆପଣଙ୍କ ପରି ନିଜ ଇଚ୍ଛାରେ ନିର୍ବାସନ ବାଛି ନେଇଛି । ମୋର ଅସଲ ନାମ ହେଲା—

ସହସା ଉଠି ପଡ଼ି ତା ହାତ ଚାପି ଧରି ଡାକ୍ତର କହି ପକାଇଲେ, ନା, ନା, ତୁମର ପରିଚୟ ମୋତେ ଶୁଣାଅ ନାହିଁ ।

ଚାର୍ଲସ କହିଲା—କିନ୍ତୁ ମୋତେ ଯେ ଶୁଣାଇବାକୁ ହେବ । ତା ନ ହେଲେ ଯେ ଚଳିବ ନାହିଁ ।

ଉତ୍ତେଜିତ ଭାବରେ ଡାକ୍ତର କହିଲେ—କିନ୍ତୁ ଆଜି ନୁହେଁ, ଆଜି ନୁହେଁ, ଅନେକ ଦିନ ପରେ, କିମ୍ବା ଯଦି ପ୍ରକୃତରେ ଲିସୀ ତୁମକୁ ପସନ୍ଦ କରେ ଏବଂ ତୁମ ଦୁହିଁଙ୍କର ବିବାହ ହୁଏ, ତାହାହେଲେ ସେହି ବିବାହ ଦିନ ମୋତେ ଶୁଣାଅ, ଅବଶ୍ୟ ବିବାହ ପରେ । ଏହି ଅନୁରୋଧ ତୁମକୁ ନିଶ୍ଚୟ ରଖିବାକୁ ପଡ଼ିବ ।

କିଛି କ୍ଷଣ ବିସ୍ମିତ ଭାବରେ ତାଙ୍କ ମୁହଁ ଆଡ଼କୁ ଅନାଇ ରହି, ଗୋଟିଏ ଦୀର୍ଘଶ୍ୱାସ ପକାଇ ଚାର୍ଲସ କହିଲା—ଅଚ୍ଛା, ତାହାହିଁ ହେବ, ଆପଣଙ୍କ କଥା ରହିଲା ।

ଚାର୍ଲସ ବାହାରି ଯିବା ପରେ, ଡାକ୍ତର ମ୍ୟାନେଟ ବହୁତ ସମୟ ସ୍ଥିର ହୋଇ ବସି ରହିଲେ—ଏତେ ସ୍ଥିର ଯେ ସେହି ସମୟରେ ଦେଖିଲେ ତାଙ୍କୁ ପାଷାଣ ମୂର୍ତ୍ତି ବୋଲି ମନେ ହେବ ।

କ୍ରମେ କ୍ରମେ ସନ୍ଧ୍ୟାର ଅନ୍ଧକାର ମାଡ଼ି ଆସିଲା । ଗୋଧୂଳିର ଅସ୍ପଷ୍ଟତା ଘୁଞ୍ଚିଯାଇ ସେହି ଅନ୍ଧକାର ନିବିଡ଼ ହୋଇଗଲା । ତଥାପି ଡାକ୍ତରଙ୍କ ଚେତନା ନାହିଁ ।

ବହୁ ଦିନ ପୂର୍ବେ ଜଣେ ଅର୍ଦ୍ଧୋନ୍ମାଦ ବ୍ୟକ୍ତି ବାଷ୍ଟିଲର ଅନ୍ଧକାର କାରା କକ୍ଷରେ ବସି ଏଭ୍ରେମଣ୍ଡମାନଙ୍କୁ ଅଭିଶାପ ଦେଉଥିଲା । ଆଜି ସେହି ଉନ୍ମାଦ ସାଙ୍ଗରେ ସ୍ନେହଶୀଳ ପିତାର ଦ୍ୱନ୍ଦ୍ୱ ଲାଗିଛି, କିଏ ଏହାର ସମାଧାନ କରିବ ?

ବହୁ, ବହୁତ ସମୟ ପରେ, ଡାକ୍ତର ମ୍ୟାନେଟ ଉଠି ଠିଆ ହେଲେ, ନିଜର କମ୍ପିତ ହାତରେ ବତି ଜଳାଇ ଆପଣା ଶୋଇବା ଘରକୁ ଗଲେ, ଏବଂ ତାପରେ ଅନେକ ଦିନ ତଳେ ବ୍ୟବହୃତ ଯେଉଁ ଚରମ ଦୁଃଖର ସ୍ମୃତି-ଚିହ୍ନକୁ ସେ ସାଗର-କୂଳରୁ ନିଜ ସଙ୍ଗରେ ଘୋଷାଇ ଆଣିଥିଲେ, ସେହି ସବୁ ଯନ୍ତ୍ରପାତି ବାହାର କରି ଆଣି ବହୁ-କାଳ ପରେ ପୁଣି ଜୋତା ତିଆରି କରିବାକୁ ବସିଲେ ।

ଲକ୍ଷ୍ମୀ ଫେରି ଆସି ତଳ ତାଲରେ ତା ବାବାଙ୍କୁ ଦେଖିବାକୁ ନ ପାଇ ବିସ୍ମିତ ହୋଇ ଏ ଘରେ ସେ ଘରେ ଖୋଜି ବୁଲିବାକୁ ଲାଗିଲା । ତାପରେ ଶୋଇବା ଘରୁ ଖଟ୍-ଖାଟ୍ ଆବାଜ ଆସୁଥିବା ଶୁଣି, ସେଠାକୁ ଯାଇ ଦୁଆର ବାହାରେ ଠିଆ ହୋଇ ସେ ଯାହା ଦେଖିଲା, ସେଥିରେ ତା ଛାତି ଭିତରଟା ଯେମିତି କାକର ହୋଇଗଲା । ଏତେ ଦିନର ଯତ୍ନ, ଚେଷ୍ଟା, ସବୁ କଣ ବିଫଳ ହେଲା ? ତାହାହେଲେ ତା ବାବା କଣ ପୁଣି ପାଗଳ ହୋଇଗଲେ ?

ସେ ଗୋଟିଏ ସୋଫା ଉପରେ କଚୁଞ୍ଚି ହୋଇ ପଡ଼ି କାନ୍ଦିବାକୁ ଲାଗିଲେ । ତାର କ୍ରନ୍ଦନର ଶବ୍ଦ କାନରେ ବାଜିବାକ୍ଷଣି ଡାକ୍ତର ମ୍ୟାକେଞ୍ଜି ଯନ୍ତ୍ରପାତି ଥୋଇଦେଇ କାନ ଡେରି ବସି ରହିଲେ ।

କ୍ରମେ କ୍ରମେ ତାଙ୍କର ଉଦ୍‌ଭ୍ରାନ୍ତ ଦୃଷ୍ଟି ପୁଣି ଧୀରେ ଧୀରେ ଶାନ୍ତ ହୋଇ ଆସିଲା । ସେ ଯନ୍ତ୍ରପାତି ରଖି ଦେଇ, ନିଜ କୋଠରୀରୁ ବାହାରି ଆସି ଲକ୍ଷ୍ମୀ କତିରେ ବସିଲେ ।

# ସାତ

କିନ୍ତୁ ସିଡନି କାର୍ଟନର ଦିନ ସେହିପରି ଏକା ଭାବରେ କଟୁଥିଲା—ସେହିପରି ଆଶାହୀନ, ଉଦ୍ଦେଶ୍ୟହୀନ ଭାବରେ, ସେହିପରି ନିସ୍ତେଜ ଅକର୍ମଣ୍ୟତା ଭିତରେ, ଏବଂ ସେହିପରି ଦିନ ରାତି ମଦ୍ୟପାନ ଭିତରେ ।

କିନ୍ତୁ ତାର ସେହି ନିରାସକ୍ତ ଉଦାସୀନ ଜୀବନରେ ଗୋଟାଏ ବୈଚିତ୍ର୍ୟ ଆସିଛି । ତାହା ହେଉଛି ଲୁସୀ ପ୍ରତି ତାର ଆସକ୍ତି ।

ପ୍ରାୟ ସବୁବେଳେ ସେ ଡ଼ାକ୍ତରଙ୍କ ଘରକୁ ଯାଉ ନ ଥିଲା, ଏବଂ ଯେତେବେଳେ ବି ଯାଉଥିଲା କାହାରି ସହିତ ଭଲ ଭାବରେ କଥାବାର୍ତ୍ତା କରୁ ନ ଥିଲା । କିନ୍ତୁ ନିତି ରାତିରେ, ଦିନ ପରେ ଦିନ ସେ ଅନ୍ଧକାରରେ ଡ଼ାକ୍ତର ମ୍ୟାନେଟଙ୍କର କୋଠା ଆଗରେ ଟହଲ ମାରୁଥିଲା, ମନକୁ ମନ ରାତି ଜାଗରଣ ତ ତାର ସ୍ୱଭାବ ଭିତରେ ଯାଇ ଠିଆ ହୋଇଥିଲା । ତଥାପି ଯେତିକି ପରିମାଣରେ ତାକୁ ନିଦ୍ରା ହେଉଥିଲା, ସେତିକି ମଧ୍ୟ ସେ ଏକାବାରେ ତ୍ୟାଗ କଲା ।

ଏହିପରି ଭାବରେ ବହୁତ ଦିନ ବିତିବା ପରେ, ଦିନେ ସିଡ଼ନି ସହସା ଡ଼ାକ୍ତର ମ୍ୟାନେଟଙ୍କ ଘରେ ଆସି ପଶିଗଲା । ସେତେବେଳେ ଡ଼ାକ୍ତର ଘରେ ନ ଥିଲେ, ଲୁସୀ ଏକା ବସି ସିଲାଇ କରୁଥିଲା ।

ହଠାତ୍ ତାଙ୍କୁ ଦେଖି ପାରି ଲୁସୀ ଚମକି ଉଠି ତାଙ୍କୁ ପଚାରିଲା, ଆପଣଙ୍କ ଦେହ ଭଲ ନାହିଁ କି ? ଶରୀର ଏତେ ଖରାପ ଦିଶୁଛି କାହିଁକି !

ଏକ ମ୍ଲାନ ହସର ରେଖା ଖେଳାଇ, ସିଞ୍ଜନ କହିଲା—ଶରୀର ? ମୋ ଭଳି ହତଭାଗାର ଶରୀର ତ ଭଲ ରହିବାହିଁ ଆଶ୍ଚର୍ଯ୍ୟ !

ମଥା ତଳକୁ ନୁଆଁଇ ଲୁସୀ କହିଲା—ଯଦି ଏହାକୁ ଖରାପ ବୋଲି ଜାଣି ଥାଆନ୍ତି ତାହାହେଲେ ଯତ୍ନ ଦିଅନ୍ତୁ ନା, ବର୍ତ୍ତମାନ ବି ତ ସମୟ ଅଛି ।

ଦୀର୍ଘନିଶ୍ୱାସ ଛାଡ଼ି ସିଞ୍ଜନ ଜବାବ ଦେଲା—ହୁଏତ ବର୍ତ୍ତମାନ ବି ସମୟ ଅଛି, କିନ୍ତୁ କାହିଁକି ? କିଏ ମୋର ଅଛି, କେଉଁ ଆଶାରେ ବା ମୁଁ ଭଲ ହେବି, ଆଉ କେଉଁ ଆଶାରେ ମୁଁ ନୂଆ କରି ଜୀବନଟାକୁ ପୁଣି ଗଢ଼ିବାକୁ ଚେଷ୍ଟା କରିବି ?

ଲୁସୀ କାତର କଣ୍ଠରେ କହିଲା—ତୁମର ଏମିତି କିଏ କେହି ନାହିଁ । ଯାହା ପାଇଁ ନିଜର ବଞ୍ଚି ରହିବା ଏକାନ୍ତ ପ୍ରୟୋଜନ ?

ସ୍ଥିର ଦୃଷ୍ଟିରେ ଲୁସୀ ଆଡ଼କୁ ଚାହିଁ ସିଞ୍ଜନ କହିଲା—ଅଛି । ଯଦି ସେ ମୋ ଜୀବନର ଦାୟିତ୍ୱ ବହନ କରେ, ତାହାହେଲେ ମୋ ଅନ୍ଧକାର ଜୀବନରେ ପୁଣି ଆଲୋକ ଜଳି ଉଠିବ ଏବଂ ତାର ମୁହଁକୁ ଅନାଇ ମୁଁ ପୁଣି ଭଲ ହୋଇପାରେ । କିନ୍ତୁ ତାହା କଣ ମୋ ପକ୍ଷରେ ଦୁରାଶା ନୁହେଁ କି ?

ସିଞ୍ଜନ ଯେ ଲୁସୀର କଥାହିଁ କହୁଛି, ଲୁସୀର ତାହା ବୁଝିବାକୁ ଆଉ ବାକି ରହିଲା ନାହିଁ । ସେ କିଞ୍ଚିତ ନତମୁଖରେ ବସି ରହି କହିଲା—ଯଦି ସେହିପରି ଭାବରେ ତୁମକୁ ସାହାଯ୍ୟ ନ କରି ପାରେ, ଅନ୍ୟ କୌଣସି ଭାବରେ କରିବା କଣ ସମ୍ଭବ ନୁହେଁ ? ମୁଁ ତୁମକୁ

ମୋର ବିଶେଷ ବନ୍ଧୁ ବୋଲି ମନେ କରେ । ପ୍ରକୃତରେ ମୁଁ ତୁମ ପାଇଁ ଅତିଶୟ ଦୁଃଖିତ ।

ସିଭନ ଗୋଟାଏ ଦୀର୍ଘଶ୍ୱାସ ଛାଡ଼ି କହିଲା—ମୁଁ ଜାଣେ ଯେ ମୋ ଭଳି ଜଣେ ହତଭାଗାକୁ ଘୃଣା ନ କରିବା ହିଁ ତୁମ ପକ୍ଷରେ ସ୍ୱାଭାବିକ ନୁହେଁ । ଆଜି ତୁମେ ଯେ ମୋତେ ଦୟା କର, ମୋ ପାଇଁ ଦୁଃଖିତ, ଏତିକି ମାତ୍ର ମୋ ନିକଟରେ କେତେ ବଡ଼ ସାନ୍ତ୍ୱନା ! ମୁଁ ଜାଣିଥିଲି ଯେ ଏହା ମୋ ନିକଟରେ ଦୁରାଶା । ତେଣୁ ଏତେ ଦିନ ହେଲା ତୁମକୁ କୌଣସି କଥା କହି ନାହିଁ । ଏବଂ ଆଉ କେବେବି କହିବି ନାହିଁ, ସେ ବିଷୟରେ ତୁମେ ସମ୍ପୂର୍ଣ୍ଣ ନିଶ୍ଚିନ୍ତ ହୋଇ ରହିପାର ।

ଲୁସୀ ବ୍ୟାକୁଳ ଭାବରେ କହିଲା—ନା, ନା, ମୁଁ ତୁମକୁ ଘୃଣା କରିବି କାହିଁକି ? କିନ୍ତୁ ତୁମର ଫେରି ଆସିବାର କଣ ଅନ୍ୟ କୌଣସି ଉପାୟ ନାହିଁ ? ଯଦି ମୋ ପରି ତୁମର ସାନ ଭଉଣୀଟିଏ ଥାଆନ୍ତା, ତାହା ହେଲେ ତାର କଥାରେ କଣ ତୁମେ ଫେରି ଆସନ୍ତ ନାହିଁ ।

ଟିକିଏ ହସି ସିଭନ ଜବାବ ଦେଲା—ଏହା ହିଁ ତ ମୋର ନିୟତି, ମିସ୍ ମ୍ୟାନେଟ । ଏହିପରି ଭାବରେ ମୋ ଜୀବନ ଟିକିଏ ଟିକିଏ ହୋଇ ଆହୁରି ବେଶୀ ଅଧଃପତନର ବାଟକୁ ଖସିଯିବ । ଅବଶେଷରେ ଦିନେ ସମସ୍ତଙ୍କ ଅଜ୍ଞାତସାରରେ, ସକଳ ପ୍ରକାର ଅବଜ୍ଞାର ଅନ୍ତରାଳରେ ଦିନେ ମିଳାଇ ଯିବ । କେହି ସେଥିପାଇଁ ଦୁଃଖ କରିବେ ନାହିଁ, କେହି ମଧ୍ୟ ତାର ଖବର ରଖିବେ ନାହିଁ । କିନ୍ତୁ ତୁମେ ଯେ ମୋ ପ୍ରତି ଦୟା ଦେଖାଉଛ, ଏହା ମୁଁ କେବେ ହେଲେ ପାଶୋରି ପାରିବି ନାହିଁ । ସେଥିପାଇଁ ମୁଁ ତୁମକୁ ମୋର ଆନ୍ତରିକ ଧନ୍ୟବାଦ ଜଣାଉଛି । କିନ୍ତୁ ଗୋଟିଏ କଥା, ମୋ ପାଇଁ କଦାପି ଦୁଃଖ କରିବ ନାହିଁ । କାରଣ ମୁଁ ତୁମ ଦୁଃଖର ଆଦୌ ଉପଯୁକ୍ତ ନୁହେଁ ।

ସଜଳ ନୟନରେ ତା ଆଡ଼କୁ ଅନାଇ ଲୁସୀ ଠିଆ ହୋଇ ରହିଲା । କି ଜବାବ ବା ସେ ତାକୁ ଆଉ ଦେବ ?

ବିଦାୟ ନେବା ପୂର୍ବରୁ ସିଡ଼ନି ଆଉ ଥରେ ତାକୁ କହିଲା—ମୋ ପାଇଁ ଆଖିରୁ ଲୋତକ ଗଡ଼ାଇବ ନାହିଁ । ମୁଁ ? ହୁଏତ ମୁଁ ଆଉ ଦୁଇ ଘଣ୍ଟା ପରେ କୌଣସି ନୀଚ ସ୍ଥାନରେ, ନୀଚ ସଂସର୍ଗରେ ବୁଡ଼ି ଯିବି । କିନ୍ତୁ ମୋର ଗୋଟିଏ ମିନତି ତୁମକୁ । ମୁଁ ତୁମକୁ ଯେଉଁ କଥା ଜଣାଇଲି, ତାହା କେବଳ ତୁମରି ପାଇଁ । ତୁମେ ଆଉ କାହାରିକୁ ତାହା ଜଣାଇବ ନାହିଁ । ମୋ ବେଦନା ମୁଁ ତୁମ ଅନ୍ତରର ନିଭୃତ କୋଣରେ ପହଞ୍ଚାଇ ଦେଇ ପାରୁଛି, ଏତିକି ମାତ୍ର ମୋର ଏକ ବଡ଼ ସାନ୍ତ୍ୱନା । ସେହି କଥା ଆଉ କାହାରି କାନରେ ବାଜିଲେ, ମୋର ଏହି ପରମ ମୁହୂର୍ତ୍ତଟିର ମୂଲ୍ୟ ନଷ୍ଟ ହୋଇଯିବ । ତାର ସ୍ଥାନ କେବଳ ତୁମ ମନ ଭିତରେ ରହିଲା, ଏତିକି ମାତ୍ର କଣ ମୁଁ ଆଶା କରି ନ ପାରେ ?

ଲୁସୀ କହିଲା—ତୁମେ ଯାହା କହିଲ, ତାହା ତୁମରି ନିଜ କଥା । ମୁଁ କାହିଁକି ତାହା ଆଉ କାହାକୁ କହିବାକୁ ଯିବି ? ସେହି ବିଷୟରେ ତୁମେ ନିଶ୍ଚିନ୍ତ ରୁହ ।

ଧନ୍ୟବାଦ ! ହଁ, ଆଉ ଗୋଟିଏ କଥା । ବହୁ ଦିନ, ବହୁ ଦିନ ପରେ, ଯେତେବେଳେ ସ୍ୱାମୀ ପୁତ୍ର କନ୍ୟାଙ୍କୁ ଧରି ତୁମରି ସୁଖର ସଂସାର ଆନନ୍ଦରେ ପରିପୂର୍ଣ୍ଣ ହୋଇଯିବ, ଯେତେବେଳେ ଛୋଟ ଛୋଟ ସୁନ୍ଦର ମୁହଁ ଗୁଡ଼ିଏ ତୁମକୁ ଚାରି ଦିଗରୁ ଘେରି ରଖିବେ, ସେତେବେଳେ ମଝିରେ ମଝିରେ ଦୟା କରି ଅନ୍ତତଃ ମୁହୂର୍ତ୍ତକ ପାଇଁ ବି ଏହି ହତଭାଗାକୁ ସ୍ମରଣ କରିବା ପାଇଁ ଯେମିତି ତୁମେ ଭୁଲି ନ ଯାଅ । ଏତିକି ମାତ୍ର ତୁମକୁ ମନେ ରଖିବାକୁ ହେବ ଯେ, ପୃଥିବୀର ଯେଉଁଠି

ଓ ଯେଉଁ ଅବସ୍ଥାରେ ଥାଉ ନା କାହିଁକି, ଏମିତି ଜଣେ ଅଛି, ଯେ ତୁମର ଓ ତୁମର ଯେଉଁମାନେ ପ୍ରିୟ-ମାନଙ୍କ ପାଇଁ ନିସଙ୍କୋଚରେ, ଅମ୍ଳାନ ବଦନରେ ନିଜ ଜୀବନର ଶେଷ ରକ୍ତ ବିନ୍ଦୁ ଟିକକ ମଧ୍ୟ ବ୍ୟୟ କରିବାକୁ ତିଳେ ମାତ୍ର କୁଣ୍ଠିତ ନୁହେଁ । ହେଉ, ଆଜି ତାହା-ହେଲେ ଯାଉଛି । ଭଗବାନ ତୁମର ମଙ୍ଗଳ କରନ୍ତୁ ।

ସିଞ୍ଜନି ଘରୁ ବାହାରିଗଲା ।

ବିଚରା ଲକ୍ଷ୍ମୀ ସେହି ସ୍ଥାନରେ ଠିଆ ହୋଇ ତାର ପାଇଁ ନୀରବରେ ତା ନୟନରୁ ଲୋତକ ଢାଳିବାକୁ ଲାଗିଲା ।

# ଆଠ

ଲୁସୀ ସହିତ ଗ୍ରୁଲ୍‌ସର ବିବାହ ସ୍ଥିର ହୋଇଗଲା, ଏବଂ କ୍ରମେ କ୍ରମେ ସେହି ଦିନ ମଧ୍ୟ ନିକଟେଇ ଆସିବାକୁ ଲାଗିଲା ।

ମିଷ୍ଟର ଲର୍ଡ ଅତି ମୂଲ୍ୟବାନ ଉପହାର ସବୁ ଆଣିଲେ । ଲୁସୀକୁ ନାନା ପ୍ରକାର ଆଶ୍ବାସ ଦେବାକୁ ଲାଗିଲେ, ଏବଂ ମଝିରେ ମଝିରେ ଆନନ୍ଦାଶ୍ରୁ ପୋଛିବାକୁ ଲାଗିଲେ । ଆଜି ଆଉ ମିସ୍ ପ୍ରସଙ୍କ ପାଖରୁ ଧମକ ଖାଇବାର ଭୟ ନାହିଁ । କାରଣ ତା ଆଖି ମଧ୍ୟ ଆଜି ସଜଳ । ତା ଛଡ଼ା ଝିଅର ବିବାହ-କାର୍ଯ୍ୟର ବ୍ୟବସ୍ଥାରେ ସେ ବ୍ୟସ୍ତ ।

ବିବାହ ଦିନ ସକାଳେ ଗ୍ରୁଲ୍‌ସର ପରିଚୟ ଦେବାର କଥା । ମ୍ୟାନେଟ ସେହି ବିଷୟ ପାଶୋରି ଦେବାକୁ ପ୍ରସ୍ତୁତ ଥିଲେ ମୁଦ୍ଧା ଗ୍ରୁଲ୍‌ସ ତାହା ଭୁଲି ନ ଥିଲା, କାରଣ ପରିଚୟ ଗୋପନ ରଖି ବିବାହ କରିବା ତା ମତରେ ଜୁଆଚୋରି ଛଡ଼ା ଅନ୍ୟ କିଛି ନୁହେଁ ।

ସୁତରାଂ ଏଣେ ସମସ୍ତେ ଯେତେବେଳେ ବିବାହର ଆୟୋଜନରେ ବ୍ୟସ୍ତ, ଡାକ୍ତର ମ୍ୟାନେଟ ଗ୍ରୁଲ୍‌ସକୁ ଧରି ତାଙ୍କ ଲାଇବ୍ରେରୀ ଘରେ ଯାଇ ପ୍ରବେଶ କଲେ । ପ୍ରବେଶ ସମୟରେ ତାଙ୍କ ମୁହଁ ପ୍ରଶାନ୍ତ ଥିଲା, କିନ୍ତୁ ଲାଇବ୍ରେରୀରୁ ପ୍ରସ୍ଥାନ ସମୟରେ ତାଙ୍କ ମୁହଁ ପାଉଁଶ ପରି ସାଦା ହୋଇ ଯାଇଥିଲା । ଏବଂ ହାତ ଗୋଡ କମ୍ପିତ ପରିମାଣରେ କମ୍ପୁଥିଲା ।

ଏକ ସଙ୍ଗରେ ଯେଉଁ ବଂଶକୁ ସେ ପ୍ରତି ଦିନ ଓ ପ୍ରତି ମୁହୂର୍ତ୍ତରେ ଅଭିଶାପ ଦେଇଥିଲେ, ଯେଉଁ ବଂଶ ତାଙ୍କର ଅପରିସୀମ ଦୁଃଖର ମୂଳ କାରଣ, ଯେଉଁ ବଂଶ ବିନା ଅପରାଧରେ ତାଙ୍କର ସାରା ଜୀବନ ବ୍ୟର୍ଥ କରି ଦେଇଥିଲା, ଏବଂ ସବୁଠାରୁ ବଡ଼ କଥା, ଅନେକ ଚେଷ୍ଟା କରିବି ଯେଉଁ ବଂଶକୁ ସେ ଆଜି ସୁଦ୍ଧା କ୍ଷମା କରିପାରି ନାହାନ୍ତି, ସେହି ବଂଶର ଏକମାତ୍ର ଉତ୍ତରାଧିକାରୀର ହାତରେ ତାଙ୍କ ନୟନର ମଣି, ତାଙ୍କର ଏକମାତ୍ର କନ୍ୟା, ତାଙ୍କର ସର୍ବସ୍ୱକୁ ଟେକି ଦେବାକୁ ହେବ !

ତଥାପି ସେ ଧୀର ସ୍ଥିର ଚିତ୍ତରେ ସବୁ କଥା ଶୁଣିଲେ ଏବଂ ଆପଣା ଅନ୍ତରର ସବୁ ବିରୁଦ୍ଧ ଭାବକୁ ସଞ୍ଚିତ କରି ଗମ୍ଭୀର ଭାବରେ ସମ୍ମତି ପ୍ରଦାନ କଲେ । ଯେଉଁ କନ୍ୟା ତାଙ୍କ ଜୀବନର ଏକମାତ୍ର ଅବଲମ୍ବନ, ସେ ଯଦି ସୁଖୀ ହୁଏତ ହେଉ, ସେଥିରେ ସେ ବା କାହିଁକି ଅନ୍ତରାୟ ହେବାକୁ ଯିବେ ? ତାର ସୁଖ-ସମ୍ଭୋଗ ଠାରୁ କଣ ତାଙ୍କ ନିଜର ପ୍ରତିଶୋଧ ତୃଷା ବଡ଼ ହେବ ? କଦାପି ନୁହେଁ ।

କନ୍ୟା ସମ୍ପ୍ରଦାନ ଶେଷ ହୋଇଗଲା । ସଜଳ ନୟନରେ ଡାକ୍ତର ମ୍ୟାନେଟ୍‌ଙ୍କ ଠାରୁ ବିଦାୟ ନେଇ, ଲୁସୀ ପନ୍ଦର ଦିନ ପାଇଁ ସ୍ୱାମୀଙ୍କ ସାଙ୍ଗରେ ବିଦେଶକୁ ଗଲେ । ମିଷ୍ଟର ଲରୀ ଓ ମିସ୍ ପ୍ରସଙ୍କ ଉପରେ ଡାକ୍ତରଙ୍କୁ ଦେଖା ଶୁଣା କରିବା ଭାର ରହିଲା । ମିଷ୍ଟର ଲରୀ ଲୁସୀକୁ ଆଶ୍ୱାସନା ଦେଇ କହିଲେ—ଯେତେବେଳେ ଯାଏ ମୁଁ ଅଛି, ଚିନ୍ତା କରିବାର କୌଣସି କାରଣ ନାହିଁ ।

କିନ୍ତୁ ଲୁସୀ ପ୍ରଭୃତି ଚାଲିଯିବା ପରେ ଡାକ୍ତରଙ୍କର ମାନସିକ ଅବସ୍ଥାର କଥା ଭାବି, ତାଙ୍କୁ କିଛି ସମୟ ପାଇଁ ଏକା ରଖି, ମିଷ୍ଟର ଲରୀ ଦୁଇ ଘଣ୍ଟା ଲାଗି ଅଫିସ୍‌କୁ ଗଲେ । କିନ୍ତୁ ସେ ଯେତେବେଳେ ଫେରି ଆସିଲେ ସେତେବେଳେ ଦେଖିଲେ ଯେ ମିସ୍ ପ୍ରସ ସିଡ଼ୀ

ପାଖରେ ଠିଆ ହୋଇ କାନ୍ଦୁଛନ୍ତି । ତାଙ୍କ ମୁହଁ ଶୁଖିଯାଇ ଏକଦମ ଟିକିଏ ହୋଇ ଯାଇଛି ।

ଏପରି ଅସମ୍ଭବ ବ୍ୟାପାରରେ ବିସ୍ମିତ ହୋଇ ମିଷ୍ଟର ଲସି କାରଣ ପଚାରିବାରୁ, ସେ କେବଳ ଅଙ୍ଗୁଳିରେ ଡାକ୍ତରଙ୍କ ଘରଟା ଆଡ଼କୁ ଦେଖାଇ ଦେଲେ । ମିଷ୍ଟର ଲସି ଯାଇ ଦେଖିଲେ ଯେ ଡାକ୍ତର ମାନେଟଙ୍କର ପୂର୍ବ ଉନ୍ମାଦ ଦଶା ପୁଣି ପୂର୍ବପରି ଫେରି ଆସିଛି । ତାଙ୍କର ଦୃଷ୍ଟି ଉଦ୍‌ଭ୍ରାନ୍ତ, ବାହ୍ୟଜ୍ଞାନ ଶୂନ୍ୟ, ଦେହର ଜାମା ଖୋଲି ଏବଂ ପୂର୍ବ ପରି ସେ ପୁଣି ଆଗରୁ ନଇଁପଡ଼ି ଜୋତା ସିଲାଇ କରୁଛନ୍ତି । ମିଷ୍ଟର ଲସି ଅତିଶୟ ବିପନ୍ନ ହୋଇ ପଡ଼ିଲେ, ତାଙ୍କୁ କେତେ ଡାକା ଡକି କଲେ, ଏବଂ କେତେ କଥା ମଧ୍ୟ ବୁଝାଇବାକୁ ଚେଷ୍ଟା କଲେ, କିନ୍ତୁ ଡାକ୍ତର ତାଙ୍କୁ ଚିହ୍ନି ପାରିଲେ ନାହିଁ ।

ଲୁସିଙ୍କୁ ଯେତେବେଳେ ସେ ନିଶ୍ଚିନ୍ତ ହେବାକୁ କହିଛନ୍ତି, ସେପରି ସ୍ଥଳେ ବର୍ତ୍ତମାନ ଏ ସମ୍ବାଦ ବା ତାଙ୍କୁ କିପରି ଦେବେ ? ଶେଷରେ ମିସ୍ ପ୍ରସଙ୍କ ସହିତ ପରାମର୍ଶ କରି ସ୍ଥିର ହେଲା ଯେ ଏ କ୍ଷଣି ସେମାନଙ୍କୁ କୌଣସି କଥା ଜଣାଇବାର ପ୍ରୟୋଜନ ନାହିଁ । କିନ୍ତୁ ଡାକ୍ତରଙ୍କ ରୋଗୀ ଓ ବନ୍ଧୁ-ବାନ୍ଧବମାନଙ୍କୁ ଜଣାଇ ଦିଆଗଲା ଯେ ତାଙ୍କ ଶରୀର ଖୁବ ଖରାପ ଏବଂ ସେ ବର୍ତ୍ତମାନ ଶଯ୍ୟାଶାୟୀ ହୋଇ ରହିଛନ୍ତି ।

ସେ ନଅ ଦିନ ଓ ନଅ ରାତି ଡାକ୍ତରଙ୍କ କତିରେ ରହିଲେ, ତାଙ୍କୁ କେତେ କଡ଼େ ଜଗି ବସିଲେ, ତାଙ୍କୁ ନାନା ପ୍ରକାର ସାନ୍ତ୍ୱନା ଦେଇ ଓ ଭୁଲାଇ ପ୍ରକୃତିସ୍ଥ କରାଇବାକୁ ଚେଷ୍ଟା କଲେ । କିନ୍ତୁ କୌଣସିଥିରେ କିଛି ଫଳ ହେଲା ନାହିଁ ।

ନବମ ଦିନ ରାତିରେ ମିଷ୍ଟର ଲସି ପରିଶ୍ରାନ୍ତ ହୋଇ ଟିକିଏ ଶୋଇ ପଡ଼ିଥିଲେ । ଉଠି ପଡ଼ିବା ମାତ୍ରେ ସେ ଦେଖିଲେ ଯେ ଡାକ୍ତର

ପ୍ରକୃତିସ୍ଥ ହୋଇଛନ୍ତି ଏବଂ ତାଙ୍କ ଭିତରେ ଉନ୍ମତ୍ତତାର ଚିହ୍ନ ମୁଦ୍ଧା ନାହିଁ । ମିଷ୍ଟର ଲସ୍ରୀ ତାଙ୍କର ଏ ଅବସ୍ଥାର କାରଣ ବି ତାଙ୍କୁ ଆଉ ପଚାରିଲେ ନାହିଁ । ଏହି ପ୍ରସଙ୍ଗରେ ସେ ବିଶେଷ କୌଣସି କଥା ବି ପକାଇଲେ ନାହିଁ । କେବଳ ଦିନେ ଡାକ୍ତରଙ୍କ ଅନୁପସ୍ଥିତି ସମୟରେ ତାଙ୍କର ସେହି ଦୁଃଖମୟ ଦିନର ସ୍ମୃତି, ମୋଚୀର ସାଜ—ସରଞ୍ଜାମ ଗୁଡିକ ନଷ୍ଟ କରି ଦେଲେ ।

ଲୁସୀ ଓ ଗୃର୍ଲ୍ ଯେତେବେଳେ ଫେରି ଆସିଲେ, ସେତେବେଳେ ସେମାନେ ଏହିସବୁ କଥା କିଛି ଜାଣି ପାରିଲେ ନାହିଁ । ପିତୃ ସ୍ନେହ ସହିତ ମନୁଷ୍ୟର ସହଜାତ ବିଦ୍ୱେଷର ଯେ କି ଭୀଷଣ ଯୁଦ୍ଧ ଏଠି କେତେ ଦିନ ହୋଇଗଲା ଏବଂ ଏକମାତ୍ର ତାର ମୁଖ ଚାହିଁ ଲୁସୀର ବାବା ଯେ କି ଆତ୍ମତ୍ୟାଗ କଲେ ତାହା ଲୁସୀ ମଧ୍ୟ ଘୁଣାକ୍ଷରରେ ବି ଜାଣି ପାରିଲା ନାହିଁ ।

ଯାହାହେଉ, ବର୍ତ୍ତମାନ ତିନିଜଣ ମିଳିମିଶି ସୁଖର ନୀଡ଼ ବାନ୍ଧିଲେ । ନ୍ୟାୟ ଉପାୟରେ ପରିଶ୍ରମ କରି ଗୃର୍ଲସ ଯାହା ରୋଜଗାର କରୁଥିଲେ, ସେ କମ୍ବା ଲୁସୀ ତାହା ଠାରୁ ଅଧିକ କିଛି ଚାହୁଁ ନ ଥିଲେ ।

ଗୃର୍ଲସ ନିର୍ଦ୍ଦେଶ ଦେଇଥିଲେ, ତାଙ୍କ ପୈତୃକ ସମ୍ପତ୍ତିର ସମସ୍ତ ଆୟ ଯେମିତି ପ୍ରଜାମାନଙ୍କ ମଙ୍ଗଳରେ ବ୍ୟୟ କରାହୁଏ ।

ସିଡନି ପ୍ରାୟ ଅନେକ ସମୟରେ ସେମାନଙ୍କ ଘରକୁ ଆସୁଥିଲା । ପ୍ରଥମେ ଗୃର୍ଲସ ତାକୁ ଘରେ ପୂରାଇବାକୁ ଚାହୁଁ ନ ଥିଲେ । କିନ୍ତୁ ଦିନେ ଲୁସୀ ତା ସ୍ୱାମୀକୁ ନିଭୃତରେ ଡାକି କହିଲା—ଦେଖ, ଏହି ଲୋକଟି ସହିତ ତୁମେ କଦାପି ଅସଦ୍ ବ୍ୟବହାର କର ନାହୁଁ । ମୁଁ ଜାଣେ, ବାହାରେ ସେ ଯେମିତି ଜଣାଯାଏ, ସେଇଟା ତାର ଅସଲ ପରିଚୟ ନୁହେଁ । ତା ବାହାରର ଏହି ଦୈନ୍ୟର ଅନ୍ତରାଳରେ ଲୁଚିଛି

ବଡ଼ ସମ୍ପଦ ତା ମନ ଭିତରେ ଲୁଚି ରହିଛି, ତାହା କେବଳ ମୁଁ ଜାଣେ । ତାହା ମୁଁ କିମିତି ଜାଣିଲି, ସେ କଥା ମୋତେ ପ୍ରଶ୍ନ କର ନାହିଁ । ମୁଁ କହି ପାରିବି ନାହିଁ । ତଥାପି ଜାଣେ, ଏବଂ ଜାଣି ନିଶ୍ଚିତ ମଧ୍ୟ ଅଛି ।

ସେହି ଦିନରୁ ଗ୍ୱାଇଲ୍‌ସ ତାକୁ ଯଥେଷ୍ଟ ସମ୍ମାନ ଦେବାର ତ୍ରୁଟି କଲେ ନାହିଁ । ସିଡ଼ନି ମଧ୍ୟ ସେହି ସମ୍ମାନର ଯଥେଷ୍ଟ ମର୍ଯ୍ୟାଦା ରକ୍ଷା କରୁଥିଲା । ଯେତେବେଳେ ସେ ତାଙ୍କ ଘରକୁ ଆସୁଥିଲା, ସେତେବେଳେ ସେ କଦାପି ଅପ୍ରକୃତିସ୍ଥ ଅବସ୍ଥାରେ ଆସୁ ନ ଥିଲା ।

ଏହିପରି ଭାବରେ ଗୋଟି ଗୋଟି ହୋଇ ଛଅଟି ବର୍ଷ ବିତିଗଲା । ଲୁସୀର ବି ଝିଅଟିଏ ଓ ପୁଅଟିଏ ହେଲା । ଡ଼ାକ୍ତର ମ୍ୟାନେଟ, ସିଡ଼ନି କାର୍ଟନ, ମିଷ୍ଟର ଲରୀ ଓ ମିସ୍ ପ୍ରସର ସ୍ନେହରେ ସେମାନେ ମଣିଷ ହେବାକୁ ଲାଗିଲେ । ଗୋଟିଏ କଥାରେ କହିବାକୁ ଗଲେ, ଯେତେ-ଦୂର ସୁଖର ସଂସାର ମଣିଷ ଆଶା ଓ କଳ୍ପନା କରି ପାରେ, ତାହା ସେମାନେ ଲାଭ କରିଥିଲେ ।

କିନ୍ତୁ ବର୍ତ୍ତମାନ ସେମାନଙ୍କ କଥା ଉପରେ ସହସା ଆସି ପଡ଼ିଲା ବିଧାତାଙ୍କର ବଜ୍ର—ଯେମିତି ଆକସ୍ମିକ, ସେମିତି ଅମୋଘ !

# ନଅ

ନିଆଁ ଧୀରେ ଧୀରେ କୁହୁଳୁ ଥିଲା । ଯେତେବେଳେ ତାହା ଜଳି ଉଠିଲା, ଗୁହୁଁ ଗୁହୁଁ ପ୍ରଳୟଙ୍କର ମୂର୍ତ୍ତି ଧାରଣ କରି ତାହା ବହୁ ଦୂରକୁ ବ୍ୟାପିଗଲା ।

ଡ଼େଫାର୍ଜ ଓ ତାର ସ୍ତ୍ରୀ ଏହି ନିଆଁ ଜଳାଉଥିଲେ । ସେଣ୍ଟ-ଆଣ୍ଟୋଏନର ବୁଭୁକ୍ଷୁ ଦରିଦ୍ରଙ୍କ ଦଳ ପ୍ରଥମେ ଭୟରେ ଏମାନଙ୍କ ପତାକା ତଳେ ଆସି ଠୁଳ ହେଉଥିଲେ । କିନ୍ତୁ ତାପରେ ଏମାନେ ଧୀରେ ଧୀରେ ସେମାନଙ୍କୁ ତତାଇ ଦେଲେ । ଅସହାୟ ଦରିଦ୍ରଙ୍କ ଉପରେ ଯେଉଁଠି ଯେତେ ଅତ୍ୟାଚାର ଓ ଅନାଚାର ଘଟୁଥିଲା, ସେହି ଘଟଣା ଗୁଡ଼ିକର ଇତିହାସ ସେମାନଙ୍କୁ ଶୁଣାଇବାର ଦାୟିତ୍ୱ ନେଉଥିଲା ନିଜେ ଡ଼େଫାର୍ଜ ।

ବହୁ ଦିନର ଭୟକୁ କଠିନ କୁଠାରାଘାତରେ ଚୁରମାର କରି ଦିଆଗଲା । ତାର ସେହି ସାଙ୍କେତିକ ଉପାୟରେ ଡ଼େଫାର୍ଜର ସ୍ତ୍ରୀ ତାଙ୍କ ନିଜ ଦଳର ଲୋକଙ୍କୁ ଏବଂ ଦଳର ପ୍ରତ୍ୟେକ ଶତ୍ରୁକୁ ତା ଜାଲ ଭିତରେ ଛନ୍ଦ ରଖିବାକୁ ଲାଗିଲା । କେବଳ ସେତିକି ନୁହେଁ, ରାଜାଙ୍କର ଗୁପ୍ତଚରମାନଙ୍କ ହାତରୁ ଜନତାକୁ ରକ୍ଷା କରିବା ଭାର ମଧ୍ୟ ତା ଉପରେ ନ୍ୟସ୍ତ ଥିଲା ।

ଏତେଣି ଅତ୍ୟାଚାର ମଧ୍ୟ ବନ୍ଦ ହୋଇ ନ ଥିଲା । ମାନ ଖାଦ୍ୟ କେଉଁଠି ନ ଥିଲା । ସେହି ଖାଦ୍ୟ ସଂଗ୍ରହର ଉପାୟ ବି କେହି ବତାଇ ଦେଇ ପାରୁ ନ ଥିଲେ । ଅଥଚ ଶୋଷଣର ସ୍ରୋତ ଅବିରତ ବହି ଚାଲିଛି । ଶାସକଙ୍କର ତ ଅର୍ଥ ଏକାନ୍ତ ପ୍ରୟୋଜନୀୟ ।

ଏତେ ଡେଫାର୍ଜ ସେମାନଙ୍କୁ ବୁଝାଇ ଦେଲା—ଆଉ କେଉଁଥି-ପାଇଁ ସେମାନଙ୍କର ଏତେ ଭୟ ? କି ମାୟା ବା ସେମାନଙ୍କର ଅଛି ? ପ୍ରାଣର ମୋହ ? ଜୀବନ ତ ସେମାନଙ୍କର ଅନାହାରରେ ବାହାରି ଯିବାକୁ ବସିଛି ।

ସେହି କଥା ସେମାନେ ବୁଝିଲେ । ପୁରୁଷମାନେ ଦଳ ଦଳ ହୋଇ ଆସି ଡେଫାର୍ଜର ଦଳରେ ଯୋଗ ଦେଲେ ଏବଂ ନାରୀମାନେ ଆସି ଜୁଣ୍ଡ ହେଲେ ତା ସ୍ତ୍ରୀର ପତାକା ତଳେ । ଠେଙ୍ଗା-ବାଡ଼ି, କୋଡ଼-କୁରାଢ଼ୀ, ଦା-କାଟୁଆ, ଯେ ଯାହା ପାଇଲା ଧରି ଆସି ହାଜର ହେଲା । ସେୟା ହିଁ ହେଲା ସେମାନଙ୍କର ଅସ୍ତ୍ରଶସ୍ତ୍ର ।

ସେମାନଙ୍କର ପ୍ରଥମ ଲକ୍ଷ୍ୟ ହେଲା ବ୍ୟାସ୍ଟିଲ । ସମସ୍ତେ ଜାଣିଥିଲେ, ବ୍ୟାସ୍ଟିଲ ଥିଲା ଅପରାଜେୟ, ଭୟଙ୍କର । ଏହି ବ୍ୟାସ୍ଟିଲର ଭୟ ହିଁ ଏତେ କାଳ ହେଲା ବିଦ୍ରୋହୀମାନଙ୍କୁ ଶାସନ କରି ଆସିଛି । ଏହି ବ୍ୟାସ୍ଟିଲ ହିଁ ରାଜ-ଶକ୍ତିର ସବୁଠାରୁ ବଡ଼ ଅସ୍ତ୍ର ଥିଲା । ବ୍ୟାସ୍ଟିଲ କେବେ ଜୟ କରାଯାଇ ପାରେ, ଏହା ଅବିଶ୍ୱାସ୍ୟ ଥିଲା । ଏହି ବିଷୟ ବି ସେମାନଙ୍କର କଳ୍ପନା-ଶକ୍ତିର ବାହାରେ ଥିଲା । ବ୍ୟାସ୍ଟିଲର ପ୍ରାଚୀର ଦୁର୍ଭେଦ୍ୟ, ତାର ଶକ୍ତି ଅକ୍ଷୟ !

କିନ୍ତୁ ଏହି ବ୍ୟାସ୍ଟିଲ ମଧ୍ୟ ଏତେ ଦୁର୍ବଳ ହୋଇ ପଡ଼ିଲା ! ଏବଂ ମୁମୂର୍ଷୁ ପ୍ରଜାମାନଙ୍କ ନିକଟରେ ଆତ୍ମ ସମର୍ପଣ କଲା । କମାଣ, ବନ୍ଧୁକ, ଏବଂ ବ୍ୟାସ୍ଟିଲର ଦୁର୍ଲଙ୍ଘ୍ୟ ପରିଖା ଓ ଦୁର୍ଭେଦ୍ୟ ପ୍ରାଚୀର

ଏମାନଙ୍କୁ ଅଟକାଇ ରଖି ପାରିଲା ନାହିଁ । ବିଶାଳ ଓ ଭୟଙ୍କର ବ୍ୟାସ୍ଟିଲକୁ ଭାଙ୍ଗିଚୂରି ଏବଂ ନିଆଁ ଲଗାଇ ଏମାନେ ଧ୍ୱଂସ ବିଧ୍ୱଂସ କରିଦେଲେ—ତାହାର ସତ୍ତ୍ୱା ରହିଲା ନାହିଁ । ଏତେ ଦିନେ ଫ୍ରାନ୍ସର ରାଜ-ଶକ୍ତିର ସୁବିଶାଳ ପ୍ରତୀକ ବିଲୁପ୍ତ ହୋଇଗଲା ।

ସେହି ଦିନ ଯେଉଁ ନିଆଁ ବ୍ୟାସ୍ଟିଲରେ ଲାଗିଲା, ତାହା ଆଉ ଲିଭିଲା ନାହିଁ । ସାରା ଦେଶର ଲୁଟଆଡ଼େ ହତ୍ୟା, ଅଗ୍ନି-କାଣ୍ଡ ପ୍ରଭୃତି ଘଟିବାକୁ ଲାଗିଲା । ଦେଶର ଲୋକମାନେ ହେଲେ ଦେଶର ମାଲିକ । ସେମାନଙ୍କର ନାମ ହେଲା ନାଗରିକ, ଏବଂ ସେମାନଙ୍କର ମନ୍ତ୍ର ହେଲା ସାମ୍ୟ, ସ୍ୱାଧୀନତା ଓ ଭ୍ରାତୃଭାବ !

ଅଶିକ୍ଷିତ ଦରିଦ୍ରମାନଙ୍କ ହାତରେ ସହସା ଅସୀମ କ୍ଷମତା ପଡିଲେ, ସେହି କ୍ଷମତାର ଯେ ଅପବ୍ୟବହାର ନ ହେବ, ଏଥିରେ ଆଉ ସନ୍ଦେହ କଣ ଅଛି ? ଏହି କ୍ଷେତ୍ରରେ ମଧ୍ୟ ତାର ଅନ୍ୟଥା ହେଲା ନାହିଁ ।

ଦେଶର ଯେତେ ଜମିଦାର ଓ ରାଜ-ପୁରୁଷଙ୍କର ବଂଶ ଥିଲେ, ସେମାନେ ସମସ୍ତେ ଓ ସେମାନଙ୍କର ଆତ୍ମୀୟ-ସ୍ୱଜନମାନେ ମଧ୍ୟ ବିନା ବିଚାରରେ ପ୍ରାଣ ହରାଇଲେ । ହୁଏତ ସେମାନଙ୍କ ଭିତରେ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ଓ ନିରପରାଧ ଲୋକମାନେ ବି ଥିଲେ । କିନ୍ତୁ କିଏ ସେମାନଙ୍କର ବିଚାର କରିବ ? ଉନ୍ମତ୍ତ ଜନତା ଚାହେଁ ସେମାନଙ୍କର ରକ୍ତ—ଅତ୍ୟାଚାରୀମାନଙ୍କର ରକ୍ତହିଁ ସେମାନଙ୍କର ବର୍ତ୍ତମାନ ଏକ ମାତ୍ର କାମ୍ୟ !

ମାର୍କୁଇସ ଏଭ୍ରେମଣ୍ଡଙ୍କର ବିରାଟ ପ୍ରସାଦ ମଧ୍ୟ ଭସ୍ମାବଶେଷରେ ପରିଣତ ହେଲା । ତାଙ୍କ ଉପରେ ତ ସେମାନଙ୍କର ରାଗ କମ୍ ନୁହେଁ, ଆଉ ବିଚରା ଗେବେଲ୍—ଯେ ଏତେ ଦିନ ହେଲା ଚାର୍ଲସର ନିର୍ଦ୍ଦେଶ

ଅନୁସାରେ ପ୍ରଜାମାନଙ୍କ ନିକଟରୁ ଖଜଣା ବାବଦକୁ ଜାଣି କଉଡ଼ିଟିଏ ନ ନେଇ, ସମ୍ପତ୍ତି ବିକ୍ରି ରାଜ-ସରକାରଙ୍କୁ ରାଜସ୍ୱ ଦେଉଥିଲା, ତାକୁ ହିଁ ସେମାନେ ଧରି ନେଇଗଲେ ।

ତାକୁ ପଚାରାଗଲା—ତୋ ମୁନିବ କେଉଁଠି ଅଛି କହ, ନ ହେଲେ ତୋର ଆଉ ରକ୍ଷା ନାହିଁ ।

ସେ ନାନା ପ୍ରକାର ସେମାନଙ୍କୁ ବୁଝାଇବାକୁ ଚେଷ୍ଟା କଲା । ଚାର୍ଲସ ତାଙ୍କ ପୂର୍ବ ପୁରୁଷମାନଙ୍କ ଭଳି ନୁହଁ । ସେମାନଙ୍କର ଭଲ ପାଇଁ ସେ ସାରା ଜୀବନ ଚେଷ୍ଟା କରୁଛନ୍ତି । ସେ କେବେ ହେଲେ ତା ଜୀବନରେ ସେମାନଙ୍କର ଅର୍ଥ ନେଇ ନାହାଁ । ବରଂ ପୈତୃକ ସମ୍ପତ୍ତି ବିକ୍ରି କରି ସେ ସରକାରଙ୍କୁ ରାଜସ୍ୱ ଦେଇ ଆସୁଛନ୍ତି ।

କିନ୍ତୁ କିଏ କାହା କଥା ଶୁଣୁଛି ? ସେମାନେ ଏଭ୍ରେମଣ୍ଡଙ୍କୁ ଚାହାନ୍ତି । ସେହି ଅଭିଶପ୍ତ ଘୃଣିତ ବଂଶର ବହୁ ଅତ୍ୟାଚାର ସେମାନେ ସହ୍ୟ କରିଛନ୍ତି । ଏଥର ପ୍ରତିଶୋଧର ବେଳ ଆସି ପହଞ୍ଚିଛି ।

ସେହି ପ୍ରତିଶୋଧରୁ କଣ ସେମାନେ ବଞ୍ଚିତ ହେବେ ? କଦାପି ନୁହେଁ !

ପ୍ରାଣର ମାୟା ହିଁ ମଣିଷର ସବୁଠାରୁ ବଡ଼ । ତେଣୁ ଗେବଲ ବି ବଞ୍ଚିବା ପାଇଁ କାହିଁକି ଚେଷ୍ଟା ନ କରିବ ? ସେ ସବୁ ବିଷୟ ଖୋଲି ଖୋଲି ଭାବରେ ଖଣ୍ଡିଏ ଚିଠିରେ ଲେଖି ଚାର୍ଲସ ପାଖକୁ ପଠାଇ ଦେଲା, ଏବଂ ଜଣାଇଲା ଯେ ସେ ନ ଆସିଲେ ତାର ଆଉ ରକ୍ଷା ନାହିଁ ।

# ଦଶ

ପ୍ୟାରିସ ନଗରୀରେ ଟେଲସନ ବ୍ୟାଙ୍କର ଯେଉଁ ଶାଖା ଥିଲା, ସେଠାରୁ ଉଦ୍‌ବେଗଜନକ ସମ୍ବାଦ ଆସୁଥିଲା । ସେଠାରେ ମହା-ଗୋଲମାଲ, ଅବିଳମ୍ବେ ସେଠାକୁ ଜଣେ କେହି ଦରକାର । ତେଣୁ ଆଦେଶ ହେଲା, ମିଷ୍ଟର ଲରୀଙ୍କୁ ସେଥିପାଇଁ ପ୍ରସ୍ତୁତ ହେବାକୁ ହେବ ।

ଯିବା ଆଗରୁ ମିଷ୍ଟର ଲରୀ ବିଦାୟ ନେବା ପାଇଁ ଲୁସୀ ପ୍ରଭୃତିଙ୍କ ପାଖକୁ ଗଲେ । ସେମାନଙ୍କୁ ଦେଖାସାକ୍ଷାତ କରି ଓ ସେମାନଙ୍କ ସହିତ ଆବଶ୍ୟକୀୟ କଥାବାର୍ତ୍ତା କରି, ସେ ଚାଲି ଯାଉଛନ୍ତି, ଏତିକି-ବେଳେ ଚାର୍ଲସ ତାଙ୍କୁ ତା ପାଖକୁ ଡାକି ନେଇ ଅତି ଗୋପନରେ ପଚାରିଲା—ପ୍ୟାରିସରେ ପହଞ୍ଚି ମୋର ଗୋଟିଏ ଉପକାର କରି ପାରିବେ ?

ମିଷ୍ଟର ଲରୀ ଜବାବ ଦେଲେ—ନିଶ୍ଚୟ, ସମ୍ଭବ ହେଲେ କାହିଁକି ବା ନ କରି ପାରିବି ?

ଚାର୍ଲସ ଆରମ୍ଭ କଲା—କାମଟା ଅବଶ୍ୟ କଠିନ । ଗେବ୍ ଲ ନାମକ ଜଣେ ବନ୍ଦୀ ପାଖକୁ କୌଣସିମତେ ଗୋଟିଏ ଖବର ପଠାଇବାକୁ ହେବ । ଖବରଟା ଅବଶ୍ୟ ସେମିତି କିଛି ଗୁରୁତର ନୁହେଁ । ତାକୁ କେବଳ କହିବେ ଯେ ତା ଚିଠି ଯଥା ସ୍ଥାନରେ ପହଞ୍ଚିଛି ଏବଂ ସେ ବି ଆସୁଛି ।

ସେ ପଚାରିଲେ—କେବଳ ଏତିକି ? କେତେ ଲମ୍ବା କାଏ, ଏସବୁ କିଛି କହିବାକୁ ହେବ ନାହିଁ ?

ଗ୍ରେଲସ ତତ୍‌କ୍ଷଣାତ୍ କହିଲା—ନା ।

ତାହୁଁ ମିଷ୍ଟର ଲଟ୍ କହିଲେ—ହଉ, ମୁଁ ଏତିକି ନର୍ଣ୍ଣିୟ କରି ପାରିବି । ଏହା କହି ସେ ବାହାରି ଗଲେ ।

ସେହି ରାତିରେ ଏକା ବସି ଗ୍ରେଲସ ଦୁଇ ଖଣ୍ଡ ଚିଠି ଲେଖିଲା । ଖଣ୍ଡିଏ ଲୁସୀକୁ ଏବଂ ଆଉ ଖଣ୍ଡିଏ ତା ବାବାଙ୍କୁ । ଲୁସୀକୁ ସବୁ କଥା ଖୋଲି ଲେଖି, ଏ କ୍ଷେତ୍ରରେ ତାର ଯିବା ଛଡ଼ା ଯେ ଅନ୍ୟ କୌଣସି ଉପାୟ ନାହିଁ, ସେ ବିଷୟ ବୁଝାଇ ଏବଂ ସେ ଯେ ଅତି ଶୀଘ୍ର ଫେରି ଯାଉଛି, ଏହି ଆଶ୍ୱାସନା ଦେଇ ସେ ଚିଠି ଶେଷ କଲା । ସେ ମ୍ୟାନେଜରଙ୍କୁ କେବଳ ଜଣାଇଲା—କଠିନ କର୍ତ୍ତବ୍ୟର ଅନୁରୋଧରେ ତାକୁ ଯିବାକୁ ପଡୁଛି । ତେଣୁ ସେ ଯେଉଁ କେତେ ଦିନ ଏଠାରେ ଅନୁପସ୍ଥିତ ରହିବ, ସେହି କେତେ ଦିନ ସେ ଯେମିତି ଲୁସିଙ୍କୁ ନଜରରେ ରଖନ୍ତି ।

ଚିଠି ଦୁଇ ଖଣ୍ଡ ଲଫାପାରେ ବନ୍ଦ କରି ଏବଂ ତାକୁ ଟେବୁଲ ଉପରେ ଥୋଇ ଦେଇ, ଗଭୀର ରାତିରେ କାହାରିକୁ ନ ଜଣାଇ ଗ୍ରେଲସ ଘରୁ ବାହାରି ପଡ଼ିଲା ।

ଲୁସୀ ଜାଣିଥିଲେ ତାକୁ ବାଧା ଦେଇଥାନ୍ତା । ଅଥଚ ଏଣେ ତାର ପାଇଁ ଜଣେ ଲୋକ ଅକାରଣେ ବିପନ୍ନ । ଏହା ଜାଣି ବି ସେ କିପରି ନୀରବ ହୋଇ ବସି ରହିବ ? ତାହାଛଡ଼ା, ତାର ବିଶ୍ୱାସ ଥିଲା, ସେ ଯେତେବେଳେ ଜୀବନରେ କିଛି ଅନ୍ୟାୟ କରିନାହିଁ, ସେତେ-ବେଳେ ତାର କି ବିପଦ ଘଟି ପାରେ ? ପ୍ରଜାମାନଙ୍କୁ ବିପଦ୍ରୁ ଛୋଲି ଦେବା

ଭିତରେ ବୁଝାଇ ଦେଲେ, ସେମାନେ ନିଶ୍ଚୟ ତା' କଥା ଶୁଣିବେ ।

କିନ୍ତୁ ହାୟରେ ଗୃଲ୍‌ସ ! ନଷ ଗୋଟିଏ କଥା ଭାବି ଦେଖି । ଜାହୁଁ ଯେ ତାର ଓ ତା ପ୍ରଜାମାନଙ୍କ ଭିତରେ ତା ପିତୃ-ପିତାମହଙ୍କର ପର୍ବତ ଆକାରରେ ପାପ ମୁଖ ବ୍ୟାଦାନ କରି ଠିଆ ହୋଇ ରହିଛନ୍ତି । ତାହା ଲଙ୍ଘନ କଲେ ସିନା ସେ ପ୍ରଜାମାନଙ୍କ ହୃଦୟ ସିଂହାସନ ଯାଇ ବସିବ !

# ଏଗାର

କ୍ୟାଲେରେ ପହଞ୍ଚି, ପ୍ୟାରିସର ରାସ୍ତା ଆଡ଼କୁ ମୁହଁ କରିବା ବେଳେ ଗ୍ରୁଲିସ ବୁଝି ପାରିଲା ଯେ ସେ କାମଟା ଯେତେ ସହଜ ବୋଲି ଭାବିଥିଲା ପ୍ରକୃତରେ ତାହା ସେତେ ସହଜ ନୁହେଁ । ପ୍ୟାରିସକୁ ଯିବା ସମୟରେ କେହି ତାକୁ ଅବଶ୍ୟ ବାଟରେ ବାଧା ଦେବେ ନାହିଁ, କିନ୍ତୁ ସେ ନିଶ୍ଚିନ୍ତ ରୂପେ ହୃଦୟଙ୍ଗମ କରି ପାରିଲା ଯେ ଫେରିବା ବେଳେ ତାକୁ ନାନା କଠିନ ବାଧା ଅତିକ୍ରମ କରିବାକୁ ପଡ଼ିବ । ଏହି ଅଳ୍ପ ସମୟ ମଧ୍ୟରେ ତା ଦେଶ ତଥା ଦେଶବାସୀଙ୍କର ଯେଉଁ ଅଦ୍ଭୁତ ପୂର୍ବ ପରିବର୍ତ୍ତନ ହୋଇଥିଲା, ସେ ତାହା ଦେଖି ଖାଲି ବିସ୍ମିତ ହେଲା ନାହିଁ, ଭୟଭୀତ ମଧ୍ୟ ହୋଇଗଲା । ତାକୁ ବୁଝିବାକୁ ଆଉ ବାକି ରହିଲା ନାହିଁ ଯେ ଭୀଷଣ ବିପଦ ତା ମଥା ଉପରେ ଝୁଲୁଛି ।

ରାତିରେ ସେ ପ୍ୟାରିସ ନିକଟରେ ଗୋଟିଏ ଧର୍ମଶାଳାରେ ଆଶ୍ରୟ ନେଲା, ପଥଶ୍ରମ ଫଳରେ ଅତି କ୍ଳାନ୍ତ ହୋଇଥିବାରୁ ସେ ଶୋଇ ପଡ଼ିଲା । କିନ୍ତୁ ସେ ଦୁଇଟି ଘଣ୍ଟା ନିଦ୍ରା ଯାଇଛି କି ନାହିଁ, ଧର୍ମଶାଳାର ମାଲିକ ଓ କେତେ ଜଣ ଜାତୀୟ ସୈନ୍ୟ ତାକୁ ଉଠାଇ ଜଣାଇ ଦେଲେ ଯେ ଏହିକ୍ଷଣି ତାକୁ ପ୍ୟାରିସକୁ ଯିବାକୁ ହେବ ଏବଂ ତାହା ସାଙ୍ଗରେ ଦଳେ ପହରୀବାଲା ଯାଆନ୍ତିବ । ମାତ୍ର ପହରୀବାଲାଙ୍କର ଖର୍ଚ୍ଚା ତାକୁ ଦେବାକୁ ହେବ ।

ଗ୍ରୁଲିସ ଏହାର ସାମାନ୍ୟ ପ୍ରତିବାଦ ଜଣାଇଥିଲା, କିନ୍ତୁ ସେଥିରେ ହିତ ଅପେକ୍ଷା ଅହିତର ସମ୍ଭାବନା ବେଶୀ ଜାଣି ପାରି ଆଉ କିଛି

କହିଲା ନାହିଁ । କିଛି ଦୂର ଯାଇ ସେ ବୁଝି ପାରିଲା, ତା ଆଗମନର ବାର୍ତ୍ତା ଇତି ମଧ୍ୟରେ ଦେଶରେ ବ୍ୟାପି ଯାଇଛି । ସେ ଦେଖିଲା, ତାକୁ ଗାଳି ଗୁଲଜ ଦେବା ପାଇଁ ଏବଂ ସମ୍ଭବ ହେଲେ ତାକୁ ମାଡ଼ ଦେବା ପାଇଁ, ରାସ୍ତା କଡ଼ରେ କ୍ରୁଦ୍ଧ ଜନତା ଠିଆ ହୋଇଥିଲା । ସେତେବେଳେ ସେ ମନେ ମନେ ଭାବିଲା, ଜାତୀୟ ସୈନ୍ୟମାନଙ୍କୁ ସାଙ୍ଗରେ ଆଣି ସେ ଭଲ କରିଛି ।

ପ୍ୟାରିସରେ ପହଞ୍ଚିବା ମାତ୍ରେ ତାକୁ 'ଲାଫୋର୍ସ'ର କାରାଗାରରେ ବନ୍ଦୀ କରାଗଲା । ଡେଫାର୍ଜ ତାକୁ ସନାକ୍ତ କଲା । ତାର ଅପରାଧ, ସେ ବଡ଼ ଲୋକ ଏବଂ ଦେଶ ଛାଡ଼ି ବାହାରକୁ ଚାଲି ଯାଇଥିଲା ।

ସେତେବେଳେ ରାଜ୍ୟରେ ପୁରା ପୁରି ଅରାଜକତା ଅବସ୍ଥା । ଜାତୀୟ ମନ୍ତ୍ରୀ ସଭା ଦୈନିକ ଶହେ ଦୁଇ ଶହ ଲେଖାଏଁ ନୂଆ ଆଇନ ପ୍ରଣୟନ କରୁଥିଲା । ସେହି ଆଇନର ଗୋଟିଏ ଧାରା ଅନୁଯାୟୀ ଚାର୍ଲସର ବିଚାର ହେବ, ଏହା ତାକୁ ଜଣାଇ ଦିଆଗଲା ।

ଡେଫାର୍ଜ କେବଳ ତାକୁ ଥରେ ନିଭୃତକୁ ଡାକି କହିଲା—ଏଠାକୁ ଆସିବା ଲାଗି ତୁମକୁ ଏପରି କିଏ ଦୁର୍ବୁଦ୍ଧି ଦେଲା ? ତୁମେ କଣ ଜାଣି ନାହିଁ ଯେ ଏଠାକୁ ଆସିବା ଅର୍ଥ ନିଶ୍ଚିତ ମୃତ୍ୟୁ ?

ଚାର୍ଲସ ଜବାବ ଦେଲା—ଗାବେଲକୁ ମୁକ୍ତ କରିବା ପାଇଁ ମୁଁ ଏଠାକୁ ଆସିଥିଲି । ଏପରି ଅବସ୍ଥା ଉପୁଜିବ, ଏ କଥା ବା ମୁଁ ଜାଣିବି କିପରି ?

ଖୁବ୍ ଭଲ କରିଛ, ଏକ୍ଷଣି ଏଠାରେ ମର !

# ବାର

ସେହି ଦିନ ସନ୍ଧ୍ୟା ବେଳେ ମିଷ୍ଟର ଲମ୍ବ ପ୍ୟାରିସରେ ତାଙ୍କ ଅଫିସ-ଘରେ ବସି ବାହାରେ ଉନ୍ମତ୍ତ ଜନତାର କୋଳାହଳ ଶୁଣୁଥିଲେ ଏବଂ ଭାବୁଥିଲେ, ଭଗଂକୁ ମୋର କେହି ଜଣାଶୁଣା ଲୋକ ଏହି ଆବର୍ତ୍ତରେ ପଡ଼ି ନାହିଁ, ନ ହେଲେ କି ଅଡୁଆରେ ପଡ଼ିବାକୁ ହୋଇଥାନ୍ତା !

ଯେଉଁ କୋଠାରେ ତାଙ୍କ ଅଫିସ-ଘର, ସେହି କୋଠାର ଅନ୍ୟ ଅଂଶ ଗୁଡ଼ିକୁ ଭାଙ୍ଗି ଚୂରି ଓ ଲୁଟ-ତରାଜ କରି ଗୁଣ୍ଡାମାନେ ଧ୍ୱଂସ ସ୍ତୂପରେ ପରିଣତ କରିଛନ୍ତି । କେବଳ ବ୍ୟାଙ୍କଟି ଗୋଟିଏ ବଳିଷ୍ଠ ପ୍ରତିଷ୍ଠାନ ହୋଇଥିବାରୁ, ତା ଅଫିସଟା ଧ୍ୱଂସ ମୂଳକ ଆକ୍ରମଣରୁ ରକ୍ଷା ପାଇଛି । କିନ୍ତୁ ଅଫିସ ରକ୍ଷା ପାଇ ବା କେଉଁ ଲାଭ ଅଛି ? ଯେଉଁମାନଙ୍କର ହିସାବ ପତ୍ର, ଟଙ୍କା-କଉଡ଼ି ଓ କାଗଜ ପତ୍ର ସେମାନେ ସାବଧାନରେ ରଖିଛନ୍ତି, ସେମାନେ କାହାନ୍ତି ? ସେମାନଙ୍କ ଭିତରୁ ଅଧିକାଂଶ ଆଜି ଏମିତି ସ୍ଥାନକୁ ଚାଲି ଯାଇଛନ୍ତି, ଯେଉଁଠାରୁ ଫେରି ଆସି ବ୍ୟାଙ୍କ ସହିତ ହିସାବ ନିକାଶ କରିବା ସେମାନଙ୍କ ପକ୍ଷରେ ଆଉ ସମ୍ଭବ ନୁହେଁ । ସେହିସବୁ ହିସାବର ବା କି ଅବସ୍ଥା ହେବ ଏବଂ ଏହି ଦେଶର ଅବସ୍ଥା କି ଆକାର ଧାରଣ କରିବ, ଏହିପରି କେତେ ସବୁ ଆକାଶ ପାତାଳ କଥା ମିଷ୍ଟର ଲମ୍ବ ଭାବୁଥିଲେ । ଏମିତି ସମୟରେ ତାଙ୍କ ଅଫିସ ଦୁଆର ମୁହଁରେ କିଏ ଧକ୍କା ମାରିଲା ।

ମିଷ୍ଟର ଲରୀ ଶଙ୍କିତ ହେଲେ । ଏତେ ରାତିରେ କିଏ ତାଙ୍କ ଦୁଆରେ ଧକ୍କା ମାରିଲା ? ସେହି ବିସ୍ମୟ ଆହୁରି ବଢ଼ିଗଲା, ଯେତେବେଳେ ଟିକିଏ ପରେ ଦୁଆର ଖୋଲି ଡ଼ାକ୍ତର ମ୍ୟାନେଟ ଓ ଲୁସୀ ଘରେ ପ୍ରବେଶ କଲେ ।

ମିଷ୍ଟର ଲରୀ ଆଶ୍ଚର୍ଯ୍ୟ ହୋଇ କହିଲେ—ଏ କଣ ଡ଼ାକ୍ତର, ଆପଣ ? ଲୁସୀ, ତୁମେ ବି ?

ଡ଼ାକ୍ତର ମ୍ୟାନେଟଙ୍କ ମୁଖ ମଣ୍ଡଳରେ ଟିକିଏ ମଳିନ ହସ ଦେଖାଗଲା । ମାତ୍ର ଲୁସୀ କହି ପକାଇଲା—ଚ୍ଛାର୍ଲସ !

ତତ୍‌କ୍ଷଣାତ ମିଷ୍ଟର ଲରୀ ପଚାରିଲେ—ଚ୍ଛାର୍ଲସ କଣ ? କଣ ହୋଇଛି ?

ଲୁସୀ ଜବାବ ଦେଲା—ସେ ଏଠାକୁ ଆସିଥିଲେ, ଧରା ପଡ଼ିଛନ୍ତି ।

ସେ ଆଶ୍ଚର୍ଯ୍ୟ ହୋଇ କହିଲେ—ଏଁ, ଚ୍ଛାର୍ଲସ ଧରା ପଡ଼ିଛି ! କଣ କହୁଛ ?

ହଁ, ଜଣକୁ ଗିଲୋଟିନରୁ ବଞ୍ଚାଇବା ଲାଗି ସେ ଏଠାକୁ ଆସିଥିଲେ, ଧରା ପଡ଼ିଗଲେ ।

କିଛିକ୍ଷଣ ସ୍ତମ୍ଭୀତ ହୋଇଯାଇ, ଠିଆ ହୋଇ ରହି ମିଷ୍ଟର ଲରୀ ପଚାରିଲେ—ସେ କେଉଁଠି ଅଛି, ତୁମେ ଜାଣ ?

ଲୁସୀ ଜଣାଇଲା—ଲାଫୋର୍ସର କାରାଗାରରେ ।

ମିଷ୍ଟର ଲରୀ ଦୀର୍ଘଶ୍ୱାସ ପକାଇ କେବଳ କହିଲେ—ସର୍ବନାଶ !

ଏତିକି ବେଳେ ବାହାରେ କୋଳାହଳ ଖୁବ୍ ବଢ଼ିଗଲା । ଡ଼ାକ୍ତର ମ୍ୟାନେଟ ଝରକା ଆଡ଼କୁ ଆଗେଇ ଯାଇଁ ଯାଇଁ କହିଲେ, ଏତେ ଗୋଳମାଳ କାହିଁକି ?

ବ୍ୟାକୁଳ ହୋଇ ମିଷ୍ଟର ଲସ୍ କହୁଥିଲେ—ଡାକ୍ତର ମ୍ୟାନେଟ ଯାଆନ୍ତୁ ନାହିଁ, ସେ ଆଡ଼କୁ ଯାଆନ୍ତୁ ନାହିଁ । ଆପଣଙ୍କ ଜୀବନ ଉପରକୁ ବିପଦ ଆସିପାରେ ।

ଡାକ୍ତର ମ୍ୟାନେଟ ଗୋଟିଏ ହାତରେ ଝରକା ଖୋଲି ନଖୋଲି କହୁଥିଲେ—ଆପଣ ଜାଣନ୍ତି ନାହିଁ ମିଷ୍ଟର ଲସ୍, ମୋ ଦେହରେ ହାତ ଦେବ ବା ମୋର କିଛି କ୍ଷତି କରିବ, ଏପରି କୌଣସି ଲୋକ ଏ ଦେଶରେ ନାହିଁ । ମୁଁ ଲୋକଙ୍କ ବର୍ଷ ବାସ୍ତିଲରେ କଟାଇଛି । ତାହାହିଁ ମୋର ସବୁଠାରୁ ବଡ଼ ଗୁଣ୍ଡପଣ । ଯେ ଏଠାରେ ସେହି କଥା ଶୁଣିବ, ସେ ମୋ ଆଡ଼କୁ ସମ୍ଭ୍ରମରେ ଚାହିଁବ, ଆଉ ମୋତେ ପୂଜା କରିବ । ଏଠାକାର ଲୋକଙ୍କୁ ବଶ କରିବା ପାଇଁ ମୋତେ ଯାଦୁବିଦ୍ୟା ଜଣା ଅଛି ।

ଡାକ୍ତର ମ୍ୟାନେଟ ଝରକା ଖୋଲି ବାହାରକୁ ଅନାଇବା ମାତ୍ରେ ଶିହରି ଉଠିଲେ । ସେତେବେଳେ ବାହାରେ ବୀଭତ୍ସ କାରକାର୍ଯ୍ୟ ବ୍ୟାପାର ଚାଲିଛି । ଗୋଟିଏ ପ୍ରକାଣ୍ଡ ଶାଣ-ଦିଆ ପଥରକୁ ଦୁଇ ଜଣ ଯମଦୂତ ଭଳି ଲୋକ ମିଶି ଅନବରତ ଘୂରାଉଥାନ୍ତି ଏବଂ ବିପୁଳ ଜନତା ଭିତରେ ଯାହା ହାତରେ ଯେଉଁ ଅସ୍ତ୍ର ଅଛି, ଯଥା ଛୁରି, ବଲ୍ଲମ, କୋଡ଼ି, ତାକୁ ସବୁ ସେଥିରେ ଶାଣ ଦେଉଛନ୍ତି । ସମଗ୍ର ବ୍ୟାପାରଟି ଭିତରୁ ଏମିତି ଗୋଟାଏ ବିକଟ ଜିଘାଂସା ପ୍ରକାଶ ପାଉଛି, ସମସ୍ତଙ୍କ ମୁହଁରେ ଆଖିରେ ଏମିତି ଗୋଟାଏ ଲୋଲୁପ ଶୋଣିତ ତୃଷା ଦେଖା ଯାଉଛି, ଏବଂ ସେମାନଙ୍କର ଉଲ୍ଲାସ ଏମିତି ଏକ ପୈଶାଚିକ ଆକାର ଧାରଣ କରିଛି ଯେ ସେହି ଆଡ଼କୁ ଚାହିଁ ଦେବା ମାତ୍ରେ ମଥା ଘୂରି ଯାଉଛି ଏବଂ ତା ଭିତରେ ସବୁ ଗୋଲମାଲ ହୋଇ ଯାଉଛି ।

ମିଷ୍ଟର ଲସ୍ ଲୁସିକୁ କହିଲେ ମାଆ, ଏ ତୁମର ଅଗ୍ନି ପରୀକ୍ଷା । ତୁମକୁ ଏକାନ୍ତ ଭାବରେ ଧୈର୍ଯ୍ୟ ଧରି ରହିବାକୁ ହେବ ଏବଂ

ମନରେ ଖୁବ ଦୃଢ଼ତା ଆଣିବାକୁ ହେବ । ଯଦି କେବେ ତୁମର ଧୈର୍ଯ୍ୟର ପରୀକ୍ଷା ଦେବାକୁ ସମୟ ଆସେ ତ ତାହା ଏକ୍ଷଣି ଆସିଛି । ମୁଁ ଓ ତୁମ ବାବା ଗୁର୍ଲିସ ପାଇଁ ସବୁବେଳ ବ୍ୟସ୍ତ ରହିବୁ । ତୁମ ଆଡ଼କୁ ଟିକିଏ ଦୃଷ୍ଟି ଦେବା ପାଇଁ ଆମର ସମୟ ରହିବ ନାହିଁ ; ତେଣୁ ଏହି ସମୟରେ ଯଦି ତୁମେ ବିନ୍ଦୁ ମାତ୍ର ଅଧୀରତା ପ୍ରକାଶ କର, ତାହାହେଲେ ସବୁ ସର୍ବନାଶ ହେବ ।

ଲୁସୀ ଶାନ୍ତ ସ୍ୱରରେ କହିଲା — ମୋ ପାଇଁ ତିଳେ ମାତ୍ର ଚିନ୍ତା କରନ୍ତୁ ନାହିଁ । ଆପଣମାନେ କେବଳ ଗୁର୍ଲିସଙ୍କୁ ବଞ୍ଚାନ୍ତୁ । ମୁଁ ଠିକ୍ ରହିଥିବି, ସେଥିପାଇଁ ବ୍ୟସ୍ତ ହେବାର ଦରକାର ନାହିଁ ।

ସେ ଧୀରେ ଧୀରେ ଘରୁ ବାହାରିଗଲା । ତା ପରେ ମିଷ୍ଟର ଲଙ୍ଗ୍ ଡାକ୍ତର ମ୍ୟାନେଜରଙ୍କ ଆଡ଼କୁ ମୁହଁ ବୁଲାଇ କହିଲେ—ଡାକ୍ତର ମ୍ୟାନେଜର, ଆପଣ ଯାହା କହିଲେ ତାହା ଯଦି ପ୍ରକୃତରେ ସତ ହୋଇଥାଏ, ଏବଂ ଯଦି ସେମାନଙ୍କ ଉପରେ ଆପଣଙ୍କର କୌଣସି ପ୍ରକାର ପ୍ରଭାବ ଥାଏ, ତାହାହେଲେ ସେହି ପ୍ରଭାବ ପ୍ରୟୋଗ କରିବାର ଦିନ ବର୍ତ୍ତମାନ ଆସିଛି । ତିଳେ ମାତ୍ର ଆଉ ବିଳମ୍ବ କରିବେ ନାହିଁ । ହୁଏତ ଅଜାଣତରେ ଆଜି ଏତେ ବିଳମ୍ବ ହୋଇଗଲା । ଯଦି ଗୁର୍ଲିସଙ୍କୁ ବଞ୍ଚାଇ ପାରିବେ ବୋଲି ମନେ କରୁଛନ୍ତି, ତାହାହେଲେ ଆପଣ ଏକ୍ଷଣି ଯାଆନ୍ତୁ । ତା ନ ହେଲେ କୌଣସି ଇନ୍ଦ୍ରଜାଲ ମଧ୍ୟ ତାଙ୍କୁ ମୃତ୍ୟୁ ନିକଟରୁ ଛଡ଼ାଇ ଆଣି ପାରିବ ନାହିଁ ।

ଡାକ୍ତର ମ୍ୟାନେଜର ନିଶବ୍ଦରେ ମଥାରୁ ଟୋପିଟା ଖୋଲି ପକାଇ ଧୀରେ ଧୀରେ ବାହାରି ଗଲେ ।

ସଙ୍ଗବନ୍ଦୀର ସ୍ତ୍ରୀକୁ ଓ ତା କନ୍ୟାକୁ ବ୍ୟାଙ୍କ ଭିତରେ ରଖିଲେ ବ୍ୟାଙ୍କର କୌଣସି ଅନିଷ୍ଟ ଘଟିପାରେ ଭାବି, ସହରର ଅପେକ୍ଷାକୃତ

ନିର୍ଜନ ଅଂଶରେ ଗୋଟିଏ ବସାଘର ଠିକ କରି ମିଷ୍ଟର ଲରି ତା ପର-ଦିନ ସକାଳେ ଲୁସୀ ଓ ତା ଝିଅକୁ ନେଇ ସେଠାରେ ରଖି ଦେଇ ଆସିଲେ । ସେମାନଙ୍କର ତତ୍ତ୍ୱ ନେବା ପାଇଁ ମିସ୍ ପ୍ରସ ଓ ବ୍ୟାଙ୍କର ଗୁଳକର କେଶ୍ରୀ ସେଠାରେ ରହିଲେ ।

କିନ୍ତୁ ଡାକ୍ତର ମ୍ୟାନେଟଙ୍କ କାହାନ୍ତି ? ଅନେକ ସମୟ ଯାଏ ତାଙ୍କର କୌଣସି ଖବର ନ ପାଇ, ମିଷ୍ଟର ଲରି ମନେ ମନେ ଶଙ୍କିତ ହୋଇ ବସି ପଡ଼ିଛନ୍ତି, ଏହି ସମୟରେ ଡେଫାର୍ଜ ତାଙ୍କ ଠାରୁ ଖଣ୍ଡିଏ ଚିଠି ନେଇ ଆସି ଉପସ୍ଥିତ ହେଲା ।

ସେହି ଚିଠିରେ ଲେଖା ଥିଲା—ଚାର୍ଲସ ଏ ଯାଏ ନିରାପଦ ଅଛି । ଆଜି ଏକ୍ଷଣି ତାକୁ ଏକା ଛାଡ଼ିଯିବା ସମ୍ଭବ ନୁହେ । ପତ୍ରବାହକ ହାତରେ ଚାର୍ଲସ ଖଣ୍ଡିଏ ଚିଠି ଦେଉଛି । ତା ସ୍ତ୍ରୀ ସହିତ ଏହାଙ୍କୁ ଦେଖା କରାଇ ଦେବେ ।

ଡେଫାର୍ଜକୁ ଦେଖି ମିଷ୍ଟର ଲରି ଚମକି ପଡ଼ିଲେ । କିନ୍ତୁ ତାର ହାବ-ଭାବ ଯେମିତି ଅସ୍ୱାଭାବିକ ବୋଧ ହେଲା । ଯାହାହେଉ, ତାଙ୍କୁ ସାଙ୍ଗରେ ଧରି ମିଷ୍ଟର ଲରି ଲୁସୀର ଘର ଆଡ଼କୁ ବାହାରି ପଡ଼ିଲେ । ରାସ୍ତାରେ ଡେଫାର୍ଜର ସ୍ତ୍ରୀ ଓ ଆଉ ଜଣେ ସ୍ତ୍ରୀ ଲୋକ ଅପେକ୍ଷା କରି ଥିଲେ । ସେମାନେ ମଧ୍ୟ ଏମାନଙ୍କ ସାଙ୍ଗରେ ଗଲେ । ଏହି ସ୍ତ୍ରୀ ଲୋକଟି ଡେଫାର୍ଜର ଦକ୍ଷିଣ ହାତ ଥିଲେ । ଏବଂ ତାର ନିଷ୍ଠୁରତା ପ୍ରାୟ ଡେଫାର୍ଜର ସ୍ତ୍ରୀର ନିର୍ଦ୍ଦୟତା ପରି ବିଖ୍ୟାତ ଥିଲା । ସେଥିପାଇଁ ସେଣ୍ଟ ଆଣ୍ଟୋଏନର ଲୋକମାନେ ତାର ନାମ ପ୍ରତିହିଂସା ରଖିଥିଲେ ।

ମିଷ୍ଟର ଲରି ବିସ୍ମିତ ହୋଇ ପଚାରିଲେ—ଏମାନେ ବି ଯିବେ ନା କଣ ?

ଡେ଼ଫାର୍ଜ କହିଲା—ହଁ, ଏମାନଙ୍କ ସାଙ୍ଗରେ ପରିଚୟ ହୋଇ ଯିବାଟା ବରଂ ଭଲ । ଭବିଷ୍ୟତରେ ତାହା କାମରେ ଲାଗିପାରେ ।

ଏଥର ଡେ଼ଫାର୍ଜର କଣ୍ଠ-ସ୍ୱରଟା ମିଷ୍ଟର ଲରୀଙ୍କ କାନରେ କେମିତି ଅଦ୍ଭୁତ ପ୍ରକାର ଶୁଣାଗଲା । ସେ ଯେମିତି ଜୋର କରି କଥା କହୁଛି, ନିଜ ଇଚ୍ଛା ବିରୁଦ୍ଧରେ ମଣିଷ ମିଛ କଥା କହିବାକୁ ଗଲେ ଯେମିତି ଶୁଣାଯାଏ । କିନ୍ତୁ ଆଉ ସେ କିଛି କଥା ନ କହି, ସେମାନଙ୍କୁ ସାଙ୍ଗରେ ଧରି ଲୁସୀର ଘରକୁ ଗଲେ ଏବଂ ତାଙ୍କୁ ଏମାନଙ୍କ ସହିତ ପରିଚୟ କରାଇ ଦେଲେ ।

ଗ୍ରୁର୍ଲସର ଚିଠି ମାତ୍ର ଦୁଇ ଧାଡ଼ି—ସେ ଭଲ ଅଛି ଏବଂ ଖୁବ ସମ୍ଭବତଃ ମ୍ୟାନେଟଙ୍କ ଦୟାରୁ ମୁକ୍ତ ପାଇବ ।

ଚିଠିଟି ପଢ଼ା ସରିବାରୁ ମିଷ୍ଟର ଲରୀ ଲୁସୀକୁ କହିଲେ—ତୁମ ଝିଅକୁ ଆଣି ଦେଖାଇ ଦିଅ । ରାସ୍ତା ଘାଟରେ ତ ଏଯାଏଁ ବରାବର ବିପଦ ଲାଗି ରହିଛି । ଏଠାରେ ଡେ଼ଫାର୍ଜଙ୍କ ସ୍ତ୍ରୀର ଅସାଧାରଣ ପ୍ରତିପତ୍ତି । ତେଣୁ ତୁମମାନଙ୍କର ମୁହଁସବୁ ତାଙ୍କର ଚିହ୍ନା ଥିଲେ, ବିପଦ ବେଳେ ତୁମେ ବଞ୍ଚିଯାଇ ପାରିବ ।

ମିସ୍ ପ୍ରସ ମଧ୍ୟ ବାହାରି ଆସିଲେ । କିନ୍ତୁ ଡେ଼ଫାର୍ଜଇ ସ୍ତ୍ରୀ ତା ଆଡ଼କୁ ବି ଟିକିଏ ଅନାଇଲା ନାହିଁ । ସେ ଲୁସୀ ଓ ତା ଝିଅ ଉପରେ ଆଖି ବୁଲାଇଁ ବୁଲାଇଁ କହିଲା—ଏହି ତାହାହେଲେ ଗ୍ରୁର୍ଲସ ସ୍ତ୍ରୀ ଓ ତା ଝିଅ ! ହେଉ, ମୋର ଦେଖା ହୋଇଗଲା । ଆଉ ଭୁଲ ହେବ ନାହିଁ ।

ତାର କଣ୍ଠସ୍ୱର ଏପରି ନିର୍ମମ ଓ କଠିନ ଶୁଣାଗଲା ଯେ ଲୁସୀ ସଭୟରେ ତା ଆଡ଼କୁ ଅନାଇ ଦୁଇ ହାତ ଯୋଡ଼ି ତାକୁ କହିଲା, ଏହାର ମୁହଁକୁ ଚାହିଁ ତୁମେ ମୋ ସ୍ୱାମୀକୁ ରକ୍ଷା କରିବା ପାଇଁ ଚେଷ୍ଟା କର ।

ଥାବୁଆ ଛୁରୀ ଭଳି କଠିନ ତୀକ୍ଷ୍ଣ ଦୃଷ୍ଟିରେ ତା ଆଡ଼କୁ ଅନାଇ ଡେଫର୍ଜର ସ୍ତ୍ରୀ କହିଲା—ଗୁଲ୍‌ସ ପୁଅ ଝିଅଙ୍କ ପାଇଁ ଆମର ଭଲ ହେଲେ ଦୁର୍ଭାବନା ନାହିଁ । ଆମ୍ଭମାନଙ୍କର ଚିନ୍ତା କେବଳ ତୁମ ବାବାଙ୍କର ଝିଅଟି ପାଇଁ ।

ଏଥର ଲୁସୀର ଆଖିରୁ ଲୁହ ଟପି ପଡ଼ିଲା । ସେ ଆଣ୍ଠେଇ ପଡ଼ି ସଜଳ ନୟନରେ କହିଲା—ତାହାହେଲେ ତାଙ୍କ ସ୍ତ୍ରୀ ମୁହଁକୁ ଚାହିଁ ତାଙ୍କୁ ରକ୍ଷା କର । ସେ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ । ତା ଛଡ଼ା ତୁମେ ମଧ୍ୟ ନାରୀ । ନାରୀ ଓ ଜନନୀର କି ଦୁଃଖ, ତୁମେ ତାହା ସହଜରେ ଜାଣି ପାରିବ ।

ପୁଣି ସେହି ଦୃଷ୍ଟି ଓ ନିର୍ମମ କଣ୍ଠ-ସ୍ୱର—ତୁମ ଆଗରୁ ତୁମ ପରି ବହୁ ସ୍ତ୍ରୀଙ୍କର ସ୍ୱାମୀ ସମ୍ପୂର୍ଣ୍ଣ ନିରପରାଧ ଅବସ୍ଥାରେ ପ୍ରାଣ ହରାଇଛନ୍ତି । ସେତେବେଳେ ସେମାନଙ୍କ ସ୍ତ୍ରୀ ଓ ପୁଅ ଝିଅଙ୍କର ମୁହଁ ତ କେହି ଚାହିଁ ନ ଥିଲା ! ଜ୍ଞାନ ହେବାରୁ ଦେଖୁଛି, ଚାରିଆଡ଼େ ହଜାର ହଜାର ସ୍ତ୍ରୀଙ୍କର ଆଖିର ଲୁହ, ସେମାନଙ୍କର ହାହାକାର । କାହିଁ ସେମାନଙ୍କ ମୁହଁ ତ କେହି ଚାହୁଁ ନାହାନ୍ତି ? ସେମାନଙ୍କର ମୁଖକୁ ଅନାଇ କେହି ତ କୌଣସି ନ୍ୟାୟ ବିଚାରର କଥା ଭାବି ନାହାନ୍ତି ? ତାହାହେଲେ ଆଜି ତୁମ ମୁହଁକୁ ଚାହିଁ ତୁମ ସ୍ୱାମୀକୁ ବଞ୍ଚାଇବାକୁ ଚେଷ୍ଟା କରନ୍ତି, ଏହା କା ତୁମେ କିପରି ଭାବୁଛ ? ଲକ୍ଷ ଲକ୍ଷ ନାରୀଙ୍କର ଆଖିର ଲୁହ ନିକଟରେ ତୁମ ଆଖିର ଲୁହର ବା ମୂଲ୍ୟ କେତେ ଟିକିଏ ? ଲକ୍ଷ ଲକ୍ଷ ଜନନୀଙ୍କର ପୁତ୍ରଶୋକ ନିକଟରେ ତୁମ ଦୁଃଖର ବା ମୂଲ୍ୟ କେତେ ଟିକିଏ ?

ତା ପରେ ଟିକିଏ ରହିଯାଇ ଡେଫାର୍ଜର ସ୍ତ୍ରୀ କହିଲା—ତୁମ ସ୍ୱାମୀ କଣ ଲେଖିଛନ୍ତି ? ତୁମ ବାବାଙ୍କର ପ୍ରତିପତ୍ତି କଥା କଣ ଲେଖିଛନ୍ତି ପରା ?

ଉତ୍ତରରେ ଲୁସୀ ଜବାବ ଦେଲା—ସେ, ଲେଖିଛନ୍ତି ଯେ ତୁମ ବାବାଙ୍କର ଏଠାରେ ଯଥେଷ୍ଟ ପ୍ରତିପତ୍ତି ଅଛି, ହୁଏତ ତାଙ୍କର ଚେଷ୍ଟାରେ ମୁଁ ରକ୍ଷା ପାଇଯାଇ ପାରେ ।

ଡେଫାର୍ଜର ସ୍ତ୍ରୀ ଶୁଷ୍କିଲା କଣ୍ଠରେ କହିଲା—ତାହାହେଲେ ଆଉ କଣ ? ତୁମ ବାବହିଁ ଏକ୍ଷଣି ତାକୁ ବଞ୍ଚାଇବେ ! ଚାଲ ଆମେ ଯିବା ।

ସେମାନେ ଚାଲିଗଲେ ସତ । କିନ୍ତୁ ସେମାନଙ୍କର କଥାବାର୍ତ୍ତା ଶୁଣି ଲୁସୀର ମନରେ ଆତଙ୍କ ଭରିଗଲା ।

ମିଷ୍ଟର ଲରୀ ସେ କଥା ବୁଝିପାରି, ତା ହାତ ଧରି ତାକୁ ଟାଣି ନେଇ କହିଲେ—ଭୟ କାହିଁକି ? ସବୁ ଠିକ ହୋଇଯିବ । କିଛି ଚିନ୍ତାକର ନାହିଁ ।

କିନ୍ତୁ ନିଜ ଲୋକ ଭିତରେ ମିଷ୍ଟର ଲରୀ ମଧ୍ୟ ବିଶେଷ ଭରସା ପାଇଲେ ନାହିଁ । ସେମାନଙ୍କର କଥାବାର୍ତ୍ତା ଓ ସେମାନଙ୍କର ଭାବଭଙ୍ଗି ଯେଉଁ ଭୟାବହ ଅମଙ୍ଗଳର ସୂଚନାର ଛାୟା ଏମାନଙ୍କ ମନ ଉପରେ ଦେଇଗଲା, ତାହା ସମ୍ବନ୍ଧରେ କିଛିଗଲା ନାହିଁ ।

# ତେର

ଡ଼ାକ୍ତର ମ୍ୟାନେଟ୍ଙ୍କର ଦୀର୍ଘ କାରା-ଜୀବନ ଏତେଦିନ ଯାଏ ଲୋକମାନଙ୍କ ନିକଟରେ ଖାଲି ଗୋଟାଏ ଶୋକାବହ ଘଟଣା ହୋଇ ରହିଥିଲା । ସେଥିପାଇଁ ସେ ଲୋକମାନଙ୍କ ନିକଟରୁ କେବଳ ସହାନୁଭୂତି ଓ ଅନୁକମ୍ପା ପାଇଥିଲେ । କିନ୍ତୁ ଆଜି ସେହି ବନ୍ଦୀ ଦଶା ପକ୍ଷରେ ଏକ ଅନିର୍ବାଚନୀୟ ଆଶୀର୍ବାଦରେ ପରିଣତ ହୋଇଗଲା । ଏବଂ ଏକ ନୂତନ ଶକ୍ତି ଆଣିଦେଲା । ଯେଉଁଠାରେ ଅନ୍ୟମାନଙ୍କର ଶକ୍ତି ଦୁର୍ବଳ, ସେଠାରେ ତାଙ୍କର ସେହି ବିଗତ ଦିନର ଦୁଃଖ ଅସୀମ କ୍ଷମତା ଓ ଆଶ୍ଚର୍ଯ୍ୟ ପ୍ରତିପତ୍ତି ଆଣି ଦେଲା । ସେହି ଶକ୍ତିର ସମ୍ବାଦ ପାଇ ଡ଼ାକ୍ତର ମ୍ୟାନେଟ୍ ଯେମିତି ଜଣେ ନୂଆ ମଣିଷ ହୋଇଗଲେ । ପୂର୍ବର ସେହି ନିରୀହ ଦୁର୍ବଳ ମଣିଷଟି ସ୍ଥାନରେ ଜଣେ କର୍ମଠ ଓ ତୀକ୍ଷ୍ଣଦର୍ଶୀ ବ୍ୟକ୍ତି ଦେଖାଗଲା । ସେ ଏକା ଏକ ଶହ ହୋଇ ଚାର୍ଲସର ମକଦ୍ଦମା ତଦ୍ବିର କରିବାକୁ ଲାଗିଲେ । ତା ଛଡ଼ା ସେ ସମସ୍ତଙ୍କୁ ସାନ୍ତ୍ୱନା ଦେବାକୁ ଲାଗିଲେ । ଏବଂ କାହାକୁ କଣ କରିବାକୁ ହେବ ତାହା ମଧ୍ୟ ନିର୍ଦ୍ଦେଶ ଦେବାକୁ ଲାଗିଲେ ।

ଅବଶେଷରେ ଚାର୍ଲସର ମକଦ୍ଦମାର ଦିନ ଆସିଲା । ତା ବିରୁଦ୍ଧରେ ଯୋଗ ଯେ ସେ ସ୍ୱଦେଶ ତ୍ୟାଗୀ, ଏବଂ ଦେଶ ତ୍ୟାଗର ଶାସ୍ତି ଲା ଚରମ ଦଣ୍ଡ । ଜାତୀୟ ମହାବିଚାରାଳୟ ଆଗକୁ ଆସାମୀ ଚାର୍ଲସ

ଏଣ୍ଡ୍ରରମଣ୍ଡଙ୍କୁ ଅଣା ହେଲା । ସେତେବେଳେ ବଗୁରର ସଭା ଅଜସ୍ର ଲୋକରେ ଲୋକାରଣ୍ୟ । ସେମାନେ ଗ୍ରୁଲ୍‌ସଙ୍କୁ ଦେଖିବା ମାତ୍ରେ ଚିତ୍କାର କରିବାକୁ ଲାଗିଲେ—ତାକୁ ମାରି ପକାଅ, ତାକୁ କାଟି ପକାଅ, ଏଣ୍ଡ୍ରମଣ୍ଡ ବଂଶକୁ ନିର୍ମୂଳ କରି ପକାଅ ।

ଘଣ୍ଟି ବଜାଇ ବଗୁରପତି ସମସ୍ତଙ୍କୁ ନୀରବ ହେବାକୁ ଆଦେଶ ଦେଲେ ଏବଂ ତା ପରେ ଗ୍ରୁଲ୍‌ସଙ୍କୁ କହିଲେ—ସ୍ୱଦେଶ ତ୍ୟାଗୀ ଏଣ୍ଡ୍ରରମଣ୍ଡ, ତୁମର କ'ଣ କହିବାକୁ ଅଛି କୁହ ।

ଗ୍ରୁଲ୍‌ସ ଉଠି ଠିଆ ହୋଇ କହିଲା—ମୋର ପ୍ରଥମ କଥା ହେଉଛି ଯେ ମୁଁ ଆଦୌ ସ୍ୱଦେଶ ତ୍ୟାଗୀ ନୁହେଁ, କାରଣ ତାହା ହୋଇଥିଲେ ମୁଁ ନିଜ ଇଚ୍ଛାରେ ପୁଣି ମୋ ନିଜ ଦେଶକୁ ଫେରି ଆସି ନ ଥାନ୍ତି ।

ତାହାହେଲେ ତୁମେ ଏତେ ଦିନ ଇଂଲଣ୍ଡରେ କାହିଁକି ଥିଲ ? ଆହୁରି ଆଗରୁ ଫେରି ଆସିଲ ନାହିଁ କାହିଁକି ?

ଫେରି ଆସିଥିଲେ ମୁଁ କଣ ଖାଇ ଏଠାରେ ରହି ଥାଆନ୍ତି ? ସେଠାରେ ମୁଁ ଇଂରେଜ ପୁଅ ଝିଅଙ୍କୁ ଫରାସୀ ଭାଷା ଶିଖାଇ ଜୀବିକା ଅର୍ଜନ କରୁଥିଲି । ଏଠାକାର ଯାହା କିଛି ପୈତୃକ ସମ୍ପତ୍ତି ମୋର ଥିଲା, ମୁଁ ସେ ସବୁ ଦେଶବାସୀଙ୍କ ନିକଟରେ ଅର୍ପଣ କରି ଦେଇ ନିସମ୍ବଳ ହୋଇ ଯାଇଛି ।

ଏତେବେଳେ ଜନତା ଭିତରେ ଗୋଟାଏ ପ୍ରଶଂସାସୂଚକ ଗୁଞ୍ଜନ ଉଠିଲା ।

ବଗୁରପତି କହିଲେ—କିନ୍ତୁ ତୁମେ ତ ଜଣେ ଇଂରେଜ ମହିଳାଙ୍କୁ ବିବାହ କରିଛ !

ଇଂଲଣ୍ଡରେ ବିବାହ ହୋଇଛି ସତ, ମାତ୍ର ଇଂରେଜ ମହିଳାଙ୍କୁ ନୁହେଁ । ଫରାସୀ ମହିଳାଙ୍କୁ ମୁଁ ବିବାହ କରିଛି ।

ବିଗ୍ରହପତି ପଚାରିଲେ—ସେ କିଏ, ଏବଂ କାହାର ଝିଅ ?

ଗ୍ଲର୍ସ ଜବାବ ଦେଲା—ଲୁସୀ ମ୍ୟାନେଟ । ଡ଼ାକ୍ତର ଆଲେକ୍‌-ଜାଣ୍ଡ୍ରର ମ୍ୟାନେଟଙ୍କର ଝିଅ ।

ଗ୍ଲର୍ସ ଅଙ୍ଗୁଳି ନିର୍ଦ୍ଦେଶ କରି ଡ଼ାକ୍ତରଙ୍କୁ ଦେଖାଇ ଦେବାରୁ ଚାରିଆଡ଼େ ଡ଼ାକ୍ତରଙ୍କର ଜୟଧ୍ୱନି ଶୁଣାଗଲା । ଜଣେ ଦୁଇ ଜଣ ବି ଆଖିରୁ ଲୁହ ପୋଛିଲେ । ଯେଉଁ ଜନତା କିଛିକ୍ଷଣ ପୂର୍ବରୁ ଗ୍ଲର୍ସଙ୍କୁ ଖଣ୍ଡ ଖଣ୍ଡ କରି କାଟି ପକାଇବାକୁ ଚାହୁଁଥିଲା, ତାହା ବର୍ତ୍ତମାନ ତାଙ୍କୁ ଆଲିଙ୍ଗନ କରିବା ପାଇଁ ବ୍ୟସ୍ତ ହୋଇ ପଡ଼ିଲା ।

ବିଗ୍ରହପତି ପୁଣି ସମସ୍ତଙ୍କୁ ନୀରବ ହେବାକୁ ଅନୁରୋଧ କରି ତାଙ୍କୁ ପଚାରିଲେ—ତୁମର ଆଉ କିଛି ସାକ୍ଷୀ ପ୍ରମାଣ ଅଛି ?

ମୁଁ ଯେ ସ୍ୱେଚ୍ଛାରେ ମୋର ଜଣେ ବିପନ୍ନ ଦେଶବାସୀଙ୍କୁ ବଞ୍ଚାଇବା ପାଇଁ ଏଠାକୁ ଫେରି ଆସିଛି, ତାର ପ୍ରମାଣ ଧର୍ମାବତାରଙ୍କ ଟେବୁଲ ଉପରେ ଅଛି । ତାହା ଗେବଲର ଚିଠି । ସେହି ଚିଠିଟି ମୋ ପାଖରେ ଥିଲା । ଯେତେବେଳେ ମୁଁ ଧରା ପଡ଼ିଲି, ସେତେବେଳେ ସେହି ଚିଠିଟି ମୋ ଠାରୁ କାଢି ନିଆ ହେଲା । ତା ଛଡ଼ା, ଗେବଲକୁ ପଚାରିଲେ ମୋ କଥାର ସତ୍ୟାସତ୍ୟ ବୁଝି ପାରିବେ ।

ତତ୍‌କ୍ଷଣାତ୍ ବିଗ୍ରହପତି ଗେବଲକୁ ଡାକିଲେ । ଗ୍ଲର୍ସ ଧରା ପଡ଼ିବା ପରେ ଗେବଲକୁ ଖଲାସ ଦିଆ ହୋଇଥିଲା । ସେ ବିଗ୍ରହପତିଙ୍କ ଆଗକୁ ଆସି ପ୍ରଜାମାନଙ୍କ ଲାଗି ଗ୍ଲର୍ସର ଆତ୍ମତ୍ୟାଗ ବିଷୟ ଏବଂ ତାଙ୍କୁ ବଞ୍ଚାଇବା ପାଇଁ ନିଜର ବିପଦ ବରଣ କଥା ସବୁ ଖୋଲି କହିଲା । ତା ପରେ ଡ଼ାକ୍ତରଙ୍କୁ ଡ଼କା ହେଲା ।

ଡ଼ାକ୍ତର ମ୍ୟାନେଟ ତାଙ୍କର ଦୀର୍ଘ କାରାଗାରର ନିଦାରୁଣ ଦୁଃଖର ବିଷୟ ଉଲ୍ଲେଖ କରି ଜବାନବନ୍ଦୀ ଆରମ୍ଭ କଲେ । ତା ପରେ

କିପରି ଭାବରେ ସେହି ଅଚେତନାବସ୍ଥାରେ ଏକ ଘୋରତର ଦୁର୍ଯୋଗ ରାତ୍ରରେ ଚାର୍ଲସର ସେମାନଙ୍କ ସହିତ ପ୍ରଥମ ପରିଚୟ ହେଲା, କିପରି ଚାର୍ଲସ ବିରୁଦ୍ଧରେ ଆମେରିକାର ସାଧାରଣତନ୍ତ୍ର ସହିତ ଷଡ଼ଯନ୍ତ୍ରର ଅପରାଧ ଯୋଗୁଁ ଇଂଲଣ୍ଡର ରାଜଦ୍ୱାରରେ ଅଭିଯୋଗ ଅଣା ଯାଇଥିଲା ଏବଂ ସେଥିପାଇଁ ତାର ଜୀବନ ଗୁରୁତର ଭାବରେ ବିପନ୍ନ ହୋଇଥିଲା, ଲୁସୀ ସହିତ କିପରି ତାର ଘନିଷ୍ଠତା ବଢ଼ିବାକୁ ଲାଗିଲା, କିପରି ତାର ସଚ୍ଚରିତ୍ରତା, ନିଷ୍ଠା ଓ ଆତ୍ମ ତ୍ୟାଗର ପରିଚୟ ପାଇ ସେ ଲୁସୀ ସହିତ ତାଙ୍କୁ ବିବାହ ଦେଲେ ଏବଂ ସେ କିପରି ଐକାନ୍ତିକ ସେବା ଦ୍ୱାରା ତାଙ୍କ ବୃଦ୍ଧ ବୟସରେ ଶାନ୍ତିର କାରଣ ହୋଇଛି, ସେହିସବୁ କଥା ସେ ଗୋଟି ଗୋଟି କରି ବିଚାରପତିଙ୍କ ନିକଟରେ କମ୍ପିତ କଣ୍ଠରେ ବର୍ଣ୍ଣନା କଲେ । ଅବଶେଷରେ, ଚାର୍ଲସର ସାଧାରଣତନ୍ତ୍ର ପ୍ରତି ପ୍ରୀତି ଫଳରେ ତାର ଜୀବନ ଯେ ବିପନ୍ନ ହେବାକୁ ବସିଥିଲା, ସେହି କଥାର ସମର୍ଥନ ପାଇଁ ମିଷ୍ଟର ଲରୀଙ୍କୁ ସାକ୍ଷୀ ମାନି ସମବେତ ଜନତାର ହର୍ଷଧ୍ୱନି ଭିତରେ ଡ଼ାକ୍ତର ବସି ପଡ଼ିଲେ ।

ସଙ୍ଗେ ସଙ୍ଗେ ଜୁରୀମାନଙ୍କର ଭୋଟ ନିଆଗଲା । ସମସ୍ତେ ଚାର୍ଲସକୁ ଏକ ବାକ୍ୟରେ ନିର୍ଦ୍ଦୋଷ ବୋଲି ସାବ୍ୟସ୍ତ କଲେ ।

ତା ପରେ ଜନତାର ବିପୁଳ ଜୟଧ୍ୱନି ଆରମ୍ଭ ହେଲା ଏବଂ ସମସ୍ତେ ଏକ ସାଙ୍ଗରେ ଚାର୍ଲସକୁ ଆଲିଙ୍ଗନ କରିବାକୁ ଚେଷ୍ଟା କଲେ । କିଛିକ୍ଷଣ ଆଗରୁ ଯେଉଁମାନେ ତା ରକ୍ତ ପାଇଁ ଲୋଲୁପ ଓ ଉଦ୍‌ଗ୍ରୀବ ହୋଇ ପଡ଼ିଥିଲେ, ଏକ୍ଷଣି ସେମାନେ ତାର ପାଇଁ ଆଖିରୁ ଲୁହ ଗଡ଼ାଇବାକୁ ଲାଗିଲେ । ଏଥିରେ ଚାର୍ଲସର ଜୀବନ ଯିବା ଉପରେ । କିନ୍ତୁ ମିଷ୍ଟର ଲରୀ ଓ ଡ଼ାକ୍ତର ମ୍ୟାନେଟ କୌଶଳି ପ୍ରକାରେ ତାଙ୍କୁ ସେଠାରୁ ବାହାର କରି ନେଇ ବସାକୁ ଫେରିଗଲେ । ମାତ୍ର ଏମାନେ

ସମସ୍ତେ ଯେତେ ସହଜରେ ଫେରି ପାରିଲେ, ଡାକ୍ତର ନୋଲ୍ସ ସେତେ ସହଜରେ ପାରିଲେ ନାହିଁ । ପାଠକର ବାହାରେ ଗୋଡ଼ ପକାଇବା କ୍ଷଣି ସମସ୍ତେ ମିଶି ଜୋର କରି ତାଙ୍କୁ ଗୋଟିଏ ଚୌକିରେ ବସାଇ ଚୌକିର ପଛ ପଟରେ ଗୋଟିଏ ଜାତୀୟ ପତାକା ବାନ୍ଧି ଦେଇ, ତାଙ୍କୁ ବହି ନେଇ ଚାଲିଲେ । ମଣିଷଙ୍କ କାନ୍ଧ ଉପରେ ଚଢିବା ପାଇଁ ତାଙ୍କର ଘୋର ଆପତ୍ତି ଥିଲା । କିନ୍ତୁ ସେତେବେଳେ କିଏ କାହା କଥା ଶୁଣୁଛି ? ସେମାନେ ତାଙ୍କୁ ନିଶ୍ଚୟ ନେଇଯିବେ । ଶେଷରେ ସେମାନଙ୍କ ହାତରେ ପରିତ୍ରାଣ ପାଇ ତିନି ଜଣ ଯାକ ଧଇଁ ସଇଁ ହୋଇ ଘରେ ପହଞ୍ଚିଲେ ।

ଲୁସୀ ଚାର୍ଲସଙ୍କୁ ଦେଖି ପ୍ରଥମେ ମୂର୍ଚ୍ଛିତା ହୋଇଗଲା । ତାପରେ ତାର ଜ୍ଞାନ ଫେରି ଆସିବାରୁ, ସେହି ସ୍ୱାମୀ ସ୍ତ୍ରୀ ଦୁଇ ଜଣ ଆଣ୍ଠୁ ମାଡ଼ି ବସି ଆଉଥରେ ସେହି ସର୍ବଶକ୍ତିମାନ୍ ଈଶ୍ୱରଙ୍କୁ ଧନ୍ୟବାଦ ଜଣାଇଲେ । ତାଙ୍କରି ଦୟାରୁହିଁ ଏହି ଅସମ୍ଭବ ସମ୍ଭବ ହୋଇ ପାରିଲା ।

ପ୍ରାର୍ଥନା ଶେଷ କରି ଚାର୍ଲସ ଲୁସୀକୁ କହିଲା—ଲୁସୀ, ତୁମେ ତୁମ ବାବାଙ୍କୁ ଧନ୍ୟବାଦ ଦିଅ । ଫ୍ରାନ୍ସ ଦେଶରେ ତାଙ୍କ ଛଡ଼ା ଆଉ ଏମିତି ଜଣେ ହେଲେ ଲୋକ ନାହିଁ, ଯେ ମୋତେ ଆଜି ବଞ୍ଚାଇ ପାରିଥାନ୍ତା ।

ଲୁସୀ ସଜଳ ନୟନରେ ତା ବାବାଙ୍କ ପାଖକୁ ଗଲା । ସେ ତା ମଥାଟା ସସ୍ନେହରେ ନିଜ ବକ୍ଷ ଉପରକୁ ଟାଣି ନେଲେ, ଠିକ୍ ଯେମିତି ଅନେକ ବର୍ଷ ତଳେ ଲୁସୀ ତାଙ୍କ ମଥା ନିଜ ବକ୍ଷ ଉପରେ ଚାପି ଧରି-ଥିଲା । ଆଜି ଏତେ ଦିନେ ସେ ଝିଅର ଋଣ ପରିଶୋଧ କରି ପାରିଲେ । ଗର୍ବ ଓ ଆନନ୍ଦରେ ତାଙ୍କ ମୁଖ ମଣ୍ଡଳ ଉଜ୍ଜ୍ୱଳ ହୋଇଗଲା । ସେ ଲୁସୀର ଆଖିରୁ ଲୁହ ପୋଛି ଦେଇ କହିଲେ—ଛି, ଆଉ ଭୟ କଣ ମା'ଆ, ମୁଁ ତ ତାକୁ ବଞ୍ଚାଇ ଫେରାଇ ଆଣିଛି ! ଆଉ ତୋର ଭୟ କଣ ?

ଆଉ ବା ଭୟ କଣ !

ବୃଦ୍ଧଙ୍କର କଣ୍ଠ-ସ୍ୱର ପବନରେ ସମ୍ପୂର୍ଣ୍ଣ ଭାବରେ ମିଳାଇ ଯିବା ପୂର୍ବରୁ ସଡ଼କରେ କାହାର ପଦ ଶବ୍ଦ ଶୁଣାଗଲା । ଯେମିତି କେତେ ଜଣ ଲୋକ ଉପରକୁ ଆସୁଛନ୍ତି—ସେମାନଙ୍କର ପାଦ—ଶବ୍ଦରେ ଯେମିତି କଣ ଏକ ଅମଙ୍ଗଳର ଆଭାସ !

ଭୟରେ ଲୁସିର ମୁଖ ପାଂଶୁଳ ବର୍ଣ୍ଣ ଧାରଣ କଲା । ସେହି ଆଡ଼କୁ ଅନାଇ ମ୍ୟାନେଟ କହିଲେ—ଭୟ କଣ ? ତୋତେ ପୁଣି ଡ଼ର ଲାଗୁଛି ? କହୁଛି ନା, ଭୟର କାରଣ ସବୁ ମେଣ୍ଟି ଯାଉଛି ? ହଉ, ମୁଁ ଦୁଆର ଖୋଲି ଦେଖୁଛି କିଏ ଆସିଲା ।

ଦୁଆର ଖୋଲି ଦେବାରୁ ଦେଖାଗଲା, ସାଧାରଣତନ୍ତ୍ରର କେତେ ଜଣ ପ୍ରହରୀ ଛିଡ଼ା ହୋଇଛନ୍ତି ।

ସେମାନଙ୍କ ଭିତରୁ ଜଣେ ପଚାରିଲା—ନାଗରିକ ଏଭ୍ରେମଣ୍ଡ, କାହାର ନାମ ?

ଚାର୍ଲସ ଜବାବ ଦେଲା—ମୋ ନାମ ।

ସେ ପୁଣି କହିଲା—ହଁ, ପ୍ରକୃତରେ ତୁମେ । ଆଜି ବିଚାର ବେଳେ ମୁଁ ଉପସ୍ଥିତ ଥିଲି । ତୁମକୁ ଦେଖିଛି । ନାଗରିକ ଏଭ୍ରେମଣ୍ଡ, ସାଧାରଣତନ୍ତ୍ର ନାମରେ ମୁଁ ପୁଣି ତୁମକୁ ବନ୍ଦୀ କଲି । ତୁମକୁ ଆମ୍ଭ-ମାନଙ୍କ ସାଙ୍ଗରେ ଯିବାକୁ ହେବ ।

ଚାର୍ଲସ ବିବର୍ଣ୍ଣ ମୁଖରେ ଅସ୍ଫୁଟ କଣ୍ଠରେ ପଚାରିଲା—କାରଣ କଣ ଜାଣି ପାରେ କି ?

ଉତ୍ତର ମିଳିଲା—କାଲି ତାହା ଶୁଣିବାକୁ ପାଇବ । କାଲି ତୁମର ବିଚାର ହେବ । ବର୍ତ୍ତମାନ ତୁମକୁ ସିଧା ହାଜତକୁ ନେଇଯିବୁ ।

ଡ଼ାକ୍ତର ମ୍ୟାନେଟ ଏତେବେଳ ଯାଏ ପଥର ମୂର୍ତ୍ତି ଭଳି ନୀରବରେ ଠିଆ ହୋଇଥିଲେ । ହାଜତକୁ ନେଇଯିବା କଥା ତାଙ୍କ

କାନରେ ପଡ଼ିବା ମାତ୍ରେ ସେ ଯେମିତି ଚମକି ପଡ଼ିଲେ, ଏବଂ ଆଗକୁ ଚାଲିଆସି ସେହି ବ୍ୟକ୍ତିଟିକୁ ପଚାରିଲେ—ତାକୁ ତ ତୁମେ ଚିହ୍ନିଛ ବୋଲି କହୁଛ, ମୋତେ ଚିହ୍ନିଛ ନା ?

ହଁ, ଚିହ୍ନିଛି, ଆପଣ ଡ଼ାକ୍ତର ମ୍ୟାନେଟ ।

ମୋତେ କହିପାରିବ ଏହାର ମାନେ କଣ ?

ସେ ଯେମିତି ଟିକିଏ ଅନିଚ୍ଛା ସତ୍ତ୍ୱେ କହିଲା—ସେଣ୍ଟ ଆଣ୍ଟୋଏନ ଠାରୁ ତାଙ୍କ ନାମରେ ଅଭିଯୋଗ ଆସିଛି । ଗୁରୁତର ଅଭିଯୋଗ ।

ଅଭିଯୋଗ କଣ, ଜାଣିପାରେ କି ?

ନା, ତାହା କହି ପାରିବ ନାହିଁ ।

ଡ଼ାକ୍ତର ମ୍ୟାନେଟ ଆକୁଳ ଭାବରେ କହିଲେ—କିଏ ଅଭି-ଯୋଗ ଆଣିଛି, ତାହା ବି କଣ ତୁମେ କହି ପାରିବ ନାହିଁ ?

ସେ ଆଉ ଜଣେ ଲୋକକୁ ଦେଖାଇ ଦେଇ କହିଲା—ଏହି ସେଣ୍ଟ ଆଣ୍ଟୋଏନରେ ଥାଏ, ଏ ଜାଣେ ।

ସେହି ଲୋକଟି କହିଲା—ତିନି ଜଣ ତା ନାମରେ ଅଭିଯୋଗ ଆଣିଛନ୍ତି । ଜଣେ ଡ଼େଫାର୍ଜ ଆଉ ଜଣେ ତା ସ୍ତ୍ରୀ ।

ଡ଼ାକ୍ତର ମ୍ୟାନେଟ ପଚାରିଲେ—ଆଉ ଜଣେ କିଏ ?

ସେ କିଛିକ୍ଷଣ ଅଦ୍‌ଭୁତ ଦୃଷ୍ଟିରେ ଡ଼ାକ୍ତରଙ୍କ ଆଡ଼େ ଚାହିଁ ରହି କହିଲା—ଆପଣ ଜାଣିବାକୁ ଚାହୁଁଛନ୍ତି ?

ହିଁ, ମୁଁ—ଡ଼ାକ୍ତର ଜବାବ ଦେଲେ ।

କାଲି ଜାଣି ପାରିବେ, ତା ନାମ ଆଜି କହି ପାରିବି ନାହିଁ ।

ଚାର୍ଲସକୁ ନେଇ ସେମାନେ ଚାଲିଗଲେ । ଡାକ୍ତର ମ୍ୟାନେଟ ଶୂନ୍ୟ ଓ ବିହ୍ୱଳ ଦୃଷ୍ଟିରେ ଲୁସୀ ଆଡ଼କୁ ଅନାଇ ଠିଆ ହୋଇ ରହିଲେ ।

# ରଞ୍ଜିଦ

ବଜାର କରିସାରି ଫେରିବା ବେଳେ, ଗୋଟିଏ ମଦ ଦୋକାନ ଆଗରେ ପହଞ୍ଚିବା କ୍ଷଣି ମିସ୍ ପ୍ରସ୍ ହଠାତ ଦୋକାନ ଭିତରକୁ ଢୁକି ଦେଲା । ତିନି ଚାରି ଜଣ ଲୋକ ଦୋକାନ ସାମନାରେ ବସି ମଦ ପିଉଥିଲେ । ସେମାନଙ୍କ ଭିତରୁ ଜଣକୁ ଦେଖି ମିସ୍ ପ୍ରସ୍ ହଠାତ ଡାକ ଛାଡ଼ିଲା—ଆରେ ସଲୋମନ ଯେ ! ବଞ୍ଚି ରହିଛୁ ନା ? ଏତେ ଦିନ ଯାଏ କେଉଁଠି ଥିଲୁ ?

ସଲୋମନ ବୋଲି ଯାହାକୁ ଡକା ହେଲା, ତା ମୁଖ ସେତେବେଳକୁ ଶୁଖି ଗଲାଣି । ସେ ତତ୍‌କ୍ଷଣାତ୍ ଉଠି ପଡ଼ି ତା ପାଖକୁ ଆସି କହିଲା—ତୋର କଣ ହୋଇଛି କି ? ଏତେ ପାଟିଗୋଳ କରୁଛୁ କାହିଁକି ?

ମିସ୍ ପ୍ରସ୍ କହିଲା—ପାଟିଗୋଳ କରିବି ନାହିଁ ? ପାଞ୍ଚଟା ନୁହେଁ, ସାତଟା ନୁହେଁ, ଥାଇଁ ଥାଇଁ ଗୋଟିଏ ବୋଲି ଭାଇ, ସେ ବି ଏତେ ଦିନ ହେଲା କୁଆଡ଼େ ଫେରାର ହୋଇଛି !

ଚୁପ୍, ଚୁପ୍ ! ତୁ ମୋତେ ମାରି ପକାଇବୁ ଦେଖୁଛି । ଏ ଆଡ଼କୁ ଅ, ଏ ଆଡ଼କୁ ଅ । ତୋ ଗୋଡ଼ ଧରୁଛି ଭଲା, ଆସ୍ତେ ଆସ୍ତେ କଥା କହ ।

ଜେମ୍ସ୍ ଏତେ ବେଳ ଯାଏ ଚୁପ୍ ହୋଇ ଏମାନଙ୍କର ଢଙ୍ଗଢାଙ୍ଗ ଦେଖୁଥିଲା । ସେ ବି ଅବାକ୍ ହୋଇଯାଇ ମିସ୍ ପ୍ରସ୍‌କୁ ପଚାରିଲା—ଏ

ଗୁଣବନ୍ତ କିଏ କହିଲ, ତୁମରି ଭାଇ ? ତାହାହେଲେ ତୁମ ନାମଟା କଣ ହେଲା ହେ ବାବୁ ? ଜନ ସଲୋମନ ନା ସଲୋମନ ଜନ ?

ସଲୋମନ ବିସ୍ମିତ ହୋଇ ପଚାରିଲା—ତା ମାନେ ?

ତା ମାନେ, ତୁମକୁ ଏହା ଆଗରୁ କେଉଁଠି ଦେଖିଛି । କିନ୍ତୁ ସେତେବେଳେ ତୁମେ ସଲୋମନ ଥିଲ ନାହିଁ । ଜନ ଗାଲି ଜନ, ନା କଣ ତାହା ଠିକ୍ ମନେ କରିପାରୁ ନାହିଁ ।

ପଛରୁ କିଏ ଜଣେ କହି ପକାଇଲା—ଜନ ବାର୍ଷାଦ !

ଠିକ୍, ଠିକ୍, ଜନ ବାର୍ଷାଦ ! ଓଲ୍ଡ଼-ବେଲିର ଅଦାଲତରେ ମୁଁ ତୁମକୁ ଦେଖିଛି । ଆଦୌ ଭୁଲ୍ ହେବାର ନୁହେଁ ।

କିନ୍ତୁ ବିସ୍ମୟଟା ସେଥିପାଇଁ ନୁହେଁ । ବିସ୍ମୟଟା ହେଉଛି, ଯେ ପଛରେ ଆସି ନିଶବ୍ଦରେ ଠିଆ ହୋଇଛି ତାକୁ ଦେଖି । ସେ ଆଉ କେହି ନୁହେଁ, ସିଡନି କାର୍ଟନ ! ମିଷ୍ଟର୍ ପ୍ରସ୍ ର ସପ୍ରଶ୍ନ ଦୃଷ୍ଟିର ଜବାବରେ ସେ କହିଲେ—ମୁଁ କାଲି ଆସି ପହଞ୍ଚିଛି ଏବଂ ମିଷ୍ଟର ଲରିଙ୍କ ଘରେ ରହିଛି । ତୁମ୍ଭମାନଙ୍କ ସାଙ୍ଗରେ ମୁଁ ଦେଖା କରି ନାହିଁ, କାରଣ ଏହି ସମୟରେ ଦେଖା ନ କରିବାହିଁ ବରଂ ଭଲ ।

ଜନ ବାର୍ଷାଦର ସେତେବେଳେ ଚୈତନ୍ୟ ଉଦୟ ହେଲା । ସେ କହିଲା—ମୋ ନାମ ତ ଜନ ବାର୍ଷାଦ ନୁହେଁ । ଆପଣ ଭୁଲ୍ କରୁଛନ୍ତି ।

ସିଡନି ଯେମିତି ନିତାନ୍ତ ନିସ୍ପୃହ ଓ ନିରାସକ୍ତ ଭାବରେ ଅନ୍ୟ ଦିଗକୁ ଚାହିଁ କହିଲେ—ମୋର ଭଲେ ମାନ ଭୁଲ୍ ହୋଇ ନାହିଁ । ଆଜି ଦିନ ସାରା ମୁଁ ତୁମ ପଛେ ପଛେ ବୁଲୁଛି । ଜେଲଖାନା ଦୁଆର ମୁହଁରେ, ସାଧାରଣତନ୍ତ୍ର ପୋଲିସ ଥାନାରେ ଓ ମଦ ଦୋକାନରେ

ତୁମର ନୂଆ ନୂଆ ରୂପର ବିକାଶ ସବୁ ମୁଁ ଦେଖିଛି । ମାତ୍ର ତୁମର ଡ଼ରି ଯିବାର କୌଣସି କାରଣ ନାହିଁ । ତୁମକୁ ମୋର ଏକାନ୍ତ ଲୋଡ଼ା । ତୁମକୁ ମୋ ସାଙ୍ଗରେ ଥରେ ଆସିବାକୁ ହେବ ।

ପ୍ରଥମେ କିଛିଟା ମୃଦୁ ଆପତ୍ତି କରି ଏବଂ ଶେଷରେ ଆପତ୍ତି କରିବା ନିଷ୍ଫଳ ଜାଣି, ସେ ଅଗତ୍ୟା ରାଜି ହେଲା । ମିସ୍ ପ୍ରସ୍‌ବ ଆଉ ବେଶୀ ଆପତ୍ତି କଲା ନାହିଁ, କାରଣ ସିଡ଼ନିଙ୍କର ହାବଭାବ ଦେଖି ସେ ବୁଝି ପାରିଲା ଯେ ପ୍ରୟୋଜନଟା ନିଶ୍ଚୟ ଗୁରୁତର ।

ସିଡ଼ନି ଜନ ବାର୍ସାଦକୁ ନେଇ ସିଧା ମିଷ୍ଟର ଲସିଙ୍କ ବ୍ୟାଙ୍କରେ ଆସି ପହଞ୍ଚିଲେ । ବାର୍ସାଦକୁ ଦେଖି ମିଷ୍ଟର ଲରି ଚିହ୍ନି ପାରିଲେ । ସେ ଯେତେବେଳେ ଶୁଣିଲେ ଯେ ବାର୍ସାଦହିଁ ମିସ୍ ପ୍ରସ୍‌ର ଭାଇ, ସେତେବେଳେ ସେ ଚମକି ପଡ଼ିଲେ । ପ୍ରଥମ ପରିଚୟଟା ସାରି ଆଉ କୌଣସି ମାତ୍ର ଭୂମିକା ନ ବାନ୍ଧି ସିଡ଼ନି କହିଲେ—ଗ୍ଲର୍ଲ୍‌ସ ପୁଣି ଧରା ପଡ଼ିଛି ।

ମିଷ୍ଟର ଲରି ଆଶ୍ଚର୍ଯ୍ୟ ହୋଇ ହେଁଭେଁପଡ଼ି କହିଲେ—କଣ କହୁଛ ! ମୁଁ ଯେ ଦୁଇ ଘଣ୍ଟା ଆଗରୁ ସେଠାରୁ ଫେରୁଛି ।

ବାର୍ସାଦ ଆଡ଼କୁ ଆଙ୍ଗୁଳି ଦେଖାଇ ଦେଇ ସିଡ଼ନି କହିଲେ—ଏହାଙ୍କ ପାଖରୁ କିଛି କ୍ଷଣ ଆଗରୁ ଖବର ପାଇଲି ଯେ ଗ୍ଲର୍ଲ୍‌ସର ବିରୁଦ୍ଧରେ ଏକ ବିରାଟ ଷଡଯନ୍ତ୍ର ହୋଇଛି ଏବଂ ତାକୁ ଗିରଫ କରିବା ପାଇଁ ଲୋକ ପଠା ଯାଇଛି । ଏତେ ବେଳକୁ କାମଟି ନିଶ୍ଚୟ ନିର୍ବିଘ୍ନରେ ସୁସମ୍ପନ୍ନ ହୋଇ ଯାଇଥିବ, ଏଥିରେ ମୋର ତିଳେ ମାତ୍ର ସନ୍ଦେହ ନାହିଁ । ଏହି ଲୋକଟି ଏଠାରେ ଗୋଇନ୍ଦାଗିରି କରେ । ଏମାନଙ୍କ ଭିତରେ କଥୋପକଥନରୁ ମୁଁ ଏହା ଶୁଣି ପାରିଛି । ସୁତରାଂ ଏ ସମ୍ବାଦ ସତ ।

ମିଷ୍ଟର ଲଷ୍ମୀ ପାଂଶୁଳ ମୁଖରେ କହିଲେ—କିନ୍ତୁ ଡ଼ାକ୍ତର ! ଡ଼ାକ୍ତର କଣ କହୁଛନ୍ତି ?

ସିଙ୍ଗନ କହିଲେ—ଡ଼ାକ୍ତର ତ ତାଙ୍କୁ ଥରେ ବଞ୍ଚାଇଲେ । କିନ୍ତୁ ଏଥର ସେ ବୋଧହୁଏ କିଛି ବିଶେଷ ସୁବିଧା କରି ପାରିବେ ନାହିଁ । ଏ ବିଷୟରେ ମୋର କେମିତି ସନ୍ଦେହ ଜାତ ହେଉଛି । ଯାହାହେଉ, ତାଙ୍କ ଚେଷ୍ଟା ସେ କରୁଥାନ୍ତୁ । ମାତ୍ର ସେହି ଚେଷ୍ଟା ସଫଳ ହେବ ନାହିଁ ଜାଣି ମୁଁ ଅନ୍ୟ ଦିଗରୁ ଚେଷ୍ଟା କରିବାକୁ ଯାଉଛି ।

ସିଙ୍ଗନଙ୍କର ଦୃଢ଼ କଣ୍ଠ-ସ୍ୱର ଶୁଣି ଏବଂ ତାଙ୍କର ଏହି କର୍ମ-ତତ୍ପରତା ଦେଖି ମିଷ୍ଟର ଲଷ୍ମୀ ଟିକିଏ ଆଶ୍ଚର୍ଯ୍ୟ ହୋଇଗଲେ । ଏ ଯେମିତି ପୂର୍ବର ସିଙ୍ଗନ ନୁହନ୍ତି, ଆଉ ଜଣେ ଲୋକ ବର୍ତ୍ତମାନ !

ବାର୍ସାଦ ଆଡ଼କୁ ବୁଲିପଡ଼ି ସିଙ୍ଗନ କହିଲେ—ଶୁଣ, ବର୍ତ୍ତମାନ ତୁମେ ମୋ ହାତ ମୁଠାରେ ଅଛ । ତୁମେ ଇଂରେଜ ସରକାରଙ୍କର ଗୋଇନ୍ଦା ଏବଂ ଜାତିରେ ମଧ୍ୟ ଇଂରେଜ । ଅଥଚ ନାମ ଓ ଜାତି ବଦଳାଇ ତୁମେ ଏଠାରେ ଗୋଇନ୍ଦଗିରି କରୁଛ । ଯଦି ଏହି ସମ୍ବାଦଟି ମୁଁ କାହାରିକୁ ଡ଼ାକି ଶୁଣାଇ ଦିଏଁ, ତାହାହେଲେ ତୁମର କି ଅବସ୍ଥା ହେବ ବୁଝି ପାରୁଛ ତ ? ସିଧା ସଳଖ ଗିଲୋଟିନ ଉପରକୁ । କେହି ତୁମକୁ ରକ୍ଷା କରି ପାରିବେ ନାହିଁ ।

ବାର୍ସାଦର ମୁହଁ ଶୁଖି କଳା ପଡ଼ି ଯାଇଥିଲା । ସେ ମଥା ହଲାଇ କହିଲା—ମୁଁ ସେ କଥା ସ୍ୱୀକାର କରୁଛି ।

ସିଙ୍ଗନ କହିଲେ—ଖାଲି ସେତିକି ନୁହେ । ଥାନାରେ ହାଜତର ଯେଉଁ ପ୍ରହରୀଟି ତୁମ ସାଙ୍ଗରେ କଥା କହୁଥିଲା, ତାକୁ ବି ମୁଁ ଚିହ୍ନି ପାରିଛି । ସେ ମଧ୍ୟ ତୁମ ଦଳର ଲୋକ । ତାର ନାମ ହେଉଛି ରୋଜାର କ୍ଲାଇ ।

ପ୍ରଥମେ ବାର୍ସାଦ୍ର ଧପା ଦେବାକୁ ଚେଷ୍ଟା କଲା ଯେ ବେକାର୍ଯ୍ୟ ମର ଯାଇଛି । କିନ୍ତୁ ସେ ଯେତେବେଳେ ଦେଖିଲା ଯେ ତା ବୁଦ୍ଧି ଖାଟିଲା ନାହିଁ, ତେଣୁ ସେ ଅସହାୟ ଭାବରେ କହିଲା—ଅଚ୍ଛା, ମୋତେ କଣ କରିବାକୁ ହେବ, ଆଦେଶ ଦିଅନ୍ତୁ ।

ସିଡ଼ନି ତାଙ୍କୁ ପଚାରିଲେ—ହାଜତ ଭିତରକୁ ତୁମର ଯାତାୟାତ ଅଛି ନା ? ସମୟେ ସମୟରେ ତୁମେ ପ୍ରହରୀର କାମ କର ନା ?

ତାହା କଥା ସତ । କିନ୍ତୁ ପଳାଇବା ପାଇଁ କୌଣସି ଚେଷ୍ଟା ମୋ ଦ୍ୱାରା ହେବ ନାହିଁ । ତାହା ଅପେକ୍ଷା ଆପଣ ମୋର ସେଇଁ ଅନିଷ୍ଟ କରିବେ, ତାର ଗୁରୁତ୍ୱ କମ !

ସିଡ଼ନି ଟିକିଏ ସ୍ମିତ ହସ ଖେଳାଇ କହିଲେ—ଓଃ, ଏତକ ହେଲା, ଏତେ ବ୍ୟସ୍ତ କାହିଁକି ? ପଳାଇବା କଥା ତୁମକୁ କିଏ କହୁଛି ? ଚାଲ ନା ଆର ଘରକୁ । ମୋର ଯାହା କହିବାର କଥା, ମୁଁ ତୁମକୁ କହିବି ।

ବାର୍ସାଦକୁ ଧରି ସିଡ଼ନି ପାଖ ଘରକୁ ଯାଇ ସେଠାରେ ଅନେକ ସମୟ ଯାଏ ବସି ତା ସହିତ କଣ ସବୁ ଗୁପ୍ତ ପରାମର୍ଶ କଲେ । ତାପରେ ତାକୁ ବିଦାୟ ଦେଇ-ସେ ମିଷ୍ଟର ଲରିଙ୍କ ପାଖକୁ ଫେରି ଆସିଲେ । ମିଷ୍ଟର ଲରି ତାଙ୍କର ମତଲବଟା କଣ, ତାହା ବୁଝି ପାରିଲେ ନାହିଁ । ସେହି ବିଷୟରେ କିଛି ସେ ତାଙ୍କୁ ଆଉ କିଛି ପଚାରିଲେ ନାହିଁ । ସିଡନି ତାଙ୍କୁ ପଚାରିଲେ—ଆପଣ ବର୍ତ୍ତମାନ ସେଠାକୁ ଯିବେ ତ ?

ମିଷ୍ଟର ଲରି ଉତ୍ତର ଦେଲେ—ନିଶ୍ଚୟ । କିନ୍ତୁ ତୁମେ ?

ମୁଁ ରାସ୍ତାରେ ଟିକିଏ ଘୁରି ବୁଲିବି । ଚାଲନ୍ତୁ, ଆପଣଙ୍କୁ ଟିକିଏ ବାଟେଇ ଦେଇ ଆସେ ।

କିନ୍ତୁ ସିଡ଼ନି ଆଦୌ ହଲଚଲ ହେଲେ ନାହିଁ । ଅଗ୍ନି କୁଣ୍ଡ ପାଖରେ କିଛି ସମୟ ସ୍ଥିର ଭାବରେ ଠିଆ ହୋଇ ସେ ସହସା ପଚାରିଲେ—ଅଚ୍ଛା ମିଷ୍ଟର ଲଗୀ, ଆପଣଙ୍କୁ କେତେ ବୟସ ?

ମିଷ୍ଟର ଲଗୀ ଜବାବ ଦେଲେ—ମୋର ଅଠସ୍ତରି ଚାଲିଛି ।

ଏଁ, ଅଠସ୍ତରି ! ଖୁବ ଦୀର୍ଘ ଦିନ ତ ! ଏତେ ଗୁଡ଼ାଏ ବର୍ଷ କଣ ଖାଲି କାମକୁ ଧରି ପଡ଼ି ରହିଛନ୍ତି ?

ତାହା ଏକ ପ୍ରକାର ସତ । ଅତି ପିଲାଟି ଦିନରୁ ଏହି ବ୍ୟବସାୟରେ ପ୍ରବେଶ କରିଛି । ତାପରେ ଗୋଟିଏ ଦିନ ବି ଏଥିରୁ ଛୁଟି ମିଳି ନାହିଁ । ଆଉ କୌଣସି ଆଡ଼େ ଫେରି ଚାହିଁବାକୁ ମଧ୍ୟ ମୁଁ ତିଳେ ହେଲେ ଅବସର ପାଇ ନାହିଁ ।

ସିଡ଼ନି ଦୀର୍ଘ ନିଶ୍ୱାସ ଛାଡ଼ି କହିଲେ ଆପଣଙ୍କର ଜୀବନ ସାର୍ଥକ । ଜୀବନର ସନ୍ଧ୍ୟା ସମୟରେ ଯେତେବେଳେ ଆପଣ ପଛକୁ ଫେରି ଚାହିଁବେ, ସେତେବେଳେ ଦେଖିବେ ଯେ ତା ଭିତରେ ଅନୁତାପ କରିବା ଭଳି କି ଲଜ୍ଜା ପାଇବା ଭଳି କିଛି ନାହିଁ । କିନ୍ତୁ ମୋର ? କଣ ଅଛି ମୋ ଜୀବନରେ ? କାହାର କେତେ କାମରେ ବା ମୁଁ ଲାଗି ପାରିଛି ? ଗୌରବ ପାଇବା ଭଳି କି ଭବିଷ୍ୟତ ଜୀବନରେ ମନେ ରଖିବା ଭଳି ଗୋଟିଏ ଦିନ ବି ମୋ ଜୀବନରେ ଏ ଅବଧି ଆସିଲି ନାହିଁ ।

ଆଉ କିଛି ସମୟ ନିଆଁ ଆଡ଼କୁ ଅନାଇ ଠିଆ ହୋଇ ରହି, ସେ ପୁଣିଗୋଟିଏ ନିଶ୍ୱାସ ତ୍ୟାଗ କରି କହିଲେ—ଚାଲନ୍ତୁ, ବାହାରି ପଡ଼ିବା ।

# ପନ୍ଦର

ତା ପର ଦିନ ସିଡ଼ନି ମଧ୍ୟ ବିଚାର-ସଭାରେ ଉପସ୍ଥିତ ଥିଲେ । କିନ୍ତୁ ସେ ଡ଼ାକ୍ତର ମ୍ୟାନେଜଟ କିମ୍ବା ଲୁସୀ ସହିତ ଭିତରକୁ ଗଲେ ନାହିଁ । ସାଧାରଣ ଦର୍ଶକଙ୍କ ଭିତରେ ଗୋଟିଏ ପାଖରେ ଯାଇ ସେ ବସିଲେ । ସଭା ଲୋକାରଣ୍ୟ ହୋଇଗଲା । ଜନସାଧାରଣଙ୍କ ଭିତରେ ଖବର ଖେଳି ଯାଇଥିଲା ଯେ ଆଜି ବିଚାରରେ କିଛି ଅନନ୍ୟସାଧାରଣ ଘଟଣା ଘଟିବ ।

ବିଚାରପତିମାନେ ନିଜ ନିଜ ଆସନ ଗ୍ରହଣ କରି ଅତି କଷ୍ଟରେ ଗୋଳମାଳ ବନ୍ଦ କରିବାକୁ ସମର୍ଥ ହେଲେ । ତାପରେ ସେମାନେ ପଚାରିଲେ—ଏଭ୍ରାରମଣ୍ଡଙ୍କ ବିରୁଦ୍ଧରେ କେଉଁମାନେ ଅଭିଯୋଗ ଆଣିଛନ୍ତି ?

ସରକାରଙ୍କ ପକ୍ଷରୁ ଜଣେ ଜବାବ ଦେଲା—ତିନି ଜଣ ଅଭିଯୋଗ ଆଣିଛନ୍ତି । ଜଣେ ଡ଼େଫାର୍ଜ, ଦ୍ୱିତୀୟ ଇଣଙ୍କ ତାର ସ୍ତ୍ରୀ, ଆଉ ତୃତୀୟ—

ସମସ୍ତେ ପ୍ରଥମ ଦୁଇଟି ନାମ ଜାଣିଥିଲେ । ତୃତୀୟ ବ୍ୟକ୍ତିଟିର ନାମ କେହି ଜାଣି ନ ଥିଲେ । ତେଣୁ ସମସ୍ତେ ତାହା ଶୁଣିବା ପାଇଁ ଅଧୀର ଆଗ୍ରହରେ ଆଗକୁ ଚାଲି ଆସିଲେ । ସେମାନଙ୍କର ସାଗ୍ରହ କୌତୂହଳ ଭିତରେ ବକ୍ତା ତୃତୀୟ ବ୍ୟକ୍ତିଟିର ନାମ ଉଚ୍ଚାରଣ କଲା—

ତୃତୀୟ ଅଭିଯୋଗକାରୀ ହେଉଛନ୍ତି ଆମର ଶ୍ରଦ୍ଧାସ୍ପଦ ଡାକ୍ତର ଅଲେକଜାଣ୍ଡାର ମ୍ୟାନେଟ୍ ।

ଅଦାଲତ ସାରା ଲୋକମାନଙ୍କର ନୀରବତାପୂର୍ଣ୍ଣ ବିସ୍ମୟ ଭିତରେ ଡାକ୍ତର ମ୍ୟାନେଟ୍ କମ୍ପି କମ୍ପି ଉଠି ଠିଆ ହୋଇ କହିଲେ—ଏ ଏକବାରେ ମିଛ । ଏ ମିଛ, ନାଗରିକ ଜୁରୀ । ମୋ ଝିଅ ମୋ ନିଜ ପ୍ରାଣ ଠାରୁ ବି ପ୍ରିୟ । ତାର ସ୍ୱାମୀ ବିରୁଦ୍ଧରେ ମୁଁ ଅଭିଯୋଗ ଆଣିବି ? ଏହା ଜାଲ୍, ଏ ଅତି ନୀଚ ଷଡ଼ଯନ୍ତ୍ର ।

ବିଚାରପତି କଠିନ ସ୍ୱରରେ କହିଲେ—ଡାକ୍ତର ମ୍ୟାନେଟ୍ ! ଆପଣ ଭୁଲି ଯାଉଛନ୍ତି ଯେ ଫ୍ରାନ୍ସର ଯେଉଁମାନେ ପ୍ରକୃତ ସନ୍ତାନ ସେମାନଙ୍କ ନିକଟରେ ସାଧାରଣତନ୍ତ୍ର ଠାରୁ ଅଧିକ ପ୍ରିୟ ଅନ୍ୟ କିଛି ନ ଥାଏ । ସେହି ସାଧାରଣତନ୍ତ୍ର ପାଇଁ ଆବଶ୍ୟକ ହେଲେ ନିଜର ଅତି ଯାହା କିଛି ପ୍ରିୟ ଜିନିଷ ଅଛି, ସବୁ ଉତ୍ସର୍ଗ କରିବାକୁ ହେବ ।

ଡାକ୍ତର ଅଗତ୍ୟା ବସି ପଡ଼ିଲେ । ସେତେବେଳେ ବି ସେ କୌଣସି ମତେ ବୁଝିପାରୁ ନ ଥିଲେ ଯେ ଏହା କିପରି ସମ୍ଭବ ହେଲା, ଏବଂ ଏମାନେ ବି ଏମିତି କଣ କହୁଛନ୍ତି !

ତାପରେ ବିଚାରପତି ଡେଫାର୍ଜଙ୍କୁ ଡାକିଲେ । ସେ ଆସି କାଠ-ଗଡ଼ାରେ ଛିଡ଼ା ହେବାରୁ, ତାକୁ ପଚାରିଲେ—ତୁମର ସ୍ତ୍ରୀ କାହିଁ ?

ଡେଫାର୍ଜ ତା ସ୍ତ୍ରୀକୁ ଦେଖାଇ କହିଲା—ଏହି ଯେ !

ତହୁଁ ବିଚାରପତି ତାକୁ କହିଲେ—ବାଷ୍ଟିଲର ପତନ ସମୟରେ ତୁମେ ଦୁଇ ଜଣ ଖୁବ ସାହାଯ୍ୟ କରିଥିଲ ନା ?

ଦର୍ଶକମାନେ ଏ ପ୍ରଶ୍ନର ଜବାବ ଦେଲେ । ସମସ୍ତେ ମିଳି ହୋ ହୋ କରି ଡେଫାର୍ଜର ଜୟଧ୍ୱନି କଲେ । ଡେଫାର୍ଜ ?—ସେ ତ ଏକା ସବୁ !

ବ୍ୟାସଟିଲର ପତନ ବିଷୟରେ ସେ ଯାହା ଜାଣେ ତାହା ବର୍ଣ୍ଣନା କରିବାକୁ ବିଗୁରପତିମାନେ ଡେଫାର୍ଗଙ୍କୁ ଆଦେଶ ଦେଲେ ।

ଏହି ଥର ଏକ ଅତି ଅଦ୍ଭୁତ ଘଟନାର ବିବୃତ୍ତି ଆରମ୍ଭ ହେଲା । ସେହି ବିବୃତିଟି ଯେମିତି ବିଚିତ୍ର, ସେମିତି ଭୟଙ୍କର ।

ଡେଫାର୍ଗଙ୍କର ମନ ଭିତରେ ବରାବର ଗୋଟାଏ ସନ୍ଦେହ ଥିଲା ଯେ ବନ୍ଦୀ ବାଷ୍ଟିଲରେ ଏତେ ଦୀର୍ଘ କାଳ ଡାକ୍ତରଙ୍କୁ ବନ୍ଦୀ କରି ରଖିବାର କାରଣ ସେ ନିଶ୍ଚୟ ଜାଣନ୍ତି ଏବଂ ସମ୍ପୂର୍ଣ୍ଣ ଭାବରେ ନିଜର ଜ୍ଞାନ ହରାଇବା ପୂର୍ବରୁ ସେ ନିଶ୍ଚୟ ଏହି କଥା କେଉଁଠି ଲୁଚିଦେଇ କରି ରଖିଛନ୍ତି । ତେଣୁ ଯେତେବେଳେ ବ୍ୟାସଟିଲ୍ ଭଙ୍ଗା ଗଲା, ସେତେବେଳେ ଡେଫାର୍ଗ ନିଜେ ଖୋଜି ଖୋଜି ନର୍ଥ ଟାୱାରର ଶହେ ପାଞ୍ଚ ନମ୍ବର କୋଠରିରେ ଯାଇ ଉପସ୍ଥିତ ହେଲା ଏବଂ କାନ୍ଥରେ ଖଣ୍ଡିଏ ପଥର ଉପରେ ଏ, ଏମ୍, ନାମ ଲେଖାଥିବା ଦେଖି, ସେହି ପଥରଟି ଉଠାଇ ଦେଇ ଡାକ୍ତରଙ୍କର ନିଜ ହାତରେ ଲିଖିତ ଜବାନ-ବନ୍ଦୀଟା ଉଦ୍ଧାର କଲା । ସେହି ଜବାନବନ୍ଦୀଟି ସେ ଜୁରୀମାନଙ୍କ ନିକଟରେ ଏହା ଆଗରୁ ଅର୍ପଣ କରିଛି, ଏବଂ ସେହି ଜବାନବନ୍ଦୀର ହାତଲେଖା ଯେ ଡାକ୍ତର ମ୍ୟାନେଟଙ୍କର, ସେହି ବିଷୟରେ ସତ୍ୟତା ସମ୍ବନ୍ଧରେ ସେ ନିଜେ ଦାୟୀତ୍ୱ ବହନ କରିବାକୁ ପ୍ରସ୍ତୁତ ଅଛି ।

ଡାକ୍ତର ମ୍ୟାନେଟ ଏତେବେଳେ ଯାଏ ବିସ୍ମିତ ଉଦ୍‌ଭ୍ରାନ୍ତ ଦୃଷ୍ଟିରେ ଚୁହିଁ ବସି ରହିଥିଲେ । ଏଥର ସେ ଦୁଇ ହାତରେ ମୁହଁ ଢାଙ୍କି ବସିଲେ । ସେତେବେଳେ ବୃଦ୍ଧଙ୍କର ମନର ଅବସ୍ଥା ଯାହା, ତାହା କହି ବୁଝାଇ ହେବ ନାହିଁ ।

ବିଗୁରପତିଙ୍କ ଆଦେଶ ଅନୁଯାୟୀ ଜଣେ ସେହି ଲେଖା କାଗଜ ଗୁଡ଼ିକ ପଢ଼ି ଯିବାକୁ ଲଗିଲା । ସମସ୍ତ ଜନତା ନିସ୍ତବ୍ଧ ହୋଇ ତାହା

ଶୁଣିବାକୁ ଲାଗିଲେ । ବହୁଦିନ ତଳର ସେହି ମର୍ମନ୍ତୁଦ କାହାଣୀ, ଅମାନୁଷିକ ଅତ୍ୟାଚାରର ସେହି ବୀଭତ୍ସ ବିବରଣୀ ଶୁଣୁ ଶୁଣୁ ସମସ୍ତେ ଯେମିତି କିଛି ସମୟ ପାଇଁ ସ୍ତମ୍ଭୀଭୂତ ହୋଇଗଲେ ।

ଡାକ୍ତର ମ୍ୟାନେଟ୍ କୌଣସି କଥା ବାଦ ଦେଇ ନ ଥିଲେ । କିପରି ଭାବରେ ନଦୀ କୂଳରୁ ଅକସ୍ମାତ ତାଙ୍କୁ ରୋଗୀ ଦେଖିବା ପାଇଁ ନିଆ ହୋଇଥିଲା, ସେଠାରେ ପହଞ୍ଚିବା କ୍ଷଣି ଝିଅଟିର ଉନ୍ମାଦ ଦଶା ଓ ପିଲାଟିର ଆହତ ଅବସ୍ଥାର ଚିକିତ୍ସା କରିବା ପାଇଁ କୁହାଗଲା, ତା ପରେ କିପରି ଭାବରେ ଗୋପନ କରିବାକୁ ଚେଷ୍ଟା ହେବା ସତ୍ତ୍ୱେ ସେ ଏଭ୍ରିରମଣ୍ଡମାନଙ୍କୁ ଚିହ୍ନି ପାରିଲେ, ତା ସଙ୍ଗେ ଆହତ ବାଳକଟିର ମୁହଁରୁ ଘଟଣାର ବିବରଣୀ ଶୁଣି ପାରିଲେ, କିପରି ଭାବରେ ତାଙ୍କର କୋଳରେ ପିଲାଟି ମରିଗଲା ଏବଂ ତାର ଦୁଇ ଦିନ ପରେ ଝିଅଟି ମଧ୍ୟ, କିପରି ଭାବରେ ସେ ସେମାନଙ୍କର ଅର୍ଥ ପ୍ରତ୍ୟାଖ୍ୟାନ କରି ନିଜ ଘରକୁ ବାହୁଡି ଗଲେ, ଏବଂ ବିବେକ ତାଙ୍କୁ କୌଣସି ମତେ ସ୍ଥିର କରିବାକୁ ଦେଲା ନାହିଁ ବୋଲି ସେ ଗୋପନରେ ମନ୍ତ୍ରୀଙ୍କ ନିକଟକୁ ଚିଠି ଲେଖିଲେ । ତା ପରେ ଏଭ୍ରିରମଣ୍ଡଙ୍କ ସ୍ତ୍ରୀ, ଅର୍ଥାତ୍ ଚାର୍ଲସର ମାଆଙ୍କ ସାଙ୍ଗରେ ତାଙ୍କର ଦେଖା ହେବାର ବିବରଣୀ, କିପରି ଭାବରେ ଶେଷ ଅବଧି ତାଙ୍କୁ ଭୁଲାଇ ଘରୁ ବାହାର କରି ନେଇ ଅନନ୍ତ କାଳ ପାଇଁ ତାଙ୍କୁ କାରାରୁଦ୍ଧ କରା ହେଲା—ଏହାର ପ୍ରତ୍ୟେକ କାହାଣୀ ସେ ଜ୍ୱଳନ୍ତ ଓ ମର୍ମସ୍ପର୍ଶୀ ଭାଷାରେ ଲିପିବଦ୍ଧ କରିଛନ୍ତି । ପରିଶେଷରେ ତାଙ୍କର ନିଦାରୁଣ ଶୋଚନୀୟ ଅବସ୍ଥା ବର୍ଣ୍ଣନା କରି ସେ ଏଭ୍ରିରମଣ୍ଡମାନଙ୍କୁ ଅଭିଶାପ ଦେଇଛନ୍ତି । କେବଳ ସେମାନେ ନୁହନ୍ତି, ସେମାନଙ୍କର ଆତ୍ମୀୟ ସ୍ୱଜନ ପରିଜନ, ସେମାନଙ୍କର ବଂଶର ରକ୍ତ ଯେଉଁଠାରେ ଅଛି ଓ ସେମାନଙ୍କର ବଂଶରେ ଯେଉଁମାନେ ଅଛନ୍ତି, ସେମାନଙ୍କୁ ମଧ୍ୟ ସେ ଅଭିଶାପ ଦେଇଛନ୍ତି । ସେମାନେ ଯେମିତି କଦାପି ଶାନ୍ତି ନ

ପାଆନ୍ତି, ସେ ନିଜେ ଯେମିତ କଳଙ୍କମୁକ୍ତ ହୋଇଛନ୍ତି ସେହି କ୍ଷମା ଇହ କାଳରେ ଓ ପର କାଳରେ ଯେମିତ ସେମାନଙ୍କୁ ଘେରି ରହୁ-ଥାଏ, ଏବଂ ମୃତ୍ୟୁ ପରେ ସେମାନଙ୍କର ଆତ୍ମା ଯେମିତ ଈଶ୍ୱରଙ୍କର କ୍ଷମା ଓ ଆଶୀର୍ବାଦରୁ ଚିରକାଳ ପାଇଁ ବଞ୍ଚିତ ହୁଏ ।

ସୁଦ୍ଧାଙ୍କ ଜବାନବନ୍ଦୀ ଶେଷ ହେବା ସଙ୍ଗେ ସଙ୍ଗେ ସେହି ବିକ୍ଷୁବ୍ଧ ଜନତା ଗର୍ଜି ଉଠିଲା । ସେହି ଗର୍ଜନର ଏକମାତ୍ର ଅର୍ଥ ଏବଂ ତାର ଅନ୍ତରରେ ଏକମାତ୍ର ଇଚ୍ଛା ପ୍ରକାଶିତ ହେଲା—ରକ୍ତ ଚାହୁଁ, ରକ୍ତ ନ ହେଲେ ଏ ନିଆଁ ଲିଭିବ ନାହିଁ ।

ସେହି ସୁବିପୁଳ କ୍ରୋଧ ବହ୍ନିରୁ ସେଦିନବେଳେ ଚାର୍ଲ୍‌ସଙ୍କୁ ବଞ୍ଚା-ଇବା ପାଇଁ ଚେଷ୍ଟା କରିବା ବିଡ଼ମ୍ବନା । ଫ୍ରାନ୍‌ସରେ ଏମିତ ଶକ୍ତିମାନ କେହି ନାହାନ୍ତି, ଯେ ଏହି ଗର୍ଜନ ଉପରେ ତାର କଣ୍ଠସ୍ୱର ଉଚ୍ଚାହୁର କରିପାରନ୍ତେ ।

ଅବଶେଷରେ ରାୟ ଦିଆଗଲା—ପ୍ରାଣଦଣ୍ଡ ହେବ, ଏବଂ ତାହା କାଲି ।

# ଷୋହଳ

ଯେଉଁ ବାଳକ ଓ ବାଳକାଟିର ମୃତ୍ୟୁଶଯ୍ୟାରେ ଚିକିତ୍ସା ପାଇଁ ଡାକ୍ତରଙ୍କୁ ଡାକି ନିଆ ଯାଇଥିଲା, ସେମାନଙ୍କର ଆଉ ସାନ ଭଉଣୀଟିଏ ଥିଲା । ଜମିଦାରଙ୍କର ଅତ୍ୟାଚାର କ୍ରମେ ରୁଦ୍ର ମୂର୍ତ୍ତି ଧାରଣ କରୁଛି ଦେଖି, ସେମାନେ ସେହି ଭଉଣୀଟିକୁ ଆଗରୁ ତାଙ୍କ ମାମୁ ଘରେ ରଖି ଦେଇ ଆସିଥିଲେ । ସେହି ଝିଅଟିର ନାମ ଥେରେସି—ସେ ହେଉଛି ଡେଫାର୍ଜର ସ୍ତ୍ରୀ । ତା ବାପ, ଭାଇ, ଭଉଣୀ ଓ ଭିଣୋଇ ଉପରେ ସେହି ନିଦାରୁଣ ଅତ୍ୟାଚାର କଥା ସେ କେବେ ହେଲେ ପାଶୋରି ନାହିଁ । ଏହି ଦୀର୍ଘ କାଳ ଧରି ସେ ସେହି ଅତ୍ୟାଚାରର ପ୍ରତିଶୋଧ ନେବା ପାଇଁ ସାଧନା କରିଛି । ବାସ୍ତିଲ୍ ଯେଉଁ ଦିନ ଧ୍ୱଂସ ହେଲା ସେହି ଗଭୀର ରାତିରେ ସ୍ୱାମୀ, ସ୍ତ୍ରୀ ଦୁହେଁ ବସି ଯେତେବେଳେ ଡାକ୍ତର ମ୍ୟାନେଟଙ୍କର ଚିଠି ପଢିଲେ, ସେତେବେଳେ ଥେରେସ ପୁଣି ଥରେ ନୂତନ ପ୍ରତିଜ୍ଞା କଲା ଯେ ସେ ସେହି ବଂଶର ଏକ ବିନ୍ଦୁ ରକ୍ତ ବି ପୃଥିବୀ ବକ୍ଷରେ ରହିବାକୁ ଦେବ ନାହିଁ ।

ଏହି ଥେରେସ, ଡେଫାର୍ଜ ଭିତରେ ଦୟା, ମାୟା ଓ ମନୁଷ୍ୟତ୍ୱ କିଛି ଆଉ ଅବଶିଷ୍ଟ ନ ଥିଲା । କଠିନ, ନିଷ୍ଠୁର ମନ ଓ ଅଗାଧ ଇଚ୍ଛା-ଶକ୍ତି ଘେନି ସେ ଗୋଟିଏ ମାତ୍ର ଫଳ ପାଇଁ ତପସ୍ୟା ସାଧନା କରୁଥିଲା—ତାହା କେବଳ ପ୍ରତିହିଂସା ପାଇଁ । ତାର କଦାପି ଭୁଲ୍ ହୁଏ ନାହିଁ ଏବଂ ସେ କୌଣସି ମତେ ବିଚଳିତ ହୁଏ ନାହିଁ । ତେଣୁ

ଯେତେବେଳେ ଗୁର୍ଲସର ପ୍ରାଣଦଣ୍ଡ ଆଦେଶ ଦିଆଗଲା, ସେ ଛୁଟି ଠିଆ ହୋଇ ଶତ୍ରୁ ତୀକ୍ଷ୍ଣଧାର ଛୁର ପରି ଏକ ବଜ୍ରସ୍ୱର ହସ ହସି ଅର୍ଦ୍ଧସ୍ଫୁଟ ସ୍ୱରରେ କହିଲା—କି ଡାକ୍ତର, ଏହି ଥର ବଞ୍ଚାଅ ନା !

ହାଜତକୁ ନେଇଯିବା ପୂର୍ବରୁ, ଲୁସୀକୁ ଦୁଇ ମିନିଟ ପାଇଁ ଗୁର୍ଲସ ପାଖକୁ ଯିବାକୁ ଦିଆଗଲା । ଲୁସୀ ତା ବକ୍ଷ ଉପରେ ମଥା ରଖି ଆକୁଳ ଭାବରେ କାନ୍ଦିବାକୁ ଲାଗିଲା ଏବଂ ଗୁର୍ଲସ ତାକୁ ନାନା ଭାବରେ ସାନ୍ତ୍ୱନା ଦେବାକୁ ଲାଗିଲେ । ଡାକ୍ତର ମ୍ୟାନେଟ କ୍ଷମା ପ୍ରାର୍ଥନା କରିବା ପାଇଁ ଗୁର୍ଲସ ପାଖକୁ ଗଲେ । କିନ୍ତୁ ଗୁର୍ଲସ ତତ୍‌କ୍ଷଣାତ ତାଙ୍କ ହାତ ଧରି ପକାଇ ତାଙ୍କୁ ନିଷେଧ କରି କହିଲା—ଆଜ୍ଞା ମୋର ଆପଣଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିବା କଥା । ଏକ୍ଷଣି ବୁଝି ପାରୁଛି ଯେ ଯେତେବେଳେ ଆପଣ ମୋର ପରିଚୟ ସନ୍ଦେହ କରିଥିଲେ ଏବଂ ନିଶ୍ଚିନ୍ତ ଭାବରେ ଜାଣି ପାରିଥିଲେ, ସେତେବେଳେ ଆପଣଙ୍କୁ ନିଜ ମନ ସହିତ କି ପ୍ରଚଣ୍ଡ ଯୁଦ୍ଧ କରିବାକୁ ପଡି ନ ଥିଲା ! ଆମ ମୂର୍ଦ୍ଧଙ୍କୁ ମୁହିଁ ଆପଣଙ୍କୁ କେତେ ଦୂର ସହ୍ୟ କରିବାକୁ ହୋଇ ନ ଥିଲା ! କିନ୍ତୁ ମୋର ନିୟତି ଏହା, ମୋ ପୂର୍ବପୁରୁଷମାନଙ୍କର ପାପର ଅବଶ୍ୟମ୍ଭାବୀ ଫଳ ଏହା । ଆପଣ ତ ସେଥିପାଇଁ ଦାୟୀ ନୁହନ୍ତି ! ଆପଣ ଲୁସୀକୁ ଦେଖିବେ, ଏତିକି ମାତ୍ର ମୋର ଆପଣଙ୍କୁ ଅନୁରୋଧ, ଆଉ ପାରନ୍ତି ତ ମୋତେ କ୍ଷମା କରିବେ, କାରଣ ଆପଣଙ୍କର ଶେଷ ବୟସରେ ମୁହିଁ ଆପଣଙ୍କର ଦୁଃଖର କାରଣ ଥିଲି ।

ସିଡ଼ନି ଗୋଟିଏ ପାଖରେ ଠିଆ ହୋଇ ଏମାନଙ୍କର ଏହି କରୁଣ ବିଦାୟ ଦୃଶ୍ୟ ଦେଖୁଥିଲେ । ଯେତେବେଳେ ସେମାନେ ଗୁର୍ଲସକୁ ଜୋର କରି ଜେଲଖାନାକୁ ନେଇଗଲେ, ସେତେବେଳେ ଲୁସୀକୁ ମୂର୍ଚ୍ଛିତା ହୋଇ ପଡିଯିବା ଦେଖି ସେ ତତ୍‌କ୍ଷଣାତ୍ ଆଗକୁ

ଯାଇ ତାକୁ ଧରି ପକାଇଲେ । ତା ପରେ ତାକୁ ନେଇଯାଇ ଖଣ୍ଡିଏ ଗାଡ଼ି ଭିତରେ ବସାଇ ଦେଇ ମିଷ୍ଟର ଲସ୍ରୀ ଓ ଡାକ୍ତର ମ୍ୟାନେଟ୍‌ଙ୍କୁ ସେଥିରେ ଚଢିବାକୁ କହିଲେ । ନିଜେ କୋଚୁଆନ ପାଖରେ ବସି ସେ ବସାକୁ ଫେରି ଆସିଲେ ।

ଲୁସୀ ସେତେବେଳେ ଅଜ୍ଞାନ ହୋଇ ପଡ଼ି ରହିଥିଲା । ସିଡ଼ନି ତାକୁ କାଖେଇ ଉପରକୁ ନେଇଗଲେ । ମିସ୍ ପ୍ରସ୍ ଓ ଲୁସୀର ଝିଅ ଲୁସୀର ଛାତି ଉପରେ ପଡ଼ି କାନ୍ଦିବାକୁ ଲାଗିଲେ । ଏହି ହୃଦୟସ୍ପର୍ଶୀ ଉଦାରକ ଦୃଶ୍ୟରେ ମିଷ୍ଟର ଲସ୍ରୀଙ୍କର ନୟନ ବି ସଜଳ ହୋଇଗଲା । ସିଡ଼ନି କେବଳ ଅସ୍ଫୁଟ ସ୍ୱରରେ କହିଲେ—ଆହା, ଆଉ, ଯେତେ ଅଜ୍ଞାନ ହୋଇ ରହିବ, ସେତେ ଭଲ ।

ତା ପରେ ଏକ ଦୃଷ୍ଟିରେ ଲୁସୀ ଆଡ଼କୁ ଚାହିଁ ରହି ସେ ଥରେ ନଇଁପଡ଼ି ସସ୍ନେହରେ ତା ମଥା ଉପରେ ଗୋଟିଏ ଚୁମ୍ବନ ଦେଲେ । ତା ପରେ ଅତି ମୃଦୁ ସ୍ୱରରେ ସେ ଥରେ ତା କାନ କଡ଼ରେ କହିଲେ—ଯାହାକୁ ତୁ ଭଲ ପାଉ, ତାକୁ ମୁଁ ତୋତେ ଫେରାଇ ଆଣି ଦେବି ।

ଡାକ୍ତର ମ୍ୟାନେଟ୍ ଗୋଟିଏ ପାଖରେ ନୀରବରେ ମୁହଁ ତଳକୁ କରି ଠିଆ ହୋଇଥିଲେ । ସିଡ଼ନି ତାଙ୍କ ପାଖକୁ ଆସି କହିଲେ—ଡାକ୍ତର ମ୍ୟାନେଟ୍, କାଲି ଯାଏ ଏଠାରେ ଆପଣଙ୍କର ଯଥେଷ୍ଟ ପ୍ରଭାବ ଥିଲା । ଆଜି ବି ବୋଧହୁଏ ତାହା ଏକବାରେ ନଷ୍ଟ ହୋଇ ଯାଇ ନାହିଁ । ଥରେ ମାତ୍ର ଚେଷ୍ଟା କରି ଦେଖନ୍ତୁ ନା, ଯଦି କିଛି ହୋଇପାରେ ।

ଡାକ୍ତର ଭଗ୍ନ କଣ୍ଠରେ କହିଲେ—କାଲି ଯାଏ ସେମାନେ ମୋତେ ଏହିସବୁ କଥା କହୁ ନାହାନ୍ତି । ସେମାନେ କହୁଥିଲେ ଯେ ଚାର୍ଲସର ଆଉ କୌଣସି ଭୟ ନାହିଁ । ମୁଁ ଆଉ କଣ କରିବି ?

ଆଉ ଥରେ ଶେଷ ଚେଷ୍ଟା କରିବେ ନାହିଁ ?

ଡ଼ାକ୍ତର ମ୍ୟାନେଟ ମଥା ହଲାଇ କହିଲେ—ମୁଁ ଏକ୍ଷଣି ଥରେ ଯିବି । ଯେଉଁମାନେ ଏହାର ମୂଳ, ସେହିମାନଙ୍କ ନିକଟକୁ ଯିବି । ଦେଖେଁ, ଯଦି କିଛି କରାଯାଇ ପାରେ ।

ଡାକ୍ତର ବାହାର ଯିବା ପରେ ମିଷ୍ଟର ଲରୀ ବର୍ଷଣ୍ଟ୍ରେ ମୁଖରେ ପଚାରିଲେ—ଆପଣ କଣ ମନେ କରନ୍ତି ଯେ କୌଣସି ଆଶା ଅଛି ? ମୋର ତ ତାହା ମନେ ହୁଏ ନାହିଁ !

ସିଡ଼ନି କହିଲେ—ମୋର ବି ତ ମନେ ହୁଏ ନାହିଁ । ତଥାପି ଚେଷ୍ଟା କରି ଦେଖିବାରେ ଦୋଷ କଣ ? ତା ଛଡ଼ା, ଏହା ପରେ ଲୁସୀ ଆଉ କହି ପାରିବ ନାହିଁ ଯେ ତା ସ୍ୱାମୀର ପ୍ରାଣରକ୍ଷା ପାଇଁ କେହି ଚେଷ୍ଟା ସୁଦ୍ଧା କଲେ ନାହିଁ ।

ହଁ, ତାହା ସତ !

# ସତର

ହେନ୍ସ ବେଳ ଯାଏ ସ୍ୱାଧାଟରେ ବୁଲି ବୁଲି ସନ୍ଧ୍ୟା ହୋଇ ଯିବାରୁ ସିଡ଼ନି ମଦ ଖାଇବା ଛଳନାରେ ଡେଫାର୍ଜର ଦୋକାନରେ ପ୍ରବେଶ କଲେ । ତାଙ୍କ ଚେହେରା ସହିତ ଗ୍ରେଲ୍‌ସର ଯେ ସାଦୃଶ୍ୟ ଅଛି, ଏହା ଦେଖାଇ ଦେବାହିଁ ତାଙ୍କର ପ୍ରଧାନ ଉଦ୍ଦେଶ୍ୟ ଥିଲା । କିନ୍ତୁ ଦୈବ ଯୋଗୁ ସେଠାରେ ପ୍ରବେଶ କରିବା ଦ୍ୱାରା ଆଉ ଗୋଟିଏ ବଡ଼ ଧରଣର କାମ ହେଲା । ସାଦୃଶ୍ୟ ଦେଖାଇବାର କାରଣ ଏହା ଯେ ପରେ ପ୍ରୟୋଜନ ହେଲେ ଯେମିତି ଲୋକମାନେ ଗ୍ରେଲ୍‌ସକୁ ସିଡ଼ନି ବୋଲି ମନେ କରନ୍ତି ।

ଯେଉଁ କେତେ ହେଲା ସିଡନି ପ୍ୟାରିସରେ ଅଛନ୍ତି, ଦିନେ ହେଲେ ବି ସେ ମଦ ଛୁଇଁ ନାହାଁନ୍ତି । ଆଜି ବି ସେ ଦୋକାନରେ ପ୍ରବେଶ କରି ନାମକୁ ମାତ୍ର ଟିକିଏ ମଦ ଗ୍ରହିଲେ । ସେ ଯେଉଁତବେଳେ ପ୍ରବେଶ କଲେ ସେତେବେଳେ ଡେଫାର୍ଜ, ତାର ସ୍ତ୍ରୀ ଥେରେସି ଭେନ୍‌ଜେନ୍‌ସ ଓ ଆଉ ଦୁଇ ଜଣ ଲୋକ ବସି କ'ଣ ସବୁ ପରାମର୍ଶ କରୁଥିଲେ । ଏମାନଙ୍କ ଛଡ଼ା ଦୋକାନରେ ଆଉ ବିଶେଷ କେହି ନ ଥିଲେ । ଥେରେସି ତାଙ୍କୁ ଦେଖି ପ୍ରଥମେ ଚମକି ପଡ଼ିଲା, ଏବଂ ନିଜେ ପାଖକୁ ଆସି ମଦ ଦେବାର ଛଳନା କରି ଆଳାପ ଆରମ୍ଭ କରିଦେଲା ।

କିନ୍ତୁ ସିଡ଼ନି ସେମିତ ଇଂରେଜୀମିଶା ଭାଷା କହିବାକୁ ଲାଗିଲେ ଯେ ଅଳ୍ପ କଥା କହିବା ପରେ ଥେରେସି ବୁଝି ପାରିଲା ଯେ ଲୋକଟି ଏକ-ଦମରେ ଇଂରେଜୀ । ତହୁଁ ସେ ନିଶ୍ଚିନ୍ତ ହୋଇ ଫେରିଯାଇ ପୁଣି ସେମାନଙ୍କର ଆଲୋଚନା ଆରମ୍ଭ କଲା ।

ଲୁସୀ ଓ ତା ପିଲାମାନଙ୍କ ବିଷୟରେ କଥାବାର୍ତ୍ତା ଚାଲିଥିଲା । ଥେରେସିର ଇଚ୍ଛା, ଗୁର୍ଲିସର ମୃତ୍ୟୁ ହୋଇଯିବା ମାତ୍ରେ ସେ କୋର୍ଟରେ ଲୁସୀ ନାମରେ ମିଥ୍ୟା ଅଭିଯୋଗ ଆଣିବ । ତା ଅପରାଧ ହେଉଛି, ସେ ଗୁର୍ଲିସଙ୍କୁ ନେଇ ପଳାଇ ଯିବା ପାଇଁ ଷଡ଼ଯନ୍ତ୍ର କରୁଥିଲା । ତାର ମିଥ୍ୟା ସାକ୍ଷୀ ବି ସେ ଯୋଗାଡ଼ କରିଛି । କିନ୍ତୁ ଡେଫାର୍ଜ ଏଥିରେ ବାଧା ଦେଉଥିଲା । ଡାକ୍ତର ମ୍ୟାନେଟଙ୍କ ବିଷୟ ବିବେଚନା କରିବା ପାଇଁ ସେ ତାକୁ ବାରମ୍ବାର ଅନୁରୋଧ କରୁଥିଲା । ବୁଢ଼ା ବହୁତ ଦୁଃଖ ପାଇଛନ୍ତି । ପୁଣି ତାଙ୍କୁ ଏତେ ବଡ଼ ଆଘାତ ଦେବା କଣ ଉଚିତ ?

ଥେରେସି ଅସହିଷ୍ଣୁ ଭାବରେ କହିଲା—ଡାକ୍ତରଙ୍କୁ ବାଦ ଦେବାକୁ ଚାହଁ ତ ଦିଅ । ସେ ବୁଢା ମଲା କି ବଞ୍ଚିଲା, ସେଥିରେ ମୁଁ ମଥା ଖେଳାଇବାକୁ ଚାହେଁ ନାହିଁ । କିନ୍ତୁ ତା ଝିଅ ଓ ନାତି-ନାତୁଣୀ ଯେ ଏଭ୍ରେମଣ୍ଡର ସ୍ତ୍ରୀ ଓ ପୁଅ ଝିଅ, ଏହା ମୁଁ ଆଦୌ ଭୁଲି ପାରିବି ନାହିଁ । ସେହି ବଂଶର ବିନ୍ଦୁଏ ରକ୍ତ ବି ଯେଉଁଠାରେ ଅଛି, ତାହାକୁ ଉଚ୍ଛେଦ କରିବି !

ସିଡ଼ନି ଅତି ଅନ୍ୟମନସ୍କ ଭାବରେ ମଦ ଖାଇବାର ଛଳନା କରି ସବୁ କଥା ଶୁଣୁଥିଲେ । ସେ ଯେତେବେଳେ ଦେଖିଲେ ଯେ ସେଠାରେ ଯେଉଁମାନେ ଉପସ୍ଥିତ ଅଛନ୍ତି ସମସ୍ତେ ଥେରେସି ସହିତ ଏକମତ, ସେତେବେଳେ ଆଉ ଅଧିକ ବିଳମ୍ବ ନ କରି ସେ ଦାମ ଦେଇସାରି ବାହାରି ଆସିଲେ । ଏମାନଙ୍କର ପଳାଇବାର ବ୍ୟବସ୍ଥା କରିବାକୁ ହେବ, ଏବଂ ତାହା କାଲି । ଆଉ ବିଳମ୍ବ କଲେ ଚଳିବ ନାହିଁ ।

ଡ଼ାକ୍ତର ମ୍ୟାନେଟଙ୍କ ଘରକୁ ଫେରି ଆସି ସିଡ଼ନି ଦେଖିଲେ ଯେ ସେଠାରେ ଇତି ମଧ୍ୟରେ ଆଉ ଗୋଟିଏ ଶୋଚନୀୟ କାଣ୍ଡ ଘଟିଛି । ସମ୍ପୂର୍ଣ୍ଣ ଉନ୍ମତ୍ତ ଅବସ୍ଥାରେ ଡ଼ାକ୍ତର ଘରକୁ ଫେରି ଆସିଛନ୍ତି । ପୂର୍ବର ସେହି ଅସହାୟ ଦୃଷ୍ଟି, ସେହି ଦୁର୍ବଳ ଦେହ ଏବଂ ଏକବାରେ ସେହି ଉନ୍ମାଦ ଅବସ୍ଥା । ସେ ଅନବରତ କେବଳ ଜୋତାର ହାତ-ହତିଆର ସବୁ ଖୋଜି ବୁଲୁଛନ୍ତି, ଆଉ କହୁଛନ୍ତି—ମୋର ଯନ୍ତ୍ରପାତି, ମୋ ଯନ୍ତ୍ରପାତିସବୁ ଦିଅ ନା ! ଯନ୍ତ୍ରପାତି ନ ପାଇଲେ କାମ କେମିତି କରିବି ? କାଲି ଭିତରେ ଜୋତା ଯୋଡ଼ାକ ଶେଷ କରି ଦେବାକୁ ହେବ ଯେ !

ଜାମାଟି ସେ ଦେହରୁ କାଢି ଛଡ଼ାଇ ଗୋଟାଏ କୋଣରେ ଫିଙ୍ଗି ଦେଇଥିଲେ । ସେଟା ଉଠାଇବାକୁ ଯାଇ ସିଡ଼ନି ଗୋଟାଏ ଜିନିଷ ତା ଭିତରୁ ପାଇଲେ । ସେଟା ଆଉ କିଛି ନୁହେଁ—ଡ଼ାକ୍ତର ମ୍ୟାନେଟ, ଲୁସୀ ଓ ତା ଝିଅର ଲଣ୍ଡନକୁ ଫେରିଯିବା ପାଇଁ ଛାଡ଼ପତ୍ର । ସେଥିରେ ଧନକ ଆଗର ମୋହର ବସିଛି । କେତେବେଳେ ଯେ କଣ ଭାବି ସେ ତାହା ଲେଖାଇ ନେଇଥିଲେ, ଡ଼ାକ୍ତର ମ୍ୟାନେଟହିଁ ତାହା ଜାଣିଥିଲେ । କିନ୍ତୁ ସିଡ଼ନିଙ୍କ ନିକଟରେ ତାହା ଦୈବ ପ୍ରେରଣା ବୋଲି ମନେ ହେଲା ।

ସେ ସଂକ୍ଷେପରେ ମିଷ୍ଟର ଲରିଙ୍କ ଆଗରେ ଡେଫାର୍ଜର କାର୍ଯ୍ୟ-କଳାପ ବର୍ଣ୍ଣନା କରି କହିଲେ—ଆଉ ବିଳମ୍ବ କରିବା ପାଇଁ ସମୟ ନାହିଁ । ସେମାନଙ୍କ କଥାବାର୍ତ୍ତାରୁ ଅବଶ୍ୟ ଯାହା ମନେ ହେଲା, ଚାର୍ଲସର ପ୍ରାଣଦଣ୍ଡ ପୂର୍ବରୁ ସେମାନେ କିଛି କରିବେ ନାହିଁ । କିନ୍ତୁ ସେ ମତଲବ ଓଲଟି ଯିବାକୁ ବା କେତେ ସମୟ ? ଆପଣ ପରା କହୁଥିଲେ ଯେ ଆପଣଙ୍କର ଏଠାରେ କାମ ଶେଷ ହୋଇ ଯାଇଛି ?

ମିଷ୍ଟର ଲରି ମଥା ହଲାଇ କହିଲେ—ହଁ, ମୋର ଛୁଟିପତ୍ ନେବା ବି ଶେଷ ହୋଇ ଯା[illegible] ।

ତାହାହେଲେ ଆଉ ଭଲେ ମାନ ବିଳମ୍ବ କରନ୍ତୁ ନାହିଁ । କାଲି ଦ୍ୱିପହରରେ ଯେମିତି ଚାଲିଯାଇ ପାରନ୍ତି, ସେହି ବ୍ୟବସ୍ଥା କରି ରଖନ୍ତୁ । ଘୋଡ଼ା ଗାଡ଼ିରେ ଆପଣମାନେ ବସିଥିବେ, ଠିକ୍ ଦ୍ୱିପହରରେ ମୁଁ ଆସିବି । ମୁଁ ଆସି ପହଞ୍ଚିବା ମାତ୍ରେ ଗାଡି ଛାଡିଦେବ, ଯେମିତି ଟିକିଏ ହେଲେ ବିଳମ୍ବ ନ ହୁଏ ।

ମିଷ୍ଟର ଲରି କହିଲେ—ହଉ, ତାହାହିଁ ହେବ । ଆପଣ ନ ଆସିବା ଯାଏ ଆମ୍ଭେମାନେ ଅପେକ୍ଷା କରିଥିବୁ ତ ?

ହଁ, କିନ୍ତୁ ଖୁବ୍ ସାବଧାନ । ମୁଁ ଆସିଲେ ଯେମିତି ଆଉ ଭଲେ ମାନ ବିଳମ୍ବ ନ ହୁଏ, କୌଣସି କାରଣ ହେତୁ ମଧ୍ୟ । ସେତେବେଳେ ଅପେକ୍ଷା କରିବା ପାଇଁ ଯେତେ ବଡ଼ କାରଣ ଥାଉ ପଛକେ, କୌଣସି ମତେ ତାହା କରିବେ ନାହିଁ । କାରଣ ଜଣକ ପାଇଁ ସମସ୍ତେ ମାରି ଯିବେ । ହୁଏତ ସେ ଜଣକୁ ବି ବଞ୍ଚାଇ ପାରିବ ନାହିଁ । ଯଦି ଲୁସୀ ଆପତ୍ତି କରେ ତ ତାକୁ କହିବେ ଯେ ଏହାହିଁ ତା ସ୍ୱାମୀର ଇଚ୍ଛା, ଏକାନ୍ତ ଅନୁରୋଧ । ତାହାହେଲେ ସେ ରାଜି ହୋଇଯିବ । ଆଉ ମ୍ୟାନେଟ ତ ବର୍ତ୍ତମାନ ଉନ୍ମାଦ । ଲୁସୀ ତାକୁ ଯାହା କରିବାକୁ କହିବ, ସେ ବୋଧହୁଏ ତାହା କରିବେ ।

ମିଷ୍ଟର ଲରି ମଥା ହଲାଇ ଖାଲି ଜଣାଇଲେ ଯେ ତାହାହିଁ ହେବ । ସିଡ଼ନିଙ୍କର ଏତେ କର୍ମ-ତତ୍ପରତା ସେ କେବେ ଦେଖି ନ ଥିଲେ । ଆଜି ଏହା ଦେଖି ସେ ଟିକିଏ ଆଶ୍ଚର୍ଯ୍ୟ ହୋଇଗଲେ । କ୍ରମେ କ୍ରମେ ସିଡ଼ନିଙ୍କ ଉପରେ ତାଙ୍କର ବିଶ୍ୱାସ ମଧ୍ୟ ବଢୁଥିଲା ।

ସିଡନୀ ପୁଣି କହିଲେ—ଆପଣଙ୍କ କର୍ମ-ଦକ୍ଷତା ଉପରେ ମୋର ଆସ୍ଥା ଅଛି । ମୁଁ ନିଶ୍ଚିନ୍ତ ରହିଥିବି । [illegible] ଆପଣ ମୋ କଥା ନିଶ୍ଚୟ ମନେ ରଖିବେ । କୌଣସି କାରଣ ହେତୁ ଆପଣମାନଙ୍କର ଯାତ୍ରା ଯେମିତି ବନ୍ଦ ନ ହୁଏ !

ମିଷ୍ଟର ଲଙ୍ଗ କହିଲେ—ଆପଣଙ୍କ କଥା ମୋର ମନେ ରହିବ । ଆପଣ ଯାହା କହିଲେ, ତାର କୌଣସିଟା ଯେମିତି ଅନ୍ୟଥା ନ ହୁଏ, ତାର ମୁଁ ଯଥାର୍ଥ ବ୍ୟବସ୍ଥା କରିବି ।

ତହୁଁ ସିଡ଼ନୀ ଛାଡ଼ପତ୍ର ଖଣ୍ଡିକ ବାହାର କରି ମିଷ୍ଟର ଲଙ୍ଗଙ୍କ ହାତରେ ଦେଇ କହିଲେ ଏଇଟା ଆପଣ ନିଜ ପାଖରେ ରଖି ଥାଆନ୍ତୁ । ମିଷ୍ଟର ଲଙ୍ଗ ବିସ୍ମିତ ହୋଇ ପଚାରିଲେ—କାହିଁକି ? ଆପଣ ଆସିବେ ପରା !

ସିଡନୀ କହିଲେ—କିଏ ଜାଣେ, ଏଖଣି ଅନେକ ସ୍ଥାନରେ ବୁଲିବାକୁ ହେବ, ଏଇଟା ହଜିଗଲେ ବଡ ଅଡୁଆରେ ପଡ଼ିବାକୁ ହେବ । ଆପଣ ନିଜ ପାଖରେ ତାହା ରଖିଥାନ୍ତୁ ।

ଛାଡ଼ପତ୍ର ଖଣ୍ଡିକ ତାଙ୍କ ହାତରେ ଦେଇ ସିଡ଼ନୀ ଟୋପିଟା ଧରି ରାସ୍ତା ଉପରକୁ ଚାଲିଗଲେ । ନୀରବରେ କେତେ ମୁହୂର୍ତ୍ତ ସେହି ଭୋଠା ଆଡ଼କୁ ଚାହିଁ ରହି ଥରେ ତାଙ୍କୁ ତାଙ୍କର ଶେଷ ଆଶୀର୍ବାଦ ଜଣାଇ, ସେ ନିଜ କାମରେ ଚାଲିଗଲେ ।

# ଅଠର

ଆଗ ଦିନ ଚାର୍ଲ୍ସ ତିନି ଖଣ୍ଡି ଚିଠି ଲୁସୀ, ଡାକ୍ତର ମ୍ୟାନେଟ ଓ ମିଷ୍ଟର ଲରୀଙ୍କ ପାଖକୁ ଲେଖି ରଖିଥିଲା । ତେଣୁ ତା ତାର ଦିନ ସକାଳୁ କେବଳ ମୃତ୍ୟୁର ପ୍ରତୀକ୍ଷା କରିବା ଛଡ଼ା ତାର ଆଉ କୌଣସି କାମ ନ ଥିଲା ।

ସେହି ଦିନ ତିନିଟା ବେଳକୁ ଗିଲୋଟିନର ସମୟ ନିର୍ଦ୍ଦିଷ୍ଟ ହୋଇଥିଲା । ସେହି ନିର୍ଦ୍ଧାରିତ ସମୟ ଆଉ ଦେଢ଼ ଘଣ୍ଟା ବାକି ଅଛି, ଚାର୍ଲ୍ସ ତା କାରାକକ୍ଷର ବାହାରେ କାହାର ପଦ-ଧ୍ୱନି ଶୁଣିବାକୁ ପାଇଲା । ଟିକିଏ ପରେ ଦୁଆର ଖୋଲିଗଲା ଏବଂ ସିଡ଼ନି କାର୍ଟନ ଭିତରେ ପ୍ରବେଶ କଲେ । ପ୍ରବେଶ କରିବା ସଙ୍ଗେ ସଙ୍ଗେ କାରାଗାରର ଦୁଆର ପୁଣି ସଶବ୍ଦରେ ବନ୍ଦ ହୋଇଗଲା ।

ଚାର୍ଲ୍ସର ବିସ୍ମୟ ଲକ୍ଷ୍ୟ କରିପାରି ସିଡ଼ନି ଟିକିଏ ହସି ତାକୁ କହିଲେ—ମୋତେ ଦେଖିବା ଆଶା ଆଦୌ କରି ନ ଥିଲ ନା ?

ଚାର୍ଲ୍ସ ଜବାବ ଦେଲା—ନା । କିନ୍ତୁ ତୁମେ ଧରା ପଡ଼ି ନାହିଁ ତ ?

ସିଡ଼ନି କହିଲେ—ନା, ମୁଁ ଧରା ପଡ଼ି ନାହିଁ । ଏଠାର ଜଣେ ପ୍ରହରୀ ସହିତ ମୋର ବିଶେଷ ଭାବ ଅଛି । ସେ ମୋତେ ଏହା ଭିତରକୁ ନେଇ ଆସିଛି । ମୁଁ ଲୁସୀ ଠାରୁ ଗୋଟିଏ ଶେଷ ଅନୁରୋଧ ଘେନି ଏଠାକୁ ଆଜି ଆସିଛି ।

ଲୁସୀର ନାମ ଶୁଣିବା ମାତ୍ରେ ଡ୍ରାର୍ଲସର ମୁଖ ମଣ୍ଡଳରେ ବେଦନାର ଛାୟା ପଡ଼ିଗଲା । ସେ ବ୍ୟସ୍ତ ହୋଇ ପଚାରିଲା—କି ଅନୁରୋଧ ?

ସିଡ଼ନି ପାଖକୁ ଆସି ନିଜ କୋଟଟା ଖୋଲି ଖୋଲି କହିଲେ, କେବଳ ଅନୁରୋଧ ନୁହେଁ, ମିନତି ମଧ୍ୟ । ତୁମକୁ ଏହା ରକ୍ଷିବାକୁ ହେବ, ନା ହେଲେ ସେ ମର୍ମାନ୍ତିକ ଦୁଃଖ ଲାଭ କରିବ । ତୁମେ ମୋର ଏହି କୋଟ ଓ ପୋଷାକ ପିନ୍ଧ, ଏବଂ ମୋତେ ତୁମର କୋଟ ଓ ପୋଷାକ ଦିଅ ।

ଡ୍ରାର୍ଲସ କହିଲା—ତୁମେ କଣ ପାଗଳ ହେଲ ! ନା, ନା, ସେମିତି ପାଗଳାମି କର ନାହିଁ, ସିଡନି । ଏଠାରୁ ପଳାୟନ ଅସମ୍ଭବ, ମୁଁ ତ ପଳାଇ ପାରିବ ନାହିଁ, ବରଂ ମଝିରେ ତୁମେ ଖାଲି ମାରି ପଡ଼ିବ ।

ସିଡ଼ନି ଜୋର କରି ଡ୍ରାର୍ଲସକୁ ଗୋଟାଏ ଚୌକି ଉପରେ ବସାଇ ଦେଇ ତାର ଗୋଡ଼ରୁ ଜୋତା ଖୋଲି ଖୋଲି କହିଲେ—କିଏ ତୁମକୁ ପଳାଇବା କଥା କହୁଛି ? ଯେତେବେଳେ ମୁଁ ତୁମକୁ ପଳାଇବା କଥା କହିବି, ସେତେବେଳେ ତୁମେ ମୋତେ ପାଗଳ ବୋଲି କହିବ । ଏଥିଣି ମୁଁ ଯାହା କହୁଛି, ତାହା କର ।

ସିଡ଼ନିଙ୍କର ସବଳ ଆକର୍ଷଣ ଓ କଥା କହିବାର ବଳିଷ୍ଠ ଭଙ୍ଗୀରେ ଡ୍ରାର୍ଲସ ଯେମିତି ହଠାତ୍ ଅସହାୟ ହୋଇ ପଡ଼ିଲା । କଳର

କ୍ରୁଣ୍ଟେଲ ଭଳି ସେ ତାଙ୍କ କଥା ଅନୁଯାୟୀ ତାର ପୋଷାକ ଓ ଢୋଙ୍ଗ ବଦଳାଇ ପକାଇଲା ।

ତାପରେ ସିଡ଼ନି ତାଙ୍କୁ ପଚାରିଲେ—ଖଣ୍ଡିଏ ଚିଠି ଲେଖି ପାରିବ ? ଲେଖିଲ ଦେଖି ।

ଗ୍ରୁର୍ଲସ ତାଙ୍କ ନିର୍ଦ୍ଦେଶ ଅନୁସାରେ କଲମ ଉଠାଇ ନେଲା । ଘଟଣା କଣ ସେ ଆଦୌ ବୁଝି ପାରୁ ନ ଥିଲା । ସେ କେବଳ ଏତିକି ମାତ୍ର ବୁଝିଥିଲା ଯେ ଆଜି କୌଣସି ମତେ ଏହି ଲୋକଟିର ଆଦେଶ ଅବହେଳା କରି ହେବ ନାହିଁ । ଏହି ମାତାଲ ଓ ଅକର୍ମଣ୍ୟ ଲୋକଟି କେଉଁଠୁ ସହସା ଏମିତି କେଉଁ ଦୈବ ଶକ୍ତି ଲାଭ କରିଛି, ଯଦ୍ଦ୍ୱାରା ତାର ଗୋଟିଏ କଥା ବି ଅମାନ୍ୟ କରି ହେଉ ନାହିଁ ।

ଗ୍ରୁର୍ଲସ କହିଲା—କଣ ଲେଖିବି, କୁହନ୍ତୁ । କିନ୍ତୁ ତୁମ ହାତରେ ସେଇଟା କଣ ? କି ଅସ୍ତ୍ର ତାହା ?

ସିଡନି ଜବାବ ଦେଲା—ସେଇଟା କିଛି ନୁହେଁ । ଲେଖ—"ବହୁ ଦିନ ତଳେ, ତୁମକୁ ଯେଉଁ କଥା କହିଥିଲି, ଆଶା କରେ ତୁମେ ତାହା ଭୁଲି ଯାଇ ନାହଁ ।"

ଗ୍ରୁର୍ଲସ ବିସ୍ମିତ ହୋଇ ପଚାରିଲା—କାହାକୁ ସମ୍ବୋଧନ କରିବି ?

କାହାରିକୁ ନୁହେଁ । ଲେଖ—"ସେହି ଯେଉଁ କଥା ସେ ଦିନ ମୋ ଅନ୍ତର ଭିତରେ ଥିଲା, ତାହା ଆଜି ଏତେ ଦିନ ପରେ ପ୍ରମାଣ କରି ଦେଇ ପାରିଲି । ସେଥିପାଇଁ ମୁଁ ନିଜକୁ କୃତାର୍ଥ ମନେ କରୁଛି ।"

ଲେଖୁ ଲେଖୁ ଗ୍ରୁର୍ଲସ ମଥା ଟେକି କହିଲା—କିନ୍ତୁ କଣ ଗୋଟାଏ ବଦର୍ଘା ଗନ୍ଧ ବାହାରୁଛି, ଠିକ ମଦ ଭଳି କୌଣସି ଜିନିଷର ।

ସେ କିଛି ନୁହେଁ । ତୁମେ ଲେଖି ଯାଅ ଆଉ ସମୟ ନାହିଁ । ଲେଖ—"ଏବଂ ସେହି ପ୍ରମାଣ ଦେବାକୁ ଆଜି ମୁଁ ଭଲେ ମାତ୍ର ବେଦନା କି କଷ୍ଟ ବୋଧ କରୁ ନାହିଁ । ଅଜ ମୁଁ ପ୍ରକୃତରେ ସୁଖୀ ।"

ହାତ ଭିତରେ ଥିବା ରୁମାଲ ଖଣ୍ଡିକ ସେ ଗ୍ରୁଲ୍‌ସର ନାକ ପାଖରେ ଧରିବା ମାତ୍ରେ ସେ କୁଦି ଉଠିଲା । କିନ୍ତୁ ସେ ଗୋଟିଏ ହାତରେ ତାକୁ ଧରି ପକାଇ, ଆର ହାତରେ ରୁମାଲ ଖଣ୍ଡିକ ଜୋର କରି ତା ନାକ ଉପରେ ଚୁପି ଧରିଲେ । କେତୋଟି ମୁହୂର୍ତ୍ତ ଭିତରେ ଗ୍ରୁଲ୍‌ସ ମୂର୍ଚ୍ଛିତ ହୋଇ ତଳେ ପଡ଼ିଗଲା ।

ସିଡ଼ନି ସେତେବେଳେ ଦ୍ରୁତ ହସ୍ତରେ ଆଉ ଯାହା ପୋଷାକ ବଦଳାଇବାକୁ ବାକି ଥିଲା, ତାହା ବଦଳାଇ ପକାଇଲେ ଏବଂ ତା ପରେ ନିଜ ମଥାର ବାଳଗୁଡ଼ିକ ଗ୍ରୁଲ୍‌ସର ବାଳ ପରି କୁଣ୍ଡାଇ ପକାଇ ଗ୍ରୁଲ୍‌ସର ବାଳଗୁଡ଼ିକ ନିଜ ବାଳ ପରି କରିଦେଲେ । ସବୁ ଠିକ କରି ସେ ଦୁଆର ମୁହକୁ ଯାଇ ମୃଦୁ ସ୍ୱରରେ ଡ଼ାକିଲେ—ଠିକ ହୋଇଗଲା, ଏବେ ଆସ ।

ଦୁଆର ଖୋଲି 'ବାର୍ସାଦ କୋଠରୀରେ ପ୍ରବେଶ କଲା । ଗ୍ରୁଲ୍‌ସ ଆଡ଼କୁ ଅଙ୍ଗୁଳି ଦେଖାଇ ସିଡ଼ନି ତାକୁ ପଚାରିଲେ—କଣ, ଚଳାଇ ପାରିବ ନାହିଁ ?

ବାର୍ସାଦ କହିଲା—ଜେଲ ମାଳ ଭିତରେ ତାକୁ ବାହାର କରିଦେବା କଠିନ ହେବ ନାହିଁ । କିନ୍ତୁ ଆପଣ ନିଜ ପ୍ରତିଜ୍ଞା ଭୁଲି-ଯିବେ ନାହିଁ ତ ?

ସିଡ଼ନି ଦୃଢ଼ ସ୍ୱରରେ କହିଲେ—ମୃତ୍ୟୁ ପର୍ଯ୍ୟନ୍ତ ମୁଁ ମୋ କଥା ଅକ୍ଷରେ ଅକ୍ଷରେ ଠିକ୍ ପାଳନ କରିବି । ତାପରେ ମୃତ୍ୟୁ ପରେ ତୁମର ଆଉ ଭୟର କାରଣ କଣ ଥାଇପାରେ ?

ବାର୍ସାଦ ପଚାରିଲା—ତାହାହେଲେ ମୁଁ ଲୋକ ଡ଼ାକୁଛି ?

ସିଡନି କହିଲେ—ହଁ, ଡାକ । ସବୁ କଥା ତୁମର ଠିକ୍ ମନେ ଅଛି ତ ? ସିଡ଼ନି ଯେତେବେଳେ ତାଙ୍କ ବନ୍ଧୁଙ୍କୁ ଦେଖିବାକୁ ଆସନ୍ତି, ସେତେବେଳେ ତାଙ୍କର ଅବସ୍ଥା ଖୁବ୍ ଖରାପ ଥିଲା । ତାପରେ ବଧାନ୍ଧୁର ଧକ୍କା ସେ ଆଉ ସମ୍ଭାଳି ପାରିଲେ ନାହିଁ । ସେ ଅଜ୍ଞାନ ହୋଇ ଯାଇଛନ୍ତି । ବୁଝିଲି ତ ?. ତୁମେ ନିଜେ-ତାଙ୍କୁ ବାହାର କରିନେଇ ଯାଇ ମିଷ୍ଟର ଲରୀଙ୍କ ପାଖରେ ପହଞ୍ଚାଇ ଦେବ ଏବଂ ତାଙ୍କୁ ତାଙ୍କ ପ୍ରତିଜ୍ଞା ବିଷୟ ସ୍ମରଣ କରାଇ ଦେଇ ସେହି ମୁହୂର୍ତ୍ତରେ ତାଙ୍କୁ ଯାତ୍ରା କରିବାକୁ କହିଦେବ । ବୁଝିଲତ ସବୁ ?

ବାର୍ସାଦ କହିଲା—ସେ ସବୁ ଠିକ୍ ହେବ । କିନ୍ତୁ ଆପଣ ଯେମିତି ଧରା ପକାଇ ନ ଦିଅନ୍ତୁ ।

ସିଡନି ଅସନ୍ତୁଷ୍ଟ ଭାବରେ କହିଲେ—ଏବେ ବି ତୁମର ଭୟ ଦୂର ହେଲା ନାହିଁ ? ମୋତେ ଦେଖିଲେ କଣ ତୁମର ସେୟା ମନେ ହେଉଛି ?

ବାର୍ସାଦ ତତ୍କ୍ଷଣାତ ବାହାରକୁ ଯାଇ ଲୋକମାନଙ୍କୁ ଡ଼ାକି ଆଣିଲା ଏବଂ ତାପରେ ସିଡ଼ନି ନାମଧାରୀ ଚାର୍ଲସର ମୂର୍ଚ୍ଛିତ ଦେହ ବହିନେଇ ଚାଲିଗଲା ।

ତାପରେ ସିଡ଼ନି ସେହି ଅନ୍ଧକାର କୋଠରୀ ଭିତରେ ବସିରହି ପ୍ରଶାନ୍ତ ଭାବରେ ନିଜ ମୃତ୍ୟୁର ପ୍ରତୀକ୍ଷା କରିବାକୁ ଲାଗିଲେ ।

ଅଳ୍ପ ସମୟ ପରେ ଜଣେ ପ୍ରହରୀ ଆସି ତାଙ୍କୁ ବାହାରକୁ ଡ଼ାକି ନେଇଗଲା । ଯେଉଁ ବାବନ ଜଣ ଲୋକଙ୍କର ସେହି ଦିନ ପ୍ରାଣଦଣ୍ଡ ହେବାର ଥିଲା, ବାହାରେ ଗୋଟାଏ ବଡ଼ ହଲରେ ସେମାନଙ୍କୁ ସମସ୍ତଙ୍କୁ

ଏକାଠି କରାଗଲା । ସିଡ଼ନୀଙ୍କୁ ବି ସେଠାରେ ଅପେକ୍ଷା କରିବାକୁ ଆଦେଶ ଦିଆଗଲା ।

ସେମାନଙ୍କ ଭିତରୁ ଜଣେ ଅଳ୍ପ-ବୟସୀ ଶୀର୍ଣ୍ଣା ବାଳିକା ସିଡ଼ନୀଙ୍କୁ ପ୍ରବେଶ କରିବାର ଦେଖି ତାଙ୍କ ପାଖକୁ ଆସି ତାଙ୍କୁ ପଚାରିଲେ, ଏଭ୍ରେମଣ୍ଡ, ତୁମେ ଚିଠି ସେ ଦିନ ଛୁଟି ପାଇଥିଲ ?

ସିଡ଼ନି ମୃଦୁ ସ୍ୱରରେ କହିଲେ—ପାଇଥିଲି, କିନ୍ତୁ ମୋତେ ପୁଣି ଧରିଆଣି ପ୍ରାଣଦଣ୍ଡ ଦେଇଛନ୍ତି ।

ବାଳିକାଟି ପୁଣି କହିଲା—ମୋତେ ତୁମର ମନେ ପଡ଼ୁ ନାହିଁ ବୋଧହୁଏ ! ମୁଁ ଲା-ଫୋର୍ସର କାରାଗାରରେ ତୁମ ସାଙ୍ଗରେ ପରା ବନ୍ଦୀ ହୋଇଥିଲି ।

ସିଡନି ଟିକିଏ ବିବ୍ରତ ଭାବରେ ଜବାବ ଦେଲେ—ହଁ, ମନେ ଅଛି । କିନ୍ତୁ ତୁମ ଅପରାଧଟା ମୋର ମନେ ନାହିଁ ।

ବାଳିକାଟି ଜବାବ ଦେଲା—ଷଡ଼ଯନ୍ତ୍ର ! କିନ୍ତୁ ଭଗବାନ ଜାଣନ୍ତି, ମୁଁ କାହାର ସହିତ କିଛି ଷଡ଼ଯନ୍ତ୍ର କରିଥିବି କି ନା । ମୋ ଭଳି ଗରିବ ଓ ଦୁର୍ବଳ ଲୋକ ସାଙ୍ଗରେ କିଏ ବା ଷଡ଼ଯନ୍ତ୍ର କରିବାକୁ ଆସିବ ? ଦରଜି ଦୋକାନରେ ସିଲାଇ କାମ କରି ଅତି କଷ୍ଟରେ ମୋତେ ଦିନ ନେବାକୁ ହୁଏ । ତେଣୁ ଷଡ଼ଯନ୍ତ୍ର କରିବା ପାଇଁ ମୋର ବା ସମୟ କାହିଁ ?

ତାପରେ ଗୋଟାଏ ମୃଦୁ ଦୀର୍ଘଶ୍ୱାସ ପକାଇ ସେହି ବାଳିକାଟି କହିଲା—ମୋ ଜୀବନ ପାଇଁ ମୁଁ ଚିନ୍ତିତ ନୁହେଁ । ମୋ ଭଳି ଜଣେ ଲୋକର ମୃତ୍ୟୁରେ ଯଦି ଆମ ସାଧାରଣତନ୍ତ୍ରର କୌଣସି କଲ୍ୟାଣ ହୁଏ ତ ହେଉ । ତଥାପି ମୁଁ ଭାରି ଦୁର୍ବଳ । ତୁମେ ମୋ କଡ଼ରେ ଟିକିଏ ରହିଥିବ ତ, ଏଭ୍ରେମଣ୍ଡ ?

ଏତେବେଳେ ଯାଏ ବାଳିକାଟି ଅନ୍ୟ ଆଡକୁ ଚାହିଁ କଥା କହୁଥିଲା । ଏଥର ସେ ଧୀରେ ଧୀରେ ତାଙ୍କ ମୁହଁ ଆଡକୁ ଚାହିଁ ଚମକି ପଡ଼ିଲା । ସିଡ଼ନି ତତ୍‌କ୍ଷଣାତ ତା ହାତ ଧରି ପକାଇ ଟିକିଏ ଟିପି ଦେଇ ତାକୁ ସତର୍କ କରିଦେଲେ । ସେତେବେଳେ ସେ ଧୀରେ ଧୀରେ ତାଙ୍କୁ ପଚାରିଲା—ତୁମେ ବୋଧହୁଏ ତାଙ୍କ ପାଇଁ ପ୍ରାଣ ଦେବ ?

ସିଡ଼ନି ତାକୁ ସତର୍କ କରିଦେଲେ—ଚୁପ୍ ! ହଁ, ଆଉ ତା ସ୍ତ୍ରୀ ଓ ପୁଅଝିଅ ପାଇଁ ।

ବାଳିକାଟି ସଜଳ ନୟନରେ ତା ଆଡ଼କୁ ଚାହିଁ କହିଲା, ତୁମେ ବୀର ! ତୁମେ ଯଦି ଦୟାକରି ମୋ ନିକଟରେ ଟିକିଏ ରୁହ, ମୋ ହାତ ଧର, ତାହାହେଲେ ମୁଁ ଭରସା ପାଇବି । ମୋ କଡରେ ରହୁଥିବ ତ ?

ସିଡ଼ନି କହିଲେ—ହଁ, ଭଉଣୀ ! ମୁଁ ତ ତୁମରି ପାଖରେ ଅଛି, ଆଉ ଥିବି ମଧ୍ୟ ।

## ଉଣଚାଳିଶ

ସେତେବେଳକୁ ମିଷ୍ଟର ଲରିଙ୍କର ଗାଡ଼ି ଡ୍ରାଇଭର ମ୍ୟାନେଟ, ଗ୍ରେମ୍ପ, ଲୁସୀ ଓ ତା ପୁଅଝିଅଙ୍କୁ ନେଇ ପ୍ୟାରିସ ଛାଡ଼ି ଚାଲି ଗଲାଣି। ଶେଷ ବାଧା ଯେଉଁଠାରେ ଥିଲା, ତାହାକୁ ସେମାନେ ନିର୍ବିଘ୍ନ ଓ ନିରାପଦରେ ପାର ହୋଇଗଲେ।

ଏକା ସଙ୍ଗରେ ସମସ୍ତେ ଯିବା ଭଲ ନୁହେଁ ବୋଲି ମିସ୍ ପ୍ରସ୍ ଓ କ୍ରୋଞ୍ଚ ପରେ ଯିବା ପାଇଁ ସ୍ଥିର ହୋଇଥିଲା। ସେହି ବ୍ୟବସ୍ଥା ଅନୁଯାୟୀ ସେମାନେ ଦୁହେଁ ଘରେ ରହିଥିଲେ।

ତିନିଟା ବାଜିବା ପୂର୍ବରୁ ମିସ୍ ପ୍ରସ୍ କ୍ରୋଞ୍ଚକୁ ଗାଡ଼ି ଠିକ୍ କରିବା ପାଇଁ ପଠାଇ ଦେଲା। କଥା ରହିଲା, ସେ ଏକବାର ରାସ୍ତାର ମୁଣ୍ଡରେ ଗାଡ଼ି ଧରି ତା ପାଇଁ ଅପେକ୍ଷା କରିଥିବ।

ଆଉ କିଛି ସମୟ ପରେ ସେ ବାହାରିବା ପାଇଁ ପ୍ରସ୍ତୁତ ହେବାକୁ ଯାଉଛି, ଏମିତି ସମୟରେ ମୂର୍ତ୍ତିମତୀ ମୃତ୍ୟୁ ଭଳି ମାଦାମ ଡେଫାର୍ଜ ଘର ଦୁଆର ମୁହଁରେ ଆସି ଦେଖା ଦେଲା।

ମନ ବୋଧହୁଏ ଅନ୍ତର୍ଯ୍ୟାମୀ। ତେଣୁ ସଦଲ ବଳେ ପ୍ରାଣଦଣ୍ଡ ଦେଖିବାକୁ ଯିବା ସମୟରେ ହଠାତ୍ ମାଦାମ ଡେଫାର୍ଜର ମନ ଭିତରେ କେମିତି ସନ୍ଦେହ ଜାତ ହେଲା, ଯେ ସେମାନେ ସମସ୍ତେ ଭଲରେ

ଅଛନ୍ତି କି ନା ଥରେ ଦେଖିବା ପ୍ରୟୋଜନ । କେବଳ ସେତିକି ନୁହେଁ ସ୍ୱାମୀଙ୍କ ମୃତ୍ୟୁ ସମୟରେ ଲୁସୀ ନିଶ୍ଚୟ ତାଙ୍କ ପାଇଁ କାନ୍ଦାକଟା କରିବ ଏବଂ ଖୁବ ସମ୍ଭବ ସାଧାରଣତନ୍ତ୍ରଙ୍କୁ ଗାଳିମନ୍ଦ ଦେବ । ତେଣୁ ତାହା ନିଜ କାନରେ ଶୁଣି ଆସି ପାରିଲେ ସବୁ ଝମେଲା ତୁଟିଯିବ ଏବଂ ଆଉ କୌଣସି ଅପରାଧ ଦରକାର ହେବ ନାହିଁ ।

ତେଣୁ ଯାଉଁ ଯାଉଁ ସେ ରହିଯାଇ ଭେନ୍‌ଜେନ୍‌ସଙ୍କୁ କହିଲା, ତୁମେ ସବୁ ଚାଲ । ମୁଁ ଯାଏଁ ସେମାନଙ୍କୁ ଠିକଏ ଦେଖିଆସେ । ଖୁବ ଶୀଘ୍ର ଫେରି ଆସିବ । ମୋ ପାଇଁ ଠିକଏ ଜାଗା ରଖିଥିବ ।

ଭେନ୍‌ଜେନ୍‌ସ କହିଲା—କିନ୍ତୁ ଗାଡ଼ି ଆସିବା ପୂର୍ବରୁ ଯେମିତି ଫେରି ଆସ ।

ନିଶ୍ଚୟ, ନିଶ୍ଚୟ । ଏହି ଆସିଲି ବୋଲି ଜାଣ ।

ତାକୁ ଦେଖି ମିସ୍ ପ୍ରସ୍ ତାର ମତଲବଟା ବୁଝି ପାରିଥିଲା । ସେ ଠିକ୍ କଣ କରିବ ତାହା ବୁଝି ନ ଥିଲେ ବୁଢ଼ୀ, ତାର ଉଦ୍ଦେଶ୍ୟଟା ଯେ ଶୟତାନୀରେ ପୂର୍ଣ୍ଣ ତା ମୁହଁ ଦେଖି ସେ ତାହା ନିଶ୍ଚୟ କରି ପାରିଥିଲା । ଆଉ ଯାହା ହେଉ, ଏମାନେ ଯେ କାହାନ୍ତି, ଏହି କଥାଟା ଯେମିତି ତାକୁ ଜାଣିବାକୁ ଦିଆଯିବ ନାହିଁ ।

ସେ ଦୌଡ଼ି ଯାଇ ହଲ୍ ଘରୁ ଅନ୍ୟ ଘରକୁ ଯିବା ପାଇଁ ଯେଉଁ ବାଟ ଅଛି ତାହା ବନ୍ଦ କରିଦେଲା । ତା ପରେ ମାଦାମ ଡେଫାର୍ଜ୍ ଯେମିତି ହଲ୍ ଘରେ ପ୍ରବେଶ କଲେ, ସେ ହଲ୍ ଘରୁ ବାହାରିବା ବାଟଟି ଅଟକାଇ ଠିଆ ହେଲା ।

ମାଦାମ ଡେଫାର୍ଜ୍ ଭ୍ରୂକୁଞ୍ଚିତ କରି ପଚାରିଲା—ଏମାନେ କୁଆଡ଼େ ଗଲେ ?

ମିସ୍‌ ପ୍ରସ୍‌ଙ୍କୁ ଫରାସୀ ଭାଷା ଜଣା ନ ଥିଲା । ସେ ଜବାବ ଦେଲା—ବୁଝିଛି, ବୁଝିଛି ଶୟତାନୀ, ତୋର ମତଲବଟା କଣ । କିନ୍ତୁ ତାହା ହୋଇ ନ ପାରେ । ମୁଁ ବଞ୍ଚି ଥାଉଁ ଥାଉଁ ତୁ ଝିଅର କୌଣସି ଖବର ପାଇବୁ ନାହିଁ ।

ମାଦାମ ଡେଫାର୍ଜ ତାର ଇଂରେଜୀ କଥା କିଛି ବୁଝି ନ ପାରି ରାଗି ଯାଇ କହିଲା—ମୋର ଠିଆ ହେବାକୁ ଆଦୌ ସମୟ ନାହିଁ । ଏଭ୍ରେରମଣ୍ଡଙ୍କ ସ୍ତ୍ରୀ କାହିଁ ? ତା ସାଙ୍ଗରେ ଥରେ ଦେଖାକରି ମୁଁ ଚାଲିଯିବି

ମିସ୍‌ ପ୍ରସ୍‌ ବି କଠିନ ସ୍ଥିର ଦୃଷ୍ଟିରେ ତା ମୁହଁ ଆଡ଼କୁ ଅନାଇ କହିଲା—ଯେତେ କଟମଟ କରି ଅନାଅ ପଛେକେ, ମୋ ପାଖରୁ ତୁ କିଛି ବିଶେଷ ସୁବିଧା ହାସଲ କରି ପାରିବୁ ନାହିଁ ।

ମାଦାମ ଡେଫାର୍ଜ ଏଥର ଖୁବ ରାଗିଯାଇ ପାଟି କରି କହିଲା— ଏହି ବୋକା ମାଇକିନାଟାକୁ ନେଇ ତ ବଡ଼ ବିପଦରେ ପଡ଼ିଲି, ଦେଖୁଛି । ଆରେ, ତୋ ପାଖରେ ମୋର କିଛି କାମ ନାହିଁ । ମୁଁ ଡାକ୍ତର ଓ ତା ଝିଅକୁ ଚାହେଁ । ସେମାନେ ଅଛନ୍ତି କି ନା କହ । ନ ହେଲେ ହଟ୍‌, ମୁଁ ନିଜେ ଯାଇ ଦେଖି ଆସୁଛି ।

ମିସ୍‌ ପ୍ରସ୍‌ କଥାଟି ବୁଝି ନ ପାରିଲେ ବି ସୁଦ୍ଧା ଭାବଟି ଠିକ ବୁଝି ଥିଲା । ସେ ଜବାବ ଦେଲା—ତୁମେ ଯାହା ଜାଣିବାକୁ ଚାହୁଁଛ, ତାହା ମୁଁ ଥାଉଁ ଥାଉଁ ତୁମକୁ ଜାଣିବାକୁ ଦେବି ନାହିଁ । କାରଣ ତୁମେ ଯେତେ ବିଳମ୍ବରେ ତା ଜାଣିବ, ମୋ ଝିଅ ପକ୍ଷରେ ସେତେ ମଙ୍ଗଳ ହେବ । ଆଗେଇ ଆସୁଛ କଣ ? ମୁଁ ଖାଣ୍ଟି ଇଂରେଜର ଝିଅ । ମୋ ଦେହରେ ହାତ ଦେଲେ, ତୁମର ଖଣ୍ଡିଏ ହାଡ଼ ବି ମୁଁ ରଖିବି ନାହିଁ ।

ଏତେବେଳ ଯାଏ ଦୁହେଁ ଦୁହିଁଙ୍କ ଆଡ଼କୁ ସ୍ଥିର ଦୃଷ୍ଟିରେ ଚାହିଁ ରହିଥିଲେ । କିନ୍ତୁ ମାଦାମ ଡେଫାର୍ଜର ଆଖି ଯେମିତି ଥରେ ଘରର ଆସବାବପତ୍ର ଉପରେ ବୁଲି ଆସିଲା, ସେ ତତ୍‌କ୍ଷଣାତ୍ ବୁଝିଗଲେ ଜିନିଷପତ୍ର ବନ୍ଧାବନ୍ଧିର ଚିହ୍ନ ପାଇଗଲା । ତା ଛଡ଼ା ଏତେ ଡ଼କାଡ଼କି କରିବା ସତ୍ତ୍ୱେ ଘର ଲୋକଙ୍କର ପତ୍ତା ମିଳୁନାହିଁ । ବ୍ୟାପାରଟା କଣ ? ତା ମନର ସନ୍ଦେହ ଗାଢ଼ ହେଲା । ସେ କହିଲା—ଜିନିଷପତ୍ର ଗୁଡ଼ାକ ଏମିତି ଭାବରେ ପଡ଼ି ରହିଛି, ଆଉ ଏଣେ ବି ଘରଟା ଫାଙ୍କା ମାଲୁମ ହେଉଛି । ତେଣୁ ଲକ୍ଷଣ ଭଲ ନୁହେଁ । ଶୀଘ୍ର ହଟି ଯା, ମୋତେ ଥରେ ଦେଖିବାକୁ ଦେ, ଘଟଣାଟା କଣ ? ଏକ୍ଷଣି ବି ସମୟ ଅଛି । ସେମାନେ ବେଶୀ ଦୂର ଯାଇ ପାରି ନ ଥିବେ ନିଶ୍ଚୟ । ଏକ୍ଷଣି ସେମାନଙ୍କ ଫେରାଇ ଅଣାଯାଇ ହେବ ।

ମିସ୍ ପ୍ରସ୍ ଅଧିକ ଶକ୍ତି ସଞ୍ଚୟ କରି କହିଲା—ଯେତେବେଳେ ଯାଏ ସଠିକ ଖବର ନ ପାଉଛୁ ଯେ ସେମାନେ ପଳାଇ ଯାଇଛନ୍ତି, କି ନା ସେତେବେଳ ଯାଏ ତୁ କିଛି କରି ପାରିବୁ ନାହିଁ । ଆଉ ସେହି ଖବର ତୁ ମୋ ଦେହରେ ପ୍ରାଣ ଥିବା ଯାଏ ପାଇ ପାରିବୁ ନାହିଁ ।

ଏଥର ମାଦାମ ଡ଼େଫାର୍ଜର ଧୈର୍ଯ୍ୟଚ୍ୟୁତି ଘଟିଲା । ସେ ତାକୁ ଜୋରରେ ହଟାଇ ଦେଇ ଦୁଆର ଖୋଲି ବାହାରି ଯିବା ପାଇଁ ଦୌଡ଼ି ଆସିଲା । କିନ୍ତୁ ସେତେବେଳେ ସେ ମିସ୍ ପ୍ରସ୍‌କୁ ମଧ୍ୟ ଚିହ୍ନି ନ ଥିଲା । ଯେମିତି ସେ ଦୁଇ ପାଦ ଆଗେଇ ଯାଇଛି, ମିସ୍ ପ୍ରସ୍ ତାକୁ ଜୋରରେ କୁଣ୍ଡାଇ ଧରିଲା । ମାଦାମ ଡ଼େଫାର୍ଜର ଦେହରେ ବି ଶକ୍ତି କମ ନ ଥିଲା । କିନ୍ତୁ ସେ ପ୍ରାଣପଣେ ଚେଷ୍ଟା କରି ସୁଦ୍ଧା ସେ ଭୟଙ୍କର ଆଲିଙ୍ଗନ ଢିଲା କରି ପାରିଲା ନାହିଁ । ସେ ଆଙ୍ଗୁଠି କାମୁଡ଼ି ମିସ୍ ପ୍ରସର ଦେହ ମୁହଁ କ୍ଷତ ବିକ୍ଷତ କରି ଦେଲା । ମାତ୍ର ସେ ଯେମିତି ଡେଫାର୍ଜର

କମରକୁ ଜୋରରେ ଜାବୁଡ଼ି ଧରିଥିଲା, ଠିକ୍ ସେମିତି ଧରି ରହିଲା । ଅନେକ ବେଳ ଯାଏ ଧସ୍ତାଧସ୍ତି କରି ମୁଦ୍ଧା ତାକୁ ଛଡ଼ାଇବାର ଚେଷ୍ଟା ବୃଥା ବୁଝିପାରି ଡେଫାର୍ଜ ସେତେବେଳେ ଅନ୍ୟ ବାହ ଧରିଲା । ତା ଛାତି ପାଖରେ ଜାମା ତଳେ ଗୋଟିଏ ପିସ୍ତଲ ଥିଲା । ସେ ସେଇଟା ବାହାର କରିବା ପାଇଁ ଚେଷ୍ଟା କଲା । ମାତ୍ର ମିସ୍ ପ୍ରସ୍ ଆଗରୁ ତା ମତଲବଟା ବୁଝି ପାରିଥିଲା । ନିଜ ପିସ୍ତଲ ସହିତ ତା ହାତଟା ଜୋରରେ ଚିପି ଧରିଲା, ଏବଂ ସଙ୍ଗେ ସଙ୍ଗେ ପ୍ରଚଣ୍ଡ ଶବ୍ଦ କରି ଗୁଳି ଏକବାରେ ଡେଫାର୍ଜର ଛାତି ଫୁଟି ବାହାରି ଗଲା ।

ପ୍ରଥମେ କାହିଁକି ହତଭମ୍ବ ହୋଇ ମିସ୍ ପ୍ରସ୍ ଛିଡ଼ା ହୋଇଗଲା । ତାପରେ ଧୂଆଁଟା ଏକାବାରେ ପରିଷ୍କାର ହୋଇ ଯିବାକ୍ଷଣି ତା ହାତଟା ଛାଡ଼ି ଦେଲା । ତତ୍କ୍ଷଣାତ ଡେଫାର୍ଜର ପ୍ରାଣହୀନ ଉତ୍କ୍ରାନ୍ତ ଦେହଟା ମାଟିରେ ଗଡ଼ି ପଡ଼ିଲା ।

ମିସ୍ ପ୍ରସ୍‌ର ବାହାରଟା ଯେତେ କଠିନ ହେଉ ପଛକେ, ସେ କେବେ ହେଲେ କାହାରି ଦେହରେ ହାତ ଦେଇ ନ ଥିଲା । ଆଜି ଆଜି ତାରି ହାତରେ ଗୋଟାଏ ନରହତ୍ୟା ହେଲା । ସେ ସେଇ ଆଡ଼କୁ ଅନାଇ ପାରୁ ନ ଥିଲା । ସେହି ଘର ଭିତରେ ଥାଇଁ ଥାଇଁ ଯେମିତି ତାର ନିଶ୍ବାସ ବନ୍ଦ ହୋଇ ଆସୁଥିଲା । ସେ ଶୀଘ୍ର ଶୀଘ୍ର ତା ଲୁଗାପଟା ବନ୍ଦୋବସ୍ତ କରି ଘରୁ ବାହାରି ପଡ଼ିଲା ଏବଂ ତାପରେ ସାବଧାନରେ ସହକାରେ ଦୁଆରରେ ତାଲା ଦେଇ ସେ ତତ୍କ୍ଷଣାତ ଦେଖିବା ସନ୍ଧାନରେ ଚାଲିଗଲା ।

ସେତେବେଳେ ଜଣେ ତାକୁ କାନ୍ଦ ମାଡ଼ୁଥିଲା । ତା ଛଡ଼ା ତା ମୁହଁ ଆଖିର ଯାହା ଅବସ୍ଥା, ଭଗ୍ୟକୁ ଦେହରେ ଗୁଦଡ଼ଟା ଓଢ଼ଣୀ ଭଳି କରି ଦେଇ ଥିବାରୁ ରକ୍ଷା ମିଳିଲା । ତା ନ ହେଲେ ସେହି ଅବସ୍ଥାରେ ସେ

ଏକ ପାହୁଣ୍ଡ ବି ଆଗକୁ ଯାଇ ପାରିଥାନ୍ତା କି ନା ସନ୍ଦେହ । ପୋଲ ଉପରେ ଯାଉଁ ଯାଉଁ ସେ ଘରର ଗୃହ୍ମ ଜଳକୁ ଫିଙ୍ଗି ଦେଲା, ଏବଂ ତା ପରେ ଏକ ପ୍ରକାର ଅର୍ଦ୍ଧ ମୂର୍ଚ୍ଛିତ ଅବସ୍ଥାରେ ଯାଇ ଜେଗ୍ସ ପାଖରେ ପଡ଼ିଥିଲା ।

ଜେଗ୍ସ ତାର ଏମିତ ଅବସ୍ଥା ଦେଖି ଅବାକ୍ ହୋଇଯାଇ ତାକୁ ପଚାରିଲା—ଘଟଣା କଣ ? କଣ ହୋଇଛି କି ?

ମିସ୍ ପ୍ରସ୍‌ର ସେ ଆଡ଼କୁ କାନ ନ ଥିଲା । ସେ ପଚାରିଲା—ବାଟରେ କୌଣସି ପ୍ରକାର ଗଣ୍ଡଗୋଳ ଶୁଣିଛ ?

ହଁ, ଶୁଣିଛି । ଯେମିତି ଗଣ୍ଡଗୋଳ ହୁଏ, ସେମିତି ହେଉଛି ।

କଣ କହୁଛ ? ମୁଁ କିଛି ଶୁଣି ପାରିଲି ନାହିଁ ।

ସେ କେମିତିକା କଥା ? ଏତିକି ଘଣ୍ଟାକ ଭିତରେ ତୁମେ କାଲ ହୋଇଗଲ ନା କଣ ?

ମିସ୍ ପ୍ରସ୍ କେତେକ ପରିମାଣରେ ଯେମିତ ନିଜ ମନେ ମନେ କହିଲା—ବନ୍ଧୁକ ଭଳି ଗୋଟାଏ ଆଲୁଅ ଜଳି ଉଠିଲା, ତା ପରେ ଗୋଟାଏ ବଡ଼ି ଗର୍ଜନ ହେଲା, ଆଉ ସେତିକିବେଳେ ମୁଁ ଆଉ କିଛି ଶୁଣି ପାରୁ ନାହିଁ ।

ସେତେବେଳେ ଦୂରରେ କଏଦୀମାନଙ୍କର ଗାଡ଼ି ଗୁଡ଼ାକ ଯାଉଥିଲା । ସେହି ଗାଡ଼ିସବୁ ଘେରି ଜନସ୍ରୋତ ଚାଲିଥିଲା । ସେମାନଙ୍କର ବିଭତ୍ସ କୋଳାହଳରେ ଆକାଶ ପରିପୂର୍ଣ୍ଣ ।

ଜେଗ୍ସ କହିଲା—ଯଦି ଏତେ ଶବ୍ଦ ତୁମ କାନରେ ନ ପଶୁଛି, ତାହାହେଲେ ଆଉ କିଛି ଶବ୍ଦ କଣ କେବେ ହେଲେ ତୁମ କାନରେ ଯାଇ ପହଞ୍ଚିବ ?

ପ୍ରକୃତରେ ମିସ୍ ପ୍ରସ୍‌ର କାନରେ ଆଉ କୌଣସି ଶବ୍ଦ କେବେ ପହଞ୍ଚି ନ ଥିଲା ।

# କୋଡ଼ିଏ

ସେତେବେଳେ ପ୍ୟାରିସର ରାଜପଥରେ ଛଅ ଖଣ୍ଡି ଗାଡ଼ି ମଣିଷ ବୋଝାଇ ହୋଇ ମଣିଷର ରକ୍ତ ପିପିସା ମେଣ୍ଟାଇବା ପାଇଁ ଚାଲୁଥିଲା । ଦୁଇ ପାଖରେ କ୍ଷିପ୍ତ ଜନସ୍ରୋତ ଭେଦ କରି ଛଅ ଖଣ୍ଡି ଗାଡ଼ି ଦୁଇ କଡ଼ରେ ଉତ୍‌ସୁକ ରକ୍ତ ପିପାସୁ ମୁଖ ହଟାଇ ହଟାଇ ଯାଉଥିଲା, ଠିକ୍ ଯେମିତି କୃଷକର ଲଙ୍ଗଳ ଚାରିଆଡ଼େ ମାଟି ବିଛୁଡ଼ି ବିଛୁଡ଼ି ଓ ମାଟି କାଟି କାଟି ଆଗକୁ ଯାଏ ।

କିନ୍ତୁ ଦିନ ଥିଲେ ଏହିପରି ଭାବରେ ଦୁଇ କଡ଼ରେ ଜନସ୍ରୋତ ଠେଲି ଠେଲି ଓ ଜନତାର ପୂଜା ନେଇ ନେଇ ବଡ଼ଲୋକମାନଙ୍କର ଗାଡ଼ି ଯାଉଥିଲା, ତାହା ବି ଯେମିତି ରହିଲା ନାହିଁ, ଏହା ମଧ୍ୟ ସେମିତି ରହିବ ନାହିଁ । ମହାକାଳ ଯେମିତି ସେହି ଦମ୍ଭ ଚୂର୍ଣ୍ଣ କରିଛନ୍ତି, ଏ ଦମ୍ଭ ବି ସେମିତି ଦିନେ ଚୂର୍ଣ୍ଣ କରିବ । ତଥାପି ବର୍ତ୍ତମାନ ପାଇଁ ଏହାହିଁ ନିତ୍ୟ, ଏହାହିଁ ନିଶ୍ଚୟ ଘଟିବ ।

ସେହି ଗାଡ଼ି ଭିତରେ କେହି ବା ମୂର୍ତ୍ତିମାନ ହତାଶା ପରି ମୁହଁ ଢାଙ୍କି ବସି ରହିଛନ୍ତି, କେହି ବା ମୂର୍ଚ୍ଛିତ, କେହି ବା ଉନ୍ମାଦ ଆଉ କେହି ବା ଜନତା ନିକଟରେ ଦୟା ଭିକ୍ଷା କରୁଛି, କେହି ବା ସେତେବେଳ ଯାଏ ତାର ଜୀବନର ଆଶା ଛାଡ଼ି ନାହିଁ । କିନ୍ତୁ କିଏ ଦୟା କରିବ ? ରକ୍ତ ଲୋଡ଼ା, ନର-ରକ୍ତ !

ମଣିପୁର ସମସ୍ତ ବିଭସ୍ତ କଳ୍ପନା ଏକଦା ଧାଇଁ ସେହି, ଯେ ବୈଚିତ୍ର୍ୟ ଗଢି ଉଠିଛି, ସେହି ଗିଲୋଟିନ୍, ତାର ରକ୍ତ ପିପାସା ଘେନି ସେ ଠିଆ ହୋଇଛି, ତାର ଆଜ ଏହି ବାବନ ଜଣଙ୍କର ରକ୍ତ ଲୋଡ଼ା !'

ଏଭ୍ରେମଣ୍ଡ କାହିଁ ?

ଜନତା ଭିତରେ ଏହି ପ୍ରଶ୍ନ ମଝିରେ ମଝିରେ ଉଠୁଥାଏ ।

ହେଇ ଯେ ଏଭ୍ରେମଣ୍ଡ—ଶାନ୍ତ, ଗମ୍ଭୀର ବଦନରେ ଜଣେ ବୋଗଣା ଝିଅର ହାତ ଧରି ସେହି ଯେ ଗାଡିର, ଗୋଟାଏ କୋଣରେ ଠିଆ ହୋଇଛି ।

ଜନ ବାର୍ସାଦ ମଧ୍ୟ ଅଧୀର ଆଗ୍ରହରେ ଟୋଟିଏ ପାଖରେ ଠିଆ ହୋଇ ଅପେକ୍ଷା କରୁଥିଲା ।

ତା ହାହେଲେ ଏଭ୍ରେମଣ୍ଡ କଣ ଆସି ନାହିଁ ? ନା, ସେହି ପରା !

ଜଣେ ପଚାରିଲା—ଏଭ୍ରେମଣ୍ଡ କିଏ ?

ବାର୍ସାଦ ଅଙ୍ଗୁଳିରେ ଦେଖାଇ ଦେଲା—ସେହି ଯେ !

ପୋଡି ଯାଉ ! ଏଭ୍ରେମଣ୍ଡ-ବଂଶ ଜଳି ଯାଉ, ଧ୍ୱଂସ ହୋଇଯାଉ !

ସଙ୍ଗେ ସଙ୍ଗେ ଚାରିଆଡ଼େ ସେହି ଗର୍ଜନ ଉଚ୍ଛୁଳି ପଡ଼ିଲା—ଏଭ୍ରେମଣ୍ଡ ଧ୍ୱଂସ ହେଉ !

ଯାହାକୁ ଉପଲକ୍ଷ୍ୟ କରି ଏହି ଗର୍ଜନ, ସେ ଖାଲି ଟିକିଏ ହସି ମୁଖ ଫେରି ଚାହିଁଲା, ଏବଂ ମଥା ତଳକୁ କରି ଝିଅଟି ସହିତ ଗପ କରିବାକୁ ଲାଗିଲା ।

ଏଣେ ଭେଞ୍ଜେନ୍ସ ଅସ୍ଥିର ହୋଇ ପଡିଲାଣି । ମାଦାମ ଡେଫାର୍ଜ କାହିଁ ? ଗାଡି ଯେ ଆସି ପହଞ୍ଚିଗଲା ! ତାର ତ ଆଦୌ ଭୁଲ ହୁଏ

ନାହିଁ, ଆଜ କାହିଁକି ଏମିତ ହେଲା ? ତା ଚୌକି ଖାଲି ପଡ଼ିଛି, ସେ କାହିଁ ? ଆଜ ଦିନରେ ତାର କାହିଁକି ବିଳମ୍ବ ?

ସେଣ୍ଟ ଓ୍ୱେରୋଣ୍ଡା ତ୍ରିଅଟି ପଚାରିଲା—ଏଥର କଣ ସମୟ ହେଲା ? ଆମକୁ କଣ ଯିବାକୁ ହେବ ?

ହଁ, ଭଉଣୀ, ସମୟ ହୋଇଛି ।

ସେ ଏକାନ୍ତ ସହୃଦୟତା ସହିତ ଶାନ୍ତ କଣ୍ଠରେ କହିଲା, ମୋର ଗୋଟିଏ ସାନ ଭଉଣୀ ରହିଲା । ହୁଏତ ତାଙ୍କୁ ଆଉ ସାଥୀରଣଙ୍କର ପ୍ରୟୋଜନ ହେବ ନାହିଁ । ହୁଏତ ସେ ଅନେକ ଦିନ ବଞ୍ଚିବ । ସ୍ୱର୍ଗକୁ ଯାଇ ମୁଁ କଣ ତା ପାଇଁ ଅପେକ୍ଷା କରି ପାରିବ ? କଷ୍ଟ ହେବ-ନାହିଁ ?

ନା, ଭଉଣୀ । ସେଠାରେ ସମୟ ନାହିଁ, କି ପ୍ରତୀକ୍ଷା ବି ନାହିଁ । ସେଠାରେ ଅଛି କେବଳ ପରିପୂର୍ଣ୍ଣ ନିବିଡ଼ ଶାନ୍ତି ।

ସେ ଗୋଟାଏ ଦୀର୍ଘଶ୍ୱାସ ଛାଡ଼ି କହିଲା—ମୁଁ ମୂର୍ଖ ତ୍ରିଅଟିଏ । ସେସବୁ କିଛି ଜାଣି ନାହିଁ । ତାହା ହେଉ, ତାହା ବରଂ ଭଲ ।

ସେମାନେ ମହା ପ୍ରସ୍ଥାନର ପଥରେ ଠିଆ ହୋଇ ଦୁହେଁ ଦୁହିଙ୍କୁ ଚୁମ୍ବନ କଲେ । ଦୁହେଁ ଦୁହିଙ୍କୁ ପରସ୍ପର ନୀରବ ଆଶୀର୍ବାଦ ଜଣାଇଲେ, ତାପରେ ତ୍ରିଅଟି ଶାନ୍ତ ଧୀର ପଦକ୍ଷେପରେ ଆଗେଇ ଗଲା ମୃତ୍ୟୁ ଆଡ଼କୁ, ଶାନ୍ତି ଆଡ଼କୁ ।

ଭେଜ୍‌ଜେନ୍‌ସ ଗଣିଲା—ବାଇଶ !

ଏଥର ତେଇଶ, ସିଡନୀର ନମ୍ବର !

ତଳେ ଅସଂଖ୍ୟ ମଣିଷ ଉପରକୁ ମୁହଁ ଟେକି ଉତ୍ସୁକ ନୟନରେ ଚାହିଁ ରହିଛନ୍ତି, ଆଉ ଉପରେ ଅସୀମ ନୀଳ ଆକାଶ । ଏହା ଭିତରୁ ଟେଙ୍କୀ ଶପିଥା ତା ଆଖିରେ ପଡ଼ିଲା ନାହିଁ ।

ସେତେବେଳେ ତାର ଚତୁର୍ଦ୍ଦିଗରେ, ସମସ୍ତ ବଗ୍ଧର ଆକାଶମଣ୍ଡଳ ବ୍ୟାପି ଯେମିତି ଧ୍ୱନିତ ହେଉଥିଲା ପରମ ପୁରୁଷଙ୍କର ଶେଷ ଅଭୟ ଆଶ୍ୱାସ ବାଣୀ—

"ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ,
ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି, ମା ଶୁଚ ।"

ଟେଭଳ୍କ !

ମଙ୍ଗ ଦୋକାନରେ, ରେସ୍ତୋରାଁ ବୈଠକରେ ସମସ୍ତେ କୁହା କୁହି ହେଉଥିଲେ ଯେ ଏମିତି ଗଭୀର ଶାନ୍ତ ଅଭୟ କୌଣସି ମୃତ୍ୟୁ-ଯାତ୍ରୀର ମୁହଁରୁ ଉପମାନେ କଦାପି ଶୁଣି ନ ଥିଲେ ।

ସେହି ଦିନ ମୃତ୍ୟୁର ଠିକ ପୂର୍ବରୁ ଜଣେ ମହିଳା ବନ୍ଦୀ ତାଙ୍କ ସେତେବେଳାର ମନୋଭାବ ମରିବା ପୂର୍ବରୁ ଲିପିବଦ୍ଧ କରି ରଖିଯିବ ବୋଲି ଜଣ୍ଡି ଏ କାଗଜ ଓ କଲମ ମାଗିଥିଲା । ତାକୁ ଅବଶ୍ୟ ସେହି ସୁଯୋଗ ଦିଆଗଲା ନାହିଁ । ଯଦି ସିଏ ସିଡ଼ନି ମୃତ୍ୟୁ ପୂର୍ବରୁ ସେହି ଅନୁରୋଧଟା କରିଥାନ୍ତା, ଏବଂ ତାକୁ କାଗଜ-କଲମ ଦିଆ ହୋଇଥାନ୍ତା, ଯଦି ମୃତ୍ୟୁ ପୂର୍ବରୁ ମନୁଷ୍ୟ ଦିବ୍ୟ ଦୃଷ୍ଟି ଲାଭ କରିବା କଥାଟା ଯଦି ସତ୍ୟ ହୋଇଥାନ୍ତା, ତାହାହେଲେ ସିଡ଼ନି କଣ ଲେଖି ଯାଇଥାନ୍ତା ଜାଣ ?

ସେ ଲେଖି ଥାଆନ୍ତା—

ଆଜିର ଏହି ଅତ୍ୟାଚାର, ଧ୍ୱଂସର ଏହି ତାଣ୍ଡବ ଲୀଳା, ଏହା ସତ୍ୟ ନୁହେଁ । ଏହାର ଅନ୍ତରାଳରେ ଅଛି ପରମ କଲ୍ୟାଣ । ଏହି ଭସ୍ମାବଶେଷ ଭିତରୁ ଜାଗି ଉଠିବ ଏକ ମହାନ୍ ଜାତି, ଫ୍ରାନ୍ସର ଭବିଷ୍ୟତ ସନ୍ତାନ ଗଣ, ଭାବୀ ବଂଶଧରମାନେ ! ବାରମ୍ବାର ସେମାନଙ୍କର ପଦ-ସ୍ଖଳନ ହେବ, ବାରମ୍ବାର ହୁଏତ ସେମାନେ ସତ୍ୟ ପଥରୁ ଭ୍ରଷ୍ଟ

ହୋଇ ପଡ଼ିବେ, ଭୁଲ-କରିବେ । ତଥାପି ସେମାନଙ୍କର ଅଭିଯାନ ଦିନେ ସତ୍ୟ ହେବ । ଜୟ ପରାଜୟ ଭିତରେ ଆଜିର ଏହି ଚେଷ୍ଟା ଦିନେ ନା ଦିନେ ସତ୍ୟର ରୂପ ପରିଗ୍ରହ କରିବ ।

ଆଜି ଆଉ ମୋର କୌଣସି ଦୁଃଖ ନାହିଁ । ଜୀବନ ମରଣର ସନ୍ଧି ସ୍ଥଳରେ ଠିଆ ହୋଇ ମୁଁ ଏ କଥା ନିଶ୍ଚିତ ଭାବରେ ଘୋଷଣା କରି ପାରେ । ଯେଉଁମାନଙ୍କର ସୁଖର ସଂସାର ମୁଁ ଅକ୍ଷତ ରଖିବାକୁ ଯାଉଛି, ସେମାନଙ୍କ ଜୀବନର ମୂଲ୍ୟ ମୋ ଠାରୁ ପ୍ରକୃତରେ ଯଥେଷ୍ଟ ବେଶୀ । ଏହି ତ, ମୁଁ ଦିବ୍ୟ ଚକ୍ଷୁରେ ଦେଖି ପାରୁଛି, ଡାକ୍ତର ସୁସ୍ଥ ହୋଇଯାଇ ପୁଣି ଲୋକ-ସେବାରେ ଆତ୍ମ-ନିୟୋଗ କରିଛନ୍ତି । ଏହି ତ, ଲୁସୀ ଓ ଗୁର୍ଲସ ସେମାନଙ୍କ ଜୀବନର ପ୍ରତ୍ୟେକ କର୍ତ୍ତବ୍ୟ ଏକାନ୍ତ ନିଷ୍ଠା ସହକାରେ ପାଳନ କରି ଯାଉଛନ୍ତି । ସେମାନଙ୍କ ଅନ୍ତରରେ ଚିରକାଳ ଲାଗି ମୋ ସ୍ମୃତିର ଯେଉଁ ପୂଜା ଚାଲିବ, ତାର ମୂଲ୍ୟ କଣ ମୋର ଏହି ଅକର୍ମଣ୍ୟ ଦୁର୍ବଳ ଜୀବନ ଠାରୁ ବଡ ନୁହେଁ ?

ଏହାହିଁ ଭଲ, ଏହି ମୋର ଭଲ । ମୋ ଜୀବନରେ ଏହାହିଁ ସର୍ବ ପ୍ରଥମ ଓ ସର୍ବ ଶ୍ରେଷ୍ଠ ସତ୍ କର୍ମ । ଏହାର ମୂଲ୍ୟ ମୋ ଜୀବନ ଠାରୁ ଯଥେଷ୍ଟ ଅଧିକ !

ଶେଷ—

ମୁଦ୍ରାକର—ଚନ୍ଦ୍ରମଣି ଦାସ, ଉତ୍କଳ ପ୍ରେସ, କଟକ—୧୯୫୫